



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-340 •BHUBANESWAR •THURSDAY •6 JUNE 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୩୪୦ •ଭୁବନେଶ୍ୱର •ଗୁରୁବାର •୬ ଜୁନ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦


# ରାଜ୍ୟ ରାଜନୀତିରେ ଯୁଗାବସାନ

## ମୁଖ୍ୟମନ୍ତ୍ରୀ ପଦରୁ ନବୀନଙ୍କ ଇସ୍ତଫା



**ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ କାମ କରି ଚାଲିଥିବି**

**୨୪ବର୍ଷ ଧରି ନିରନ୍ତର ସେବାର ସୁଯୋଗ ଲାଗି କୃତଜ୍ଞତା**

■ **ଭୁବନେଶ୍ୱର, ୫।୬ (ସମିସ):** ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ବିଧାନସଭା ନିର୍ବାଚନରେ ବିଜେଡି ସଂଖ୍ୟା ଗରିଷ୍ଠତା ହରାଇବା ପରେ ସେ ବୁଧବାର ସକାଳେ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି ।

ବୁଧବାର ସକାଳେ ଇସ୍ତଫା ପ୍ରଦାନ ନିମନ୍ତେ ରାଜଭବନକୁ ଯିବା ପୂର୍ବରୁ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବରିଷ୍ଠ ନେତା ଦେବୀ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଓ ଅତନୁ ସବ୍ୟସାଚୀ ନାୟକଙ୍କ ସହ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଲୋଚନା କରିଥିଲେ। ଏହାପରେ ସେ ରାଜଭବନରେ ରାଜ୍ୟପାଳଙ୍କୁ ଭେଟି ନିଜର ଇସ୍ତଫା ପ୍ରଦାନ କରିଥିଲେ।

ନବୀନଙ୍କ ଇସ୍ତଫା ପତ୍ରକୁ ରାଜ୍ୟପାଳ ଗ୍ରହଣ କରିବା ସହ ନୂଆ ସରକାର ଗଠନ ହେବା ପର୍ଯ୍ୟନ୍ତ ରାଜ୍ୟର କାର୍ଯ୍ୟକାରୀ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବା ପାଇଁ ରାଜ୍ୟପାଳ ଅନୁରୋଧ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଶ୍ରୀ ଦାସ ରାଜ୍ୟବାସୀଙ୍କ ଦୀର୍ଘ ସେବା ନିମନ୍ତେ ଧନ୍ୟବାଦ ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ରାଜନୈତିକ ଅଭିଜ୍ଞତା ରାଜ୍ୟ ଓ ଦେଶ ପାଇଁ କାମରେ ଲାଗିବ ବୋଲି ଆଶାପ୍ରକଟ କରିଛନ୍ତି। ଏହାସହିତ ଶ୍ରୀଜଗନ୍ନାଥଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି।

ଅପରପକ୍ଷରେ ଇସ୍ତଫା ଦେବା ପରେ ସନ୍ଧ୍ୟାରେ ନବୀନ ପଟ୍ଟନାୟକ ରାଜ୍ୟର ସାଢ଼େ ଚାରି କୋଟି ଓଡ଼ିଶାବାସୀ ତାଙ୍କୁ ନିରନ୍ତର ଭାବେ ସେବାର ସୁଯୋଗ ଦେଇଥିବାରୁ ଗଭୀର କୃତଜ୍ଞତା ଜଣାଇଛନ୍ତି। ରାଜ୍ୟବାସୀଙ୍କ କଲ୍ୟାଣ ନିମନ୍ତେ ସେ କାର୍ଯ୍ୟ କରି ଆସିଛନ୍ତି ଓ ପ୍ରତିବଦ୍ଧତାର ସହ କାର୍ଯ୍ୟ କରି ଚାଲିଥିବି ବୋଲି କହିଛନ୍ତି ।

**ମୋଦୀ ଏନ୍‌ଡିଏ ନେତା ନିର୍ବାଚିତ**

# ଦ୍ୱନ୍ଦ୍ୱ ବଢ଼ାଉଛି ଗଣିତ

■ **ନୂଆଦିଲ୍ଲୀ, ୫।୬ (ଏଜେନ୍ସି):** ଲୋକସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇସାରିଛି; ହେଲେ କୌଣସି ଦଳ କେନ୍ଦ୍ରରେ ସରକାର ଗଢିବାକୁ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିପାରି ନାହିଁ। ସରକାର ଗଠନ ପାଇଁ ୨୭୨ ସଦସ୍ୟଙ୍କ ଆବଶ୍ୟକତା ରହିଥିଲା ବେଳେ ବିଜେପି ସର୍ବାଧିକ ୨୪୦ ଆସନ ପାଇଛି। ତେଣୁ ନିଜର କିଛି ପ୍ରମୁଖ ଅଂଶୀଦାରଙ୍କ ସମର୍ଥନରେ ସରକାର ଗଠନ ପାଇଁ ଅଣ୍ଟା ଭିଡିଛି। ଏହିକ୍ରମରେ ବୁଧବାର ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏନଡିଏ ମେଣ୍ଟ ବୈଠକରେ ପ୍ରମୁଖ ସହଯୋଗୀ ଦଳର ନେତାମାନେ ଆଲୋଚନା କରି ସରକାର ଗଠନ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ତେବେ ସରକାରରେ ସାମିଲ ହେବା ପାଇଁ ଜେଡିୟୁ, ଟିଡିପି ଲିଖିତ ପ୍ରତିଶ୍ରୁତି ଦେଇଥିଲେ ହେଁ ରଖିଥିବା ସର୍ତ୍ତ ବିଜେପିକୁ ଅଡୁଆରେ ପକାଇଛି। ଏହି ପରିପ୍ରେକ୍ଷୀରେ ସରକାର ଗଢ଼ିବାକୁ 'ଇଣ୍ଡିଆ' ମେଣ୍ଟ ବୈଠକରେ ଜାରି ରହିଥିବା କସରତ କେନ୍ଦ୍ର ରାଜନୀତିକୁ ସରଗରମ କରିଛି। ▸ପୃଷ୍ଠା-୯

**ସର୍ତ୍ତ ରଖି ପ୍ରତିଶ୍ରୁତି ଦେଲେ ସହଯୋଗୀ**

**ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଚେହେରାକୁ ନେଇ କଳ୍ପନାଜଳ୍ପନା**

# ଚର୍ଚ୍ଚାରେ ଗିରୀଶ ମୁର୍ମୁ

■ **ଭୁବନେଶ୍ୱର, ୫।୬ (ସମିସ):** ବ୍ରହ୍ମପୁର ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁନ୍ ୧୦ ତାରିଖରେ ରାଜ୍ୟରେ ବିଜେପି ମୁଖ୍ୟମନ୍ତ୍ରୀ ଶପଥ ନେବେ ବୋଲି କହିଥିଲେ। ଜୁନ୍ ୬ ତାରିଖରେ ବିଜେପି ନିଜର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ରାଜ୍ୟରେ ବିଜେପି ପୂର୍ଣ୍ଣ ବହୁମତ ପାଇବା ପରେ ରାଜ୍ୟରେ ▸ପୃଷ୍ଠା-୯



**ଧର୍ମେନ୍ଦ୍ର ଓ ପ୍ରତାପଙ୍କ ନାମକୁ ନେଇ ଆଲୋଚନା**

**ଦୌଡ଼ରେ ପଶ୍ଚିମ ଓଡ଼ିଶାର ସୁରେଶ ଓ କନକବର୍ଦ୍ଧନ**

**ନବନିର୍ବାଚିତ ବିଜେଡି ବିଧାୟକଙ୍କୁ ନବୀନଙ୍କ ପରାମର୍ଶ**

# ଓଡ଼ିଶାର ସ୍ୱାର୍ଥ ଓ ରାଜ୍ୟବାସୀଙ୍କ ସେବା ପ୍ରଥମ

■ **ଭୁବନେଶ୍ୱର, ୫।୬ (ସମିସ):** ଓଡ଼ିଶାର ସ୍ୱାର୍ଥ ଓ ରାଜ୍ୟବାସୀଙ୍କ ସେବା ଦଳୀୟ ବିଧାୟକମାନଙ୍କର ପ୍ରାଥମିକତା ହେଉ। ଏହା ସହିତ ବିଧାନସଭାରେ ମୁଖ୍ୟ ବିରୋଧୀ ଦଳ ଭାବରେ ବିଜେଡି ବିଧାୟକମାନେ ଗଠନମୂଳକ ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତୁ ବୋଲି ନବନିର୍ବାଚିତ ବିଜେଡି ବିଧାୟକମାନଙ୍କୁ ପରାମର୍ଶ ଦେଇଛନ୍ତି ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ। ଏହା ସହ ନିର୍ବାଚନରେ ଦଳର ପରାଜୟ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ତର୍ଜମା ନିମନ୍ତେ ଖୁବ୍ ଶୀଘ୍ର ବରିଷ୍ଠ ନେତାମାନଙ୍କୁ ନେଇ ଏକ କମିଟି ଗଠନ କରାଯିବ ବୋଲି ମଧ୍ୟ ସୂଚନା ଦେଇଛନ୍ତି ।

**ବରିଷ୍ଠ ନେତାଙ୍କୁ ନେଇ ଖୁବ୍ ଶୀଘ୍ର ଗଢ଼ାଯିବ କମିଟି**

**ତର୍ଜମା ସହ ନିର୍ଦ୍ଧାରଣ ହେବ ଭବିଷ୍ୟତ କାର୍ଯ୍ୟପନ୍ଥା**

ବୁଧବାର ଅପରାହ୍ନରେ ବିଜେଡିର ନବ ନିର୍ବାଚିତ ବିଧାୟକମାନେ ନବୀନ ନିବାସରେ ଏକାଠି ହୋଇଥିଲେ। ରାଜ୍ୟରେ ଗତ ୨୪ ବର୍ଷ ଧରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ହୋଇଥିବା ନିରନ୍ତର ଏବଂ ଆଖିଦୃଶିଆ ବିକାଶ ପାଇଁ ସେମାନେ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ବୈଠକରେ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ବରିଷ୍ଠ ବିଧାୟକ ବଦ୍ରୀନାରାୟଣ ପାତ୍ର, ପ୍ରମିଳା ମଲ୍ଲିକ, ପ୍ରତାପ କେଶରୀ ଦେବ, ରାଜେନ୍ଦ୍ର ଢୋଲକିଆ, ଗଣେଶ୍ୱର ବେହେରା, କଳିକେଶ ନାରାୟଣ ସିଂହଦେଓ, ତୁଷାରକାନ୍ତି ବେହେରା, ସଞ୍ଜୀବ ମଲ୍ଲିକ, ଧ୍ରୁବଚରଣ ସାହୁ, ସୁବାଷିନୀ ଜେନା, ପ୍ରଶାନ୍ତ ବେହେରା, ଦେବୀରଞ୍ଜନ ତ୍ରିପାଠୀ, ଦେବୀରଞ୍ଜନ ତ୍ରିପାଠୀ, ଗୌତମବୁଦ୍ଧ ଦାସ, ରମେଶ ବେହେରା, ନବକିଶୋର ମଲ୍ଲିକ, ରୋମାଞ୍ଚ ରଞ୍ଜନ ▸ପୃଷ୍ଠା-୯




# ରାଜ୍ୟରେ ବନ୍ଦ ହେବ ବିଏସ୍‌କେୱାଇ: ମନମୋହନ

**ଭୁବନେଶ୍ୱର, ୫।୬(ସମିସ):** ରାଜ୍ୟରେ ବନ୍ଦ ହେବ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)। ନୂଆ ସରକାର ଗଠନ ପରେ ରାଜ୍ୟରେ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ଲାଗୁ କରାଯିବ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏ ସମ୍ପର୍କରେ ଇଙ୍ଗିତ ଦେଇଛନ୍ତି।

ଗଣମାଧ୍ୟମକୁ ବିଭିନ୍ନ ପ୍ରସଙ୍ଗରେ ପ୍ରତିକ୍ରିୟା ପ୍ରଦାନ ଅବସରରେ ମନମୋହନ କହିଛନ୍ତି ଯେ ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛି। ରାଜ୍ୟ ବାହାରେ ରହୁଥିବା ଓଡ଼ିଆ ଓ ରାଜ୍ୟବାସୀ ଏହି ଯୋଜନାରେ ଉପକୃତ ହେବେ। ବିଏସ୍‌କେୱାଇ କାର୍ଡରେ ଲିମିଟେଡ ସ୍କୋପ ରହିଛି, ତେଣୁ ଏହି କାର୍ଡ ବନ୍ଦ ହୋଇ

## ନୂଆ ସରକାର ଗଠନ ପରେ ଲାଗୁହେବ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ

ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ମନମୋହନ କହିଛନ୍ତି।

ରାଜ୍ୟର କେତେକ ଘରୋଇ ହସ୍ପିଟାଲଗୁଡ଼ିକ ବିଏସ୍‌କେୱାଇ କାର୍ଡ ନେଇ ଯାଉଥିବା ରୋଗୀଙ୍କୁ ଫେରାଇ ଦେଉଥିବା ନେଇ ବିଭିନ୍ନ ଅଞ୍ଚଳରୁ ଖବର ଆସୁଛି। ଏପରିସ୍ଥଳେ ମନମୋହନଙ୍କ ଟିପ୍ପଣୀ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ମନମାନୀ କରିବାକୁ ପରୋକ୍ଷରେ ମନୋବଳ ବୃଦ୍ଧି କରିପାରେ ବୋଲି ଆଶଙ୍କା କରାଯାଉଛି। ତେବେ ପରେ ବିଜେପି ପକ୍ଷରୁ ଏକ ପ୍ରେସ ବିବୃତିରେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ କରାଯିବା ସାମାଜିକ ଓ ବୈଧାନିକ ଅପରାଧ ବୋଲି ମନମୋହନ କହିଛନ୍ତି। ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷ ଏପରି ଅପରାଧରୁ କ୍ଷାନ୍ତ ରହିବା ଆବଶ୍ୟକ ଓ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପ୍ରତ୍ୟେକ ସରକାରଙ୍କ ପ୍ରାଥମିକତା ବୋଲି ସେ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟର ଲକ୍ଷ ଲକ୍ଷ ପରିବାରଙ୍କ ପାଇଁ ବିଏସ୍‌କେୱାଇ ବରଦାନ ସାବ୍ୟସ୍ତ ହୋଇଛି। ନବୀନ ନେତୃତ୍ୱାଧୀନ ବିଜେଡି ସରକାର ଏହି ଯୋଜନାରେ ମାସିକ ପ୍ରାୟ ୩୦୦ କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହାଦ୍ୱାରା ସାଧାରଣ ଲୋକେ ବେଶ୍ ଉପକୃତ ହୋଇ ପାରୁଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରେ ଏହି ଯୋଜନାରେ ପ୍ରାୟ ୧ ହଜାର ଘରୋଇ ହସ୍ପିଟାଲ ଅନୁବନ୍ଧିତ ହୋଇଛନ୍ତି ଓ ସାଧାରଣ ଲୋକମାନେ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ନକରି ସେମାନେ ଉନ୍ନତ ଏବଂ ସର୍ବୋତ୍କୃଷ୍ଟ ଚିକିତ୍ସା ସୁବିଧା ପାଇ ପାରୁଛନ୍ତି। ଏପରିକି ଏହି ଯୋଜନା ସେମାନଙ୍କୁ ଆର୍ଥିକ ବୋଝ, ଜଞ୍ଜାଳରୁ ମୁକ୍ତି ଦେଇଛି। ଯୋଜନାରେ ମହିଳାଙ୍କ ପାଇଁ ୧୦ ଲକ୍ଷ ଏବଂ ପୁରୁଷଙ୍କ ଚିକିତ୍ସା ପାଇଁ ୫ ଲକ୍ଷ ଟଙ୍କାର ବ୍ୟବସ୍ଥା ଥିବାବେଳେ ଦେଶବ୍ୟାପୀ ବିଏସ୍‌କେୱାଇକୁ ପ୍ରଶଂସା ମଧ୍ୟ ମିଳିଛି।

## ଯୋଜନା ଚାଲୁ ରଖିବାକୁ 'ଇଣ୍ଡିଆ' ମେଣ୍ଟର ଦାବି

- ବିଏସ୍‌କେୱାଇ ଗ୍ରହଣ ନ କରିବା ଦ୍ୱାରା ରୋଗୀ ହନ୍ତସନ୍ତ: ପ୍ରସାଦ
- ସବୁ ରାଜନୈତିକ ଦଳ ଏକାଠି ହୋଇ ସ୍ୱର ଉତ୍ତୋଳନ କରିବୁ: ପଞ୍ଚାନନ
- ବିଏସ୍‌କେୱାଇ କାର୍ଡ଼ ଗ୍ରହଣ ନ ହେବା ଦ୍ୱାରା ଆତଙ୍କ ସୃଷ୍ଟି ହୋଇଛି: ସପା
- ବିଏସ୍‌କେୱାଇ କାର୍ଡ଼ଧାରୀ ଏବେ ରୋଗୀ ସେବାରୁ ବଞ୍ଚିତ ହେଉଛନ୍ତି: ଏନ୍‌ସିପି
- 'ବିଜୁଙ୍କ ନାଁରେ ହୋଇଥିବା ଯୋଜନାକୁ ବନ୍ଦ କରିବାକୁ ଦିଆଯିବନାହିଁ'

**ଭୁବନେଶ୍ୱର, ୫।୬(ସମିସ):** ରାଜ୍ୟର ରୋଗୀମାନଙ୍କ ଉପଲବ୍ଧ ହେଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ଜାରି ରଖିବାକୁ ଦାବି କରି ଇଣ୍ଡିଆ ମେଣ୍ଟର ଓଡ଼ିଶା ଶାଖା। ଏହି



କାର୍ଡ ବନ୍ଦ ବନ୍ଦ ଘୋଷଣା ଦ୍ୱାରା ରାଜ୍ୟର ବହୁ ରୋଗୀ ଏବଂ ତାଙ୍କ ପରିବାର ହଇରାଣ ହେବା ସହ ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହେବେ ବୋଲି ଇଣ୍ଡିଆ ମେଣ୍ଟ ପକ୍ଷରୁ କୁହାଯାଇଛି।

ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଓ ଅନ୍ୟ ରାଜନୈତିକ ଦଳର ନେତାମାନେ ବିଏସ୍‌କେୱାଇ କାର୍ଡ଼ ବନ୍ଦକୁ ବିରୋଧ କରିଛନ୍ତି।

ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି ଯେ ଘରୋଇ ଚିକିତ୍ସାଳୟ ବିଏସ୍‌କେୱାଇ ଗ୍ରହଣ ନକରିବା ଦ୍ୱାରା ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଏପରି ନ କରା ଯାଉ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ସେହିପରି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଛନ୍ତି ଯେ ରୋଗୀମାନଙ୍କ ଚିକିତ୍ସା ଓ ସୁରକ୍ଷା ପାଇଁ ସମସ୍ତ ରାଜନୈତିକ ଦଳ ଏକ ହୋଇ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ। ସେହିପରି ସମାଜବାଦୀ ପାର୍ଟି ନେତା ରବି ବେହେରା କହିଛନ୍ତି ଯେ ବିଏସ୍‌କେୱାଇ କାର୍ଡ ଗ୍ରହଣ ନ ହେଉଥିବାରୁ ରାଜ୍ୟରେ ଏକ ଆତଙ୍କ ସୃଷ୍ଟି ହେଉଛି। ତେଣୁ ତୁରନ୍ତ ହସ୍ପିଟାଲଗୁଡ଼ିକ ଏହି କାର୍ଡ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏନସିପି ମୁଖ୍ୟ ବିକ୍ରମ ସ୍ୱାଇଁ କହିଥିଲେ ଯେ, ସେମାନେ କ୍ୟାପିଟାଲ ହସ୍ପିଟାଲ ଯାଇଥିଲେ। ରୋଗୀମାନେ ବିଏସ୍‌କେୱାଇ ସେବାରୁ ବଞ୍ଚିତ ହେଉଛନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ଶ୍ରୀ ସ୍ୱାଇଁ କହିଥିଲେ। ଫରୱାର୍ଡ ବ୍ଲକ ନେତା ଜ୍ୟୋତି ମହାପାତ୍ର ବିଏସ୍‌କେୱାଇ କାର୍ଡ ନେଇ ରାଜ୍ୟର ବହୁ ବ୍ୟକ୍ତି ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତ ହୋଇଥିବା ଉଲ୍ଲେଖ କରି ଏହାର ପ୍ରଚଳନ ଜାରି ରଖିବାକୁ ଦାବି କରିଥିଲେ। ଏହି ଅବସରରେ ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ନାଁରେ ହୋଇଥିବା ଏହି ଯୋଜନାକୁ ବନ୍ଦ କରିବାକୁ ଦିଆ ଯିବ ନାହିଁ ବୋଲି ଇଣ୍ଡିଆ ମେଣ୍ଟର ସବୁ ଦଳ ଏକ ସ୍ୱରରେ କହିଥିଲେ। ଅପରପକ୍ଷରେ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ସିପିଆଇ, ସିପିଏମ, ଆରଜେଡି, ସିପିଆଇ ଏମଏଲ୍ ଓ ଆମ ଆଦମୀ ପାର୍ଟି ନିଜ ସମର୍ଥନ ପ୍ରଦାନ କରିଥିଲେ।

### ବିଏସ୍‌କେୱାଇ କାର୍ଡଧାରୀ ହଇରାଣ ହେବା ଘଟଣା

## ସରକାରୀ ନିର୍ଦ୍ଦେଶ ନ ଆସିବା ଯାଏଁ ରୋଗୀ ସେବା ପାଇବେ

**ସ୍ପଷ୍ଟୀକରଣ ଦେଲା ରାଜ୍ୟ ଘରୋଇ ମେଡିକାଲ ସଂଘ**

**କଟକ, ୫।୬(ସମିସ):** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବିଜୁ ଜନତା ଦଳ (ବିଜେଡି) ସରକାର ଅମଳରେ ଆରମ୍ଭ ହୋଇଥିଲା। ଏହି ଯୋଜନା ବିଜେଡି ସରକାରର ଏକ ଯୁଗାନ୍ତକାରୀ ପଦକ୍ଷେପ। ଲକ୍ଷାଧିକ ଗରିବ ରୋଗୀ ଏଥିରୁ ଉପକୃତ ହୋଇଛନ୍ତି। ବର୍ତ୍ତମାନ ବିଏସ୍‌କେୱାଇ ହିତାଧିକାରୀଙ୍କୁ ଘରୋଇ ହସ୍ପିଟାଲଗୁଡ଼ିକରେ ହଇରାଣ କରାଯାଉଥିବା ନେଇ ଅଭିଯୋଗ ଉଠିଛି। ମାତ୍ର କୌଣସି ରୋଗୀ ଯେପରି ହଇରାଣ ନହେବେ, ସେଥିପାଇଁ ପ୍ରାଧାନ୍ୟ ଦିଆଯାଉଛି ବୋଲି ଓଡ଼ିଶା ଘରୋଇ ମେଡିକାଲ ସଂଘ ପକ୍ଷରୁ କୁହାଯାଇଛି।

ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଅଭିଯୋଗ ଉଠୁଛି ଯେ, ବିଏସ୍‌କେୱାଇ ହିତାଧିକାରୀ ହଇରାଣ ହେଉଛନ୍ତି। ସେମାନଙ୍କୁ ବିଭିନ୍ନ ଘରୋଇ ହସ୍ପିଟାଲରେ ସେବା ମିଳିପାରୁନାହିଁ। ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ଗ୍ରହଣ କରିବାକୁ ହସ୍ପିଟାଲ କର୍ତ୍ତୃପକ୍ଷ ମନା କରୁଛନ୍ତି। ସଂଘର ସହ ସମ୍ପାଦକ ଅକ୍ଷୟ କୁମାର ପରିଡ଼ା କହିଛନ୍ତି ଯେ ବିଏସ୍‌କେୱାଇ ହିତାଧିକାରୀଙ୍କୁ ହଇରାଣ କରାଯିବାକୁ କୌଣସି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟ ନୁହେଁ। ଏଭଳି ଖବର ଏବେ ପ୍ରଚାର କରାଯାଉଛି। କିନ୍ତୁ ଏହା କେତେ ପରିମାଣରେ ସତ୍ୟ, ତାହା ଜଣାନାହିଁ। ବୁଧବାର ଦିନ ମଧ୍ୟ କଟକର ଅନେକ ଘରୋଇ ହସ୍ପିଟାଲରେ ବିଏସ୍‌କେୱାଇ ହିତାଧିକାରୀଙ୍କୁ ସେବା ଯୋଗାଇ ଦିଆଯାଇଛି। ସମଗ୍ର ରାଜ୍ୟରେ ମଧ୍ୟ ଏଭଳି ସ୍ଥିତି ରହିଥିବ ବୋଲି ଅନୁମାନ କରାଯାଉଛି। ରୋଗୀ କୌଣସି ଦଳର ନୁହଁନ୍ତି। ଭାରତୀୟ ଜନତା ପାର୍ଟି ସରକାର ଗଠନ କଲେ ବିଏସକେୱାଇ ବନ୍ଦ କରିଦିଆଯିବ ବୋଲି କୁହାଯାଉଛି। କିନ୍ତୁ ଯେପର୍ଯ୍ୟନ୍ତ ଏ ବାବଦରେ ସରକାରୀ ନିର୍ଦ୍ଦେଶ ନ ଆସିଛି, ସେପର୍ଯ୍ୟନ୍ତ ପ୍ରତ୍ୟେକ ବିଏସ୍‌କେୱାଇ ହିତାଧିକାରୀଙ୍କୁ ଉଚିତ ସେବା ଯୋଗାଇ ଦିଆଯିବ ବୋଲି ଅକ୍ଷୟ କହିଛନ୍ତି।

### ଗଢ଼ାଚାଲିଛି ତିନିରଥ...

## ଅପେକ୍ଷାରେ ୭ ଚକ ନିର୍ମାଣ



**ପୁରୀ, ୫।୬(ସମିସ):** ଶୀତଳ ଷଷ୍ଠୀ ସୁଦ୍ଧା ତିନିରଥର ସମସ୍ତ ୪୨ଟି ଚକ ନିର୍ମାଣ ଶେଷ ହୋଇଥାଏ। ଆସନ୍ତା ୧୨ତାରିଖରେ ଶୀତଳ ଷଷ୍ଠୀ। ତେଣୁ ଏହାକୁ ନଜରରେ ରଖି ଚକ ନିର୍ମାଣ କାର୍ଯ୍ୟ ବେଶ୍ ଦ୍ରୁତ ଗତିରେ ଚାଲିଛି। ବୁଧବାର ସୁଦ୍ଧା ତିନି ରଥର ୩୫ଟି ଚକ ନିର୍ମାଣ ଶେଷ ହୋଇଛି। ଆଉ ୭ଟି ଚକ ନିର୍ମାଣ ବାକି ଅଛି। ସେହିପରି ୩ ରଥର ୨୧ଟି ଯାକ ଅଖ ନିର୍ମାଣ ଶେଷ ହୋଇଛି। ଅନ୍ୟପକ୍ଷରେ ଭୋଇ ସେବକଙ୍କ ସିଙ୍ଗଡାବାଡିଆ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନି ରଥର ୩୯ଟି ତୁମ୍ବର ସିଙ୍ଗଡାବାଡିଆ ସରିଛି। ପ୍ରତ୍ୟେକ ରଥର ଗୋଟିଏ ଲେଖାଏଁ ତୁମ୍ବରେ ସିଙ୍ଗଡାବାଡିଆ ବାକି ରହିଛି। ବୁଧୁବାର ଏହି ତିନୋଟିର ସିଙ୍ଗଡାବାଡିଆ ପରେ ୨/୩ ତିନି ମଧ୍ୟରେ ସବୁଯାକ ଚକ କାମ ଶେଷ ହେବା ସମ୍ଭାବନା ରହିଛି। ଅନ୍ୟାନ୍ୟ କାମ ମଧ୍ୟରେ ତାଳଧ୍ୱଜ ରଥର ପୋଲ ଗୟଳ ଚିରଟ କରାଯାଉଛି। କରତି ସେବକମାନେ ଏହାକୁ ଚିରଟ କରୁଛନ୍ତି। ଗୁରୁବାର ଭୋଇ ସେବକମାନେ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ ପାଇଁ କାଠ ପକାଇଛନ୍ତି। ୪୦ ଫୁଟିଆ ଧଉରା କାଠକୁ କ୍ରେନ ସାହାଯ୍ୟରେ ସତର୍କତାର ସହ ନେଇ ଚିରଟ ସ୍ଥଳରେ କରତି ସେବକଙ୍କୁ ପ୍ରଦାନ କରିଛନ୍ତି। ତାଳଧ୍ୱଜ ରଥର ପୋଲ ଗୟଳ ଚିରଟ ପରେ ନନ୍ଦିଘୋଷ ରଥର ଗୟଳ ଚିରଟ କରାଯିବ। ରୂପକାର ସେବକମାନେ କୋଣଗୁଜଗୁଡ଼ିକରେ ସିଂହ ବିରଳ ରୂପ ଖୋଦେଇ କରୁଛନ୍ତି। ସେହିପରି ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ କାର୍ଯ୍ୟ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ମଧ୍ୟ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନି ରଥର ଘଡ଼ି ମୁହଁ ଦଣ୍ଡା କଣ୍ଟା, ଦଣ୍ଡା ବିଡିଆ କଣ୍ଟା, ଅଗ ପାତେଳି କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ଦୁର୍ଘଟଣାରେ ଗଲା ୫ ଜୀବନ

### ସିରିଜ୍ ଦୁର୍ଘଟଣାରେ ୩ ମୃତ, ୧୦ ଆହତ

**୨ ଟ୍ରକ୍, ୨ କାର୍ ଓ ୩ ବାଇକ୍ ମଧ୍ୟରେ ଧକ୍କା**





**କେନ୍ଦୁଝର, ୫।୬ (ସମିସ):** ରାସ୍ତାକଡ଼ରେ ବେଆଇନ ପାର୍କିଂ ଯୋଗୁଁ ଆଜି କେନ୍ଦୁଝର ଜିଲ୍ଲାରେ ୩ ଜଣଙ୍କ ଜୀବନ ଯାଇଛି। ସଦର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୪୯ର ପୁତୁଲୁପାଣି ଛକରେ ଆଜି ମଧ୍ୟାହ୍ନରେ ଏକ ସିରିଜ୍ ଦୁର୍ଘଟଣା ଯୋଗୁଁ ଏହି ଅଘଟଣ ଘଟିଛି। ଦୁଇଟି ଟ୍ରକ୍ ସହ ୨ଟି କାର୍ ଓ ୩ ବାଇକ୍ ପରସ୍ପର ମଧ୍ୟରେ ଧକ୍କା ହୋଇଛି। ଘଟଣାସ୍ଥଳରେ ୨ଜଣଙ୍କ ଜୀବନ ଯାଇଥିବା ବେଳେ ଡାକ୍ତରଖାନାରେ ଆଉ ଜଣେ ପ୍ରାଣ ହରାଇଛନ୍ତି। ସେହିପରି ଏହି ଦୁର୍ଘଟଣାରେ ୧୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ, ସଦର ଥାନା ଉପର କାଇପୁରର କୁଶ ବେହେରା (୩୬), ଖଗେଶ୍ୱର ବେହେରା (୨୮)। ଅନ୍ୟ ଜଣଙ୍କ ପରିଚୟ ମିଳିପାରିନାହିଁ। ଗୁରୁତରମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନେ ସ୍ଥାନୀୟ ଅଞ୍ଚଳର। ସେମାନେ କେନ୍ଦୁଝରେ ଅଭିମୁଖେ କୌଣସି କାର୍ଯ୍ୟ ପାଇଁ ଆସୁଥିଲେ।

ସୂଚନାଯୋଗ୍ୟ, ସଦର ଥାନା ୪୯ ନମ୍ବର ଜାତୀୟ ରାଜପଥ ପୁତୁଲୁପାଣି ଛକରେ ପ୍ରତିଦିନ ବେଆଇନ ପାର୍କିଂ ହେଉଥିବା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଆଜି ମଧ୍ୟାହ୍ନରେ ଏହି ଛକରେ ଦୁଇଟି ଟ୍ରକ୍ ରାସ୍ତାକଡ଼ରେ ଠିଆ ହୋଇଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ଗୋଟିଏ କାର୍‌କୁ ଧକ୍କା ଦେଇଥିଲା। ସେହିପରି ଆଉ ଗୋଟିଏ କାର୍ ଅନ୍ୟ ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ଏହା ପଛକୁ ପଛ ଆସୁଥିବା ୩ଟି ବାଇକ୍ ମଧ୍ୟ ନିୟନ୍ତ୍ରଣ ହରାଇ କାର୍ ଓ ଟ୍ରକ୍‌କୁ ଧକ୍କା ଦେଇଥିଲେ। ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ରାତିରେ ମଧ୍ୟ ଏଠାରେ ଦୁର୍ଘଟଣା ଘଟି ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଥିଲା।

### ଘର ଉପରେ ଓଲଟିଲା ଚିପ୍ସ ବୋଝେଇ ଡମ୍ଫର; ଦମ୍ପତି ମୃତ

- ଅଳ୍ପକେ ବର୍ତ୍ତିଲେ ବୋହୂ ଓ ନାତି
- ଶବ ରଖି ଗ୍ରାମବାସୀଙ୍କ ରାସ୍ତା ଅବରୋଧ




**ଜଳେଶ୍ୱର ବ୍ଲକ, ୫।୬ (ସମିସ):** ଘର ଉପରେ ଚିପ୍ସ ବୋଝେଇ ଏକ ଡମ୍ଫର୍ ଓଲଟି ପଡ଼ିବାରୁ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ଆମ୍ବଳିଅଠା ସୋଲପଟା ରାସ୍ତାର କାଶିଡିହାଠାରେ ଏହି ଅଘଟଣ ଘଟିଛି। ମୃତ ଦମ୍ପତି ହେଲେ, କାଶିଡିହା ଗ୍ରାମର ସୁଧୀର ଜେନା (୫୭) ଓ ତାଙ୍କ ସ୍ତ୍ରୀ ଗୀତାରାଣୀ ଜେନା (୫୩)।

ଆମ୍ବଳିଅଠା ସୋଲପଟା ସଡ଼କରେ ରାତ୍ରିରେ ବ୍ୟାପକ ଚୋରାଚାଲାଣ ସହ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ପଶ୍ଚିମବଙ୍ଗକୁ ଯାଇଥାଏ। ସବୁ ଦିନ ଭଳି ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଡମ୍ଫର ଏହି ରାସ୍ତାରେ ଚିପ୍ସ ନେଇ ପଶ୍ଚିମବଙ୍ଗକୁ ଯାଉଥିଲା। କିନ୍ତୁ ସୁଗୋ ପଞ୍ଚାୟତର କାଶିଡିହା ସଡ଼କ ପାଖରେ ଥିବା ଏକ ଘର ଉପରେ ଡମ୍ଫରଟି ଓଲଟି ପଡ଼ିଥିଲା। ଫଳରେ ଘର ଭିତରେ ଶୋଇଥିବା ଜେନା ଦମ୍ପତି ଚିପ୍ସ ତଳେ ଚାପି ହୋଇ ରହି ଯାଇଥିଲେ। ଅନ୍ୟ ଏକ ବଖରାରେ ଶୋଇଥିବା ବଡ଼ ବୋହୂ ରଞ୍ଜିତା ଜେନା ଓ କୁନି ପୁଅ ମହେଶ ଜେନାଙ୍କ ଉପରେ ମଧ୍ୟ ଘର ଛପର ଚାପି ହୋଇଯାଇଥିଲା। ଘନ ଅନ୍ଧାର ଭିତରେ କୌଶଳକ୍ରମେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ସଙ୍ଗେସଙ୍ଗେ ସ୍ଥାନୀୟ ଲୋକେ ଉପସ୍ଥିତ ହୋଇ ପୋତି ହୋଇଥିବା ଲୋକଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ। ଘଟଣାସ୍ଥଳରୁ ଚାଳକ ଫେରାର୍ ହୋଇଯାଇଥିବା ବେଳେ ପୁଲିସ ବାହିନୀ, ଅଗ୍ନିଶମ ବିଭାଗ, କ୍ରେନ ଓ ଆମ୍ବୁଲାନ୍ସ ପହଞ୍ଚିଥିଲା। ସେତେବେଳକୁ ଚିପ୍ସ ଭିତରୁ କେବଳ ମୃତକଙ୍କ ଗୋଡ଼ ଦୃଶ୍ୟମାନ ହେଉଥିଲା। ୨ ଘଣ୍ଟା ପରେ ଜେସିବି ମାଧ୍ୟମରେ ଶବ ଉଦ୍ଧାର ହୋଇଥିଲା।

ଏହି ଘଟଣାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀମାନେ ଶବ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଏହି ରାସ୍ତା ଦେଇ ଯାତାୟାତ ବ୍ୟାହତ ହୋଇଥିଲା। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ ସୁଧୀରଙ୍କ ଘର ପଶ୍ଚିମବଙ୍ଗ ନିଳଦା ନୀଳପୁରା ଗ୍ରାମରେ। ସେ ଦୀଘ ୩୦ ବର୍ଷ ଧରି ଏଠାରେ ରହି ଆସୁଥିଲେ। ତାଙ୍କର ୩ ପୁଅ ପ୍ରଶାନ୍ତ, ସୁଶାନ୍ତ, ସୁମନ୍ତ ତାମିଲନାଡୁରେ କାର୍ଯ୍ୟ କରୁଥିବା ବେଳେ ମଝିଆଁ ଓ ସାନ ବୋହୂ କାଶିଡିହା ଗ୍ରାମ ମଧ୍ୟରେ ରୁହନ୍ତି। ମୃତକ ଜଣକ ଆମ୍ବଳିଅଠା ଛକରେ ଏକ ଛୋଟ ପାନ, ଚା' ଦୋକାନ କରି ପରିବାର ଚଳାଉଥିଲେ। ପୀଡ଼ିତ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସରକାରୀ ସହାୟତା ଲାଗି ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଅରୁଣ କୁମାର ପରିଡ଼ା, ଗ୍ରାମର ପ୍ରମୁଖ ବ୍ୟକ୍ତି ତଥା ପ୍ରାକ୍ତନ ଶିକ୍ଷକ ରମେଶ ରାଜ ଓ ବହୁ ଗ୍ରାମବାସୀ ସରକାରଙ୍କୁ ନିବେଦନ କରିଛନ୍ତି।

### ୩ ଦିନିଆ ଗଣନା ପରେ ରିପୋର୍ଟ ଦେଲେ ପିସିସିଏଫ୍

## ରାଜ୍ୟରେ ୨୦୯୮ ହାତୀ



- ପୂର୍ବ ତୁଳନାରେ ବଢ଼ିଲା ସଂଖ୍ୟା
- ଅନୁଗୁଳ ସର୍କଲରେ ସର୍ବାଧିକ ୭୭୯ଟି ହାତୀ

**ଭୁବନେଶ୍ୱର, ୫।୬(ସମିସ):** ରାଜ୍ୟରେ ବଢ଼ିଲା ହାତୀ ସଂଖ୍ୟା। ଏବେ ଓଡ଼ିଶାରେ ମୋଟ ୨୦୯୮ ହାତୀ ଅଛନ୍ତି। ଦୀର୍ଘ ୭ ବର୍ଷ ପରେ ରାଜ୍ୟ ହାତୀ ଗଣନା ପରେ ବୁଧବାର ଏହି ରିପୋର୍ଟ ପ୍ରକାଶ ପାଇଛି। ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟରେ ୪୦୩ ହାତୀଙ୍କ ମୃତ୍ୟୁ ହୋଇଛି। ଦୀର୍ଘ ସାତବର୍ଷ ପରେ ଚଳିତ ବର୍ଷ ରାଜ୍ୟରେ ତିନି ଦିନିଆ ହାତୀ ଗଣନା କରାଯାଇଥିଲା। ହାତୀ ଗଣନା ଶେଷ ହେବା ପରେ ରାଜ୍ୟରେ ୨୦୯୮ ହାତୀ ଥିବା ସ୍ପଷ୍ଟ ହୋଇଛି। ତେବେ ଏହି ହାତୀ ଗଣନା ପରେ ରାଜ୍ୟରେ ହାତୀଙ୍କ ସଂଖ୍ୟାରେ ବୃଦ୍ଧି ହୋଇଥିବା ସେ କହିଛନ୍ତି। ଏହା ପୂର୍ବରୁ ୨୦୧୭ ମସିହାରେ ରାଜ୍ୟରେ ହାତୀ ଗଣନା କରାଯାଇଥିଲା। ସେ ସମୟରେ ରାଜ୍ୟରେ ମୋଟ ୧୯୭୬ ହାତୀ ଥିଲେ। ତେବେ ଚଳିତଥର ଗଣନାରେ ରାଜ୍ୟରେ ହାତୀ ସଂଖ୍ୟା ଆଉ ୧୨୨ଟି ବୃଦ୍ଧି ହୋଇଥିବା ଜଣାପଡ଼ିଛି।

ରାଜ୍ୟର ଚଳିତ ଥର ୨୮ଟି ଜିଲ୍ଲାର ୩୮ଟି ବନଖଣ୍ଡରେ ହାତୀ ଗଣନା କରାଯାଉଥିଲା। ୩ ଦିନ ଧରି ଜାରି ରହିଥିବା ଏହି ଗଣନା ପ୍ରକ୍ରିୟାରେ ମୋଟ୍ ୫ ହଜାର ୭୦୦ ଲୋକ ନିୟୋଜିତ ହୋଇଥିଲେ। ହାତୀ ଗଣନା ପାଇଁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ୧୨୧୪ ମଞ୍ଚା ନିର୍ମାଣ କରାଯାଇଥିଲା। ଗଣନା ପରେ ସ୍ପଷ୍ଟ ହୋଇଛି ଯେ ମୋଟ ୨୦୯୮ଟି ହାତୀଙ୍କ ମଧ୍ୟରୁ ୪୭୪ଟି ଅଣ୍ଡିରା ହାତୀ ରହିଥିବା ବେଳେ ୧୦୩୦ ମାଈ ହାତୀ ଅଛନ୍ତି। ସେହିପରି ୫୯୪ ହାତୀ ଛୁଆ ଥିବା ଜଣାପଡ଼ିଛି। ତେବେ ପୂର୍ବଥର ଯେଉଁ ଗଣନା କରାଯାଇଥିଲା, ତାହା ଅପେକ୍ଷା ଏଥର ହାତୀ ସଂଖ୍ୟା ଅଧିକ ରହିଛି। ଏହା ରାଜ୍ୟବାସୀ ଓ ପ୍ରାଣୀପ୍ରେମୀଙ୍କ ପାଇଁ ଏକ ଖୁସି ଖବର ବୋଲି ପିସିସିଏଫ୍ କହିଛନ୍ତି।

୨୦୧୭ ମସିହାରେ ଯେଉଁ ହାତୀ ଗଣନା କରାଯାଇଥିଲା, ସେଥିରେ ମୋଟ ୧୯୭୬ଟି ହାତୀ ରହିଥିଲା। ସେଥିରୁ ଅଣ୍ଡିରା ହାତୀଙ୍କ ସଂଖ୍ୟା ୩୪୪ ଥିବା ବେଳେ ମାଈ ହାତୀଙ୍କ ସଂଖ୍ୟା ୧୦୩୦ ଏବଂ ହାତୀଛୁଆ ସଂଖ୍ୟା ୫୯୪ ରହିଥିଲା। ଏଥର ଅଣ୍ଡିରା ହାତୀର ସଂଖ୍ୟା ବଢ଼ିବାରେ ଲାଗିଛି। ପୂର୍ବଥର ଅପେକ୍ଷା ଏଥର ଅଣ୍ଡିରା ହାତୀ ସଂଖ୍ୟା ବୃଦ୍ଧି ପାଇଛି। ବର୍ତ୍ତମାନ ଓଡ଼ିଶାରେ ଅନୁଗୁଳ, ଢେଙ୍କାନାଳ ଏବଂ କଟକର ଆଠଗଡ଼ରେ ଅଧିକ ହାତୀ ରହିଛନ୍ତି ବୋଲି ଏହି ଗଣନାରୁ ଜଣାପଡ଼ିଛି। ରାଜ୍ୟର ହାତୀ ସଂରକ୍ଷଣ ପ୍ରକଳ୍ପରେ ୫୮୪ଟି ହାତୀ ରହୁଛନ୍ତି। ଏହା ମୋଟ ହାତୀଙ୍କ ସଂଖ୍ୟାର ୨୮ ପ୍ରତିଶତ ବୋଲି ସ୍ପଷ୍ଟ ହୋଇଛି। ଅନୁଗୁଳ ସର୍କଲରେ ସର୍ବାଧିକ ୭୭୯ଟି ହାତୀ ରହୁଥିବା ବେଳେ ବାରିପଦାରେ ୪୩୧, ରାଉରକେଲାରେ ୩୧୧ କୋରାପୁଟ ସର୍କଲରେ ସର୍ବନିମ୍ନ ୩୩ଟି ହାତୀ ଥିବା ଜଣାପଡ଼ିଛି।

### ■ ସୁବଳୟା ପୁଲିସର ଥାର୍ଡ ଡିଗ୍ରୀ

## ୬୦ ଘଣ୍ଟା ଧରି ଥାନାରେ ଯୁବକଙ୍କୁ ନିସ୍ତୁକ ମାଡ଼

- ମଳଦ୍ୱାରରୁ ରକ୍ତସ୍ରାବ
- ଘଟଣା ଚପାଇବାକୁ ଉଦ୍ୟମ

**ସୁବଳୟା, ୫।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ଥାନା ପୁଲିସ୍ ବର୍ବରତାର ସୀମା ଟପିଛି। ସାମାନ୍ୟ ଟ୍ରାକ୍ଟର ଲଙ୍ଗଳ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିବା ସହ ୬୦ ଘଣ୍ଟା ଧରି ନିସ୍ତୁକ ମାଡ଼ ମାରିଛି। ପୁଲିସ୍ ଆକ୍ରୋଶର ଶିକାର ଯୁବକଜଣଙ୍କ ହେଲେ, ଟେଭାପଦର ଗାଁର ଜଗନ୍ନାଥ କର୍ମୀ। ଅତ୍ୟଧିକ ମାଡ଼ ଯୋଗୁଁ ଜଗନ୍ନାଥଙ୍କ ଶରୀରର ବିଭିନ୍ନ ସ୍ଥାନରେ ନୋଳା ପଡ଼ିବା ସହ ତାଙ୍କ ମଳଦ୍ୱାରରୁ ପ୍ରଚୁର ରକ୍ତସ୍ରାବ ହୋଇଛି। ତେବେ ଉପରିସ୍ଥ ଅଧିକାରୀଙ୍କ କାନରେ ଏହା ପଡ଼ିବା ପରେ ପୁଲିସ୍ ସଂପୃକ୍ତ ଯୁବକଙ୍କୁ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଇଛି। ତାଙ୍କ ଅବସ୍ଥା ସଂକଟାପନ୍ନ ରହିଥିବା ଜଣାଯାଇଛି। ଅପରପକ୍ଷେ ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ମାମଲା ହୋଇଥିବାରୁ ଘଟଣା ଚପାଇଦେବାକୁ ପୁଲିସ୍ ଉଦ୍ୟମ କରିଛି। ତେବେ ଉପଖଣ୍ଡ ପୁଲିସ ଅଧିକାରୀ ବାସୁଦେବ ଛତ୍ରିଙ୍କୁ ଯୋଗାଯୋଗ କରାଯିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ସୂଚନାନୁଯାୟୀ, ଟେଭାପଦର ଗାଁର ଜଗନ୍ନାଥ ବର୍ଷକ ତଳେ ନିଜ ଟ୍ରାକ୍ଟର୍‌ର ଲଙ୍ଗଳ ବିକ୍ରି କରିଥିଲେ। କିନ୍ତୁ ନିକଟ ଅତୀତରେ ସେହି ଗାଁର ମହେନ୍ଦ୍ର ମହାଲିକ ତାହାକୁ ନିଜର ବୋଲି ଦାବି କରିଥିଲେ। ତାଙ୍କ ଟ୍ରାକ୍ଟର୍‌ର ଲଙ୍ଗଳକୁ ଜଗନ୍ନାଥ ଚୋରି କରିଛନ୍ତି ବୋଲି ସେ ସୁବଳୟା ଥାନାରେ ଏକ ଏତଲା ଦେଇଥିଲେ। ଏଣୁ ଏଏସ୍‌ଆଇ ସନ୍ତୋଷ ସିନ୍ଦିରିଆ ଜଗନ୍ନାଥଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଜଗନ୍ନାଥଙ୍କୁ ଛାଡ଼ି ଦେବା ପାଇଁ ତାଙ୍କ ଭାଇ ଅନୁରୋଧ କରିଥିଲେ ହେଁ ପୁଲିସ୍ ତାଙ୍କୁ ବିଭିନ୍ନ ପ୍ରକାର ଧମକଚମକ ଦେଇ ଭୟଭୀତ କରିଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ଉପସ୍ଥିତ ଅଧିକାରୀଙ୍କ କାନରେ ଏହା ପଡ଼ିବା ପରେ ଏଏସ୍‌ଆଇ ତାଙ୍କୁ ଛାଡ଼ିଥିଲେ।

## ସଂସଦ ଭଙ୍ଗ, ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

ନୂଆଦିଲ୍ଲୀ, ୫।୬(ଏଜେନ୍ସି): ମଙ୍ଗଳବାର ଲୋକସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ପ୍ରଧାନମନ୍ତ୍ରୀ ପଦରୁ ନରେନ୍ଦ୍ର ମୋଦୀ ବୁଧବାର ଇସ୍ତଫା ଦେଇଛନ୍ତି। ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଭେଟି ତାଙ୍କ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟଙ୍କ ସମେତ ତାଙ୍କ ଇସ୍ତଫାପତ୍ର ଦେଇଥିଲା ବେଳେ ରାଷ୍ଟ୍ରପତି ଏହାକୁ ଗ୍ରହଣ କରିନେଇଛନ୍ତି। ଏହାପରେ ରାଷ୍ଟ୍ରପତି ସପ୍ତଦଶ ଲୋକସଭା ଭଙ୍ଗ ଘୋଷଣା କରିଛନ୍ତି। ତେବେ ନୂଆ ସରକାର ଗଠନ ହେଲା ଯାଏଁ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବିଭିନ୍ନ ବିଭାଗ ଦାୟିତ୍ୱରେ ରହିଥିବା ମନ୍ତ୍ରୀ ସେମାନଙ୍କ ଦାୟିତ୍ୱ ତୁଲାଇବାକୁ ରାଷ୍ଟ୍ରପତି କହିଛନ୍ତି।

## ମୋଦୀଙ୍କୁ ଶୁଭେଚ୍ଛା ଜଣାଇଲେ ୫୦ ବିଶ୍ୱ ନେତା

ନୂଆଦିଲ୍ଲୀ, ୫।୬ (ଏଜେନ୍ସି): ନିର୍ବାଚନରେ ଏନ୍‌ଡିଏକୁ ବହୁମତ ମିଳିବା ପରେ ନରେନ୍ଦ୍ର ମୋଦୀ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଯଦି ଏପରି ହୁଏ ତେବେ ସେ ନେହେରୁଙ୍କ ପରେ ଏହି ଉପଲବ୍ଧି ହାସଲ କରିଥିବା ଦ୍ୱିତୀୟ ପ୍ରଧାନମନ୍ତ୍ରୀ ହେବେ। ମେଣ୍ଟ ଜିତିବା ପରେ ମୋଦୀଙ୍କୁ ବିଦେଶରୁ ଶୁଭେଚ୍ଛାର ସୁଅ ଛୁଟୁଛି। ୫୦ରୁ ଅଧିକ ବିଶ୍ୱ ନେତା ତାଙ୍କୁ ସାମାଜିକ ଗଣମାଧ୍ୟମ ଏବଂ ଚିଠି ମାଧ୍ୟମରେ ଶୁଭେଚ୍ଛା ଜଣାଇଲେଣି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ, ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ, ୟୁକ୍ରେନ ରାଷ୍ଟ୍ରପତି ଭୋଲଡାମିର ଜେଲେଁସ୍କି, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ, ଇସ୍ରାଏଲ ପିଏମ୍ ବେଞ୍ଜାମିନ ନେତନ୍ୟାହୁ, ବାଂଲାଦେଶ ପିଏମ୍ ଶେଖ୍ ହାସିନା, ସାଉଥ୍ କୋରିଆ ରାଷ୍ଟ୍ରପତି ୟୁନ ସୁକ ୟିଓଲ, ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୋଇଜ୍ଜୁ, ଶ୍ରୀଲଙ୍କା ପିଏମ୍ ରାନିଲ ବିକ୍ରମସିଂଘେ, ଜାପାନ ପିଏମ୍ ଫୁମିଓ କିସିଦା, ତାଇୱାନ ରାଷ୍ଟ୍ରପତି ଲାଇ ଚିଙ୍ଗ ତେ, ନେପାଳ ପିଏମ୍ ପୁଷ୍ପ କମଲ ଦହଲ ପ୍ରଚଣ୍ଡ, ଭୂଟାନ ପିଏମ୍ ସେରିଂ ତୋବଗେ, ମରିସସ ପିଏମ୍ ପ୍ରବିନ୍ଦ କୁମାର ଜଗନ୍ନାଥ ପ୍ରମୁଖ ତୃତୀୟ କାର୍ଯ୍ୟକାଳ ପାଇଁ ମୋଦୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ସରକାର ଗଠନ ନେଇ ଦିଲ୍ଲୀରେ ରାଜନୈତିକ ହଲଚଲ୍

# ସେପଟେ 'ଏନଡିଏ', ଏପଟେ 'ଇଣ୍ଡିଆ' ବୈଠକ

ନୂଆଦିଲ୍ଲୀ,୫।୬(ଏଜେନ୍ସି): ଲୋକସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ କେନ୍ଦ୍ରରେ ସରକାର ଗଠନ ନେଇ ରାଜନୈତିକ ହଲଚଲ ଜୋର ଧରିଛି। ଚଳିତ ନିର୍ବାଚନରେ କୌଣସି ଦଳ ସରକାର ଗଠନ ପାଇଁ ବହୁମତ ପାଇନାହାନ୍ତି। ବିଜେପି ନେତୃତ୍ୱ ଏନଡିଏକୁ ୨୯୩ ଆସନ ମିଳିଥିଲା ବେଳେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍‌କୁ ୨୩୪ ଆସନ ମିଳିଛି। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ରହିଛି ୨୭୨ ରହିଥିବାରୁ ଏନଡିଏ ସରକାର ଗଠନ ପାଇଁ ଉଦ୍ୟମ ଆରମ୍ଭ କରିଛି। ବିଜେପି ଏକାକୀ ସର୍ବାଧିକ ଭାବେ ୨୪୦ ଆସନରେ ବିଜୟୀ ହେବା ସହିତ ଏହାର ଦୁଇ ପ୍ରମୁଖ ସହଯୋଗୀ ଦଳ ତେଲୁଗୁ ଦେଶମ ପାର୍ଟି(ଟିଡିପି) ଏବଂ ଜେଡିୟୁ ସମର୍ଥନରେ ସରକାର ଗଠନ କରିବାକୁ ପ୍ରସ୍ତୁତି ନେଇଛି। ଅନ୍ୟପକ୍ଷରେ ବିରୋଧୀ ଇଣ୍ଡିଆ ମେଣ୍ଟ ମ ଧ କେନ୍ଦ୍ରରେ ସରକାର ଗଠନ ପାଇଁ ପ୍ରୟାସ ଆରମ୍ଭ କରିଛି। ଏନଡିଏର ଦୁଇ ପ୍ରମୁଖ ସହଯୋଗୀ ଟିଡିପି ଏବଂ ଜେଡିୟୁକୁ ନିଜ ମେଣ୍ଟରେ ସାମିଲ କରି ସଂଖ୍ୟା ଗରିଷ୍ଠତା ହାସଲ କରିବାକୁ କଂଗ୍ରେସ ରାଜନୈତିକ ଚାଲ ଚଳାଇଥିବା ବେଳେ ଦିଲ୍ଲୀରେ ରାଜନୈତିକ ମହଲରେ ହଲଚଲ ସୃଷ୍ଟି ହୋଇଛି।

## ମୋଦୀ ଏନଡିଏ ନେତା ନିର୍ବାଚିତ

### ୭ରେ ସରକାର ଗଠନ ପାଇଁ ମେଣ୍ଟ କରିବ ଦାବି

ବିଜେପି ନେତୃତ୍ୱ ଏନଡିଏ ମେଣ୍ଟ ସର୍ବାଧିକ ୨୯୩ ଆସନ ହାସଲ କରିଥିଲା ବେଳେ ସରକାର ଗଠନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ବୁଧବାର ସନ୍ଧ୍ୟାରେ ଏନଡିଏ ଅଂଶୀଦାର ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରୀ କାର୍ଯ୍ୟାଳୟରେ ଏକାଠି ହୋଇ ଏକ ପ୍ରସ୍ତାବ ପାରିତ କରିବା ସହିତ ମୋଦୀଙ୍କୁ ମେଣ୍ଟ ନେତା ଭାବେ ନିର୍ବାଚିତ କରିଛନ୍ତି। ଆସନ୍ତା ଶୁକ୍ରବାର ଏନଡିଏ ମେଣ୍ଟର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହେବା ପରେ ସରକାର ଗଠନ ପାଇଁ ମେଣ୍ଟ ପକ୍ଷରୁ ରାଷ୍ଟ୍ରପତିଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ସୂଚନା ମିଳିଛି। ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏନଡିଏର ଅଂଶୀଦାର ଭାବେ ଜେଡିୟୁ ସୁପ୍ରିମୋ ନୀତୀଶ କୁମାର , ଟିଡିପି ନେତା ଚନ୍ଦ୍ରବାବୁ ନାଇଡୁ,ଶିବସେନା(ସିନ୍ଦେ)



ପ୍ରମୁଖ ଏକନାଥ ସିନ୍ଦେ , ଏଲଜେପି ନେତା ଚିରାଗ ପାଶୱାନ, ଜେଡିଏସ୍ ନେତା ଏଚ ଡି କୁମାରସ୍ୱାମୀ ଏବଂ ହାମ୍ ନେତା ଜିତନ ରାମ ମାଞ୍ଝି ପ୍ରମୁଖ ଯୋଗ ଦେଇ ସରକାର ଗଠନ ପାଇଁ ଆଲୋଚନା କରିଛନ୍ତି। ଏନଡିଏକୁ ସମର୍ଥନ ଦେବାକୁ ଦୁଇ ପ୍ରମୁଖ ଅଂଶୀଦାର ନୀତୀଶ କୁମାର ଏବଂ ଚନ୍ଦ୍ରବାବୁ ନାଇଡୁ ଖୋଲାଖୋଲି ଘୋଷଣା କରିଛନ୍ତି। ଶୁକ୍ରବାର ସରକାର ଗଠନ ପାଇଁ ଦାବି କରାଯିବା ପରେ ଶନିବାର ନବ ଗଠିତ ମନ୍ତ୍ରିମଣ୍ଡଳ ଶପଥ ନେବ ବୋଲି ସୂଚନା ମିଳିଛି।

## 'ଠିକଣା ସମୟରେ ପଦକ୍ଷେପ ନେବୁ'

### 'ଇଣ୍ଡିଆ' ବୈଠକରେ ନେତା ଏକାଠି

ଗୋଟିଏ ପଟେ ଏନଡିଏ ବୈଠକ ଶେଷ ହୋଇଥିଲା ବେଳେ ପରବର୍ତ୍ତୀ ରଣନୀତି ସ୍ଥିର କରିବାକୁ କଂଗ୍ରେସ ନେତୃତ୍ୱରେ ବୁଧବାର ସନ୍ଧ୍ୟାରେ ଇଣ୍ଡିଆ ବ୍ଲକ୍‌ର ବୈଠକ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ମେଣ୍ଟରେ ସାମିଲ ଥିବା ସଦସ୍ୟ ଦଳର ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ନିର୍ବାଚନରେ ମୋଦୀ ସରକାର ବିରୋଧରେ ଲଢେଇ କରି ବିପୁଳ ସଫଳତା ହାସଲ କରାଯାଇଥିବାରୁ ଖଡ଼ଗେ ମେଣ୍ଟର ସବୁ ସଦସ୍ୟ ଦଳକୁ ସାଧୁବାଦ ଜଣାଇଥିଲେ। ଏହାସହିତ ଆଗାମୀ ରଣନୀତି ଓ କାର୍ଯ୍ୟକ୍ରମର ରୂପରେଖ କ'ଣ



ରହିବ ତାହାକୁ ନେଇ ବୈଠକରେ ଆଲୋଚନା କରାଯାଇଛି। କେନ୍ଦ୍ରରୁ ମୋଦୀ ସରକାରକୁ ହଟାଇବା ଲାଗି ସବୁ ସମଭାବାପନ୍ନ ଦଳ ଏକମତ, ଏକ ସ୍ୱରରେ ଉଦ୍ୟମ କରିବା ଉଚିତ ବୋଲି ଖଡ଼ଗେ କହିଥିଲେ। ଏହି ନିର୍ବାଚନରେ ଇଣ୍ଡିଆ ମେଣ୍ଟକୁ ଦେଶବାସୀ ଯେଭଳି ସମର୍ଥନ ଦେଇଛନ୍ତି ତାହାକୁ ଅଦ୍ଭୁତ ବୋଲି ଖଡ଼ଗେ କହିବା ସହିତ ମୋଦୀ ସରକାରକୁ ଲୋକେ ପ୍ରତ୍ୟାଖାନ କରିଛନ୍ତି ବୋଲି କହିଛନ୍ତି। ଲୋକଙ୍କ ଏହି ସମର୍ଥନ ବୃଥା ହେବାକୁ ଦିଆଯିବ ନାହିଁ। ଠିକଣା ସମୟରେ ମେଣ୍ଟ ଏଥିପାଇଁ ଠିକଣା ପଦକ୍ଷେପ ନେବ ବୋଲି ଖଡ଼ଗେ କହିଛନ୍ତି।

## ୫ ପର୍ବତାରୋହୀଙ୍କ ମୃତ୍ୟୁ; ୨୨ ନିଖୋଜ

ଡେରାଡୁନ୍: ୫।୬(ଏଜେନ୍ସି): ଅଚାନକ ଭାବେ ପାଣିପାଗରେ ପରିବର୍ତ୍ତନ ଯୋଗୁଁ ସ୍ଥିତି ଜଟିଳ ହୋଇପଡ଼ିବା କାରଣରୁ ଉତ୍ତରାଖଣ୍ଡରେ ୫ ପର୍ବତାରୋହୀଙ୍କ ମୃତ୍ୟୁ ହୋଇଛି। ୮ ଜଣଙ୍କୁ ଉଦ୍ଧାର କରାଯାଇଥିଲା ବେଳେ ଆଉ ୨୨ ପର୍ବତାରୋହୀ ଏବେ ବି ନିଖୋଜ ଥିବା ସୂଚନା ମିଳିଛି। ମିଳିଥିବା ଖବର ଅନୁସାରେ ବିଭିନ୍ନ ରାଜ୍ୟରୁ ଆସିଥିବା ପର୍ବତାରୋହୀଙ୍କ ଏକ ଟିମ୍ ଉତ୍ତରକାଶୀ ଜିଲ୍ଲାର ସହସ୍ର ସ୍ଥଳ ପଏଣ୍ଟରେ ପହଞ୍ଚିବାକୁ ଗତ ମେ ' ୨୯ ତାରିଖରେ ଯାତ୍ରା ଆରମ୍ଭ କରିଥିଲେ। ସେମାନେ ଜୁନ୍ ୭ରେ ଫେରି ଆସିବାକୁ କାର୍ଯ୍ୟକ୍ରମ ରହିଥିଲା । କିନ୍ତୁ ଗତ ୨୪ ଘଣ୍ଟା ମଧ୍ୟରେ ପାଗ ଅତ୍ୟନ୍ତ ଖରାପ ହୋଇପଡ଼ିବାରୁ କୁଫରି ଟପ୍‌ରେ ୨୦ ଜଣ ଅଟକି ରହିଥିଲେ। ସେମାନଙ୍କ ମଧ୍ୟରୁ ୧୩ ଜଣ କୌଣସିମତେ ବେସ୍ କ୍ୟାମ୍ପକୁ ଫେରି ଆସିଥିଲା ବେଳେ ଅନ୍ୟ ୫ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଆଉ କିଛି ପର୍ବତାରୋହୀ ଏବେ ମଧ୍ୟ ନିଖୋଜ ରହିଥିବା ଉତ୍ତରକାଶୀ ଜିଲ୍ଲାପାଳ କହିଛନ୍ତି। ସେମାନଙ୍କୁ ଖୋଜିବା ଲାଗି ପ୍ରୟାସ ଜାରି ରହିଛି। ଏହି ଟିମ୍‌ରେ କର୍ଣ୍ଣାଟକର ୧୮ ପର୍ବତାରୋହୀଙ୍କ ସମେତ ମହାରାଷ୍ଟ୍ରର ଜଣେ ଏବଂ ଅନ୍ୟ କିଛି ରାଜ୍ୟର ପର୍ବତାରୋହୀ ସାମିଲ ଥିଲେ। ଏହାବ୍ୟତୀତ ଉତ୍ତରାଖଣ୍ଡର ୩ ଗାଇଡ୍ ମଧ୍ୟ ଏହି ଟିମ୍ ସହ ଯାଇଥିଲେ।

### ଫିଲିପିନ୍ସରେ ଜ୍ୱାଳାମୁଖୀ ବିସ୍ଫୋରଣ

## ୩୨ ବିମାନ ବାତିଲ; ସ୍କୁଲ, କଲେଜ ବନ୍ଦ

ମନିଲା, ୫।୬ (ଏଜେନ୍ସି): ଫିଲିପିନ୍ସର ନେଗ୍ରୋସ ଦ୍ୱୀପରେ ଥିବା ମାଉଣ୍ଟ କନଲାଓଁରେ ସୋମବାର ଜ୍ୱାଳାମୁଖୀ ବିସ୍ଫୋରଣ ହୋଇଛି। ଏହାର ଅବଶେଷ ୫ କିମି ଉପରକୁ ଉଠିଛି। ନିକଟସ୍ଥ ଅଞ୍ଚଳରେ ପାଉଁଶ ପୋଖରୀ ସୃଷ୍ଟି ହୋଇଛି। କ୍ରମାଗତ ଭାବେ ଲାର୍ଭା ଉଦ୍‌ଗୀରଣ ଜାରି ରହିଛି। ଏହା ପ୍ରଭାବିତ ହୋଇ ରାସ୍ତା ଏବଂ ନଦୀରେ ମିଶିଯାଇଛି। ଏଥିପାଇଁ ରାସ୍ତା ବନ୍ୟାପାଣି ଏବଂ କାଦୁଅମୟ ହୋଇଯାଇଛି। ସ୍ଥିତିକୁ ଦେଖି ଆଖପାଖ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନିଆଯାଉଛି। ଜ୍ୱାଳାମୁଖୀ କ୍ଷେତ୍ରକୁ ନ ଯିବା ପାଇଁ ସରକାର ଲୋକଙ୍କୁ କୁହାଯାଇଛି। ଅଞ୍ଚଳରେ ସଲ୍‌ଫ୍ୟୁରିକ ଗ୍ୟାସ୍ ବ୍ୟାପିବାର ଚେତାବନୀ ଜାରି କରାଯାଇଛି। ସ୍କୁଲ, କଲେଜ ବନ୍ଦ କରିଦିଆଯାଇଛି। ଏ ପର୍ଯ୍ୟନ୍ତ ଅଞ୍ଚଳ ଦେଇ ଗତି କରୁଥିବା ୩୨ ବିମାନକୁ ବାତିଲ କରାଗଲାଣି। ଲୋକଙ୍କୁ ସହାୟତା କରିବା ପାଇଁ ଉଦ୍ଧାରକାରୀ ଦଳକୁ ୨୪ ଘଣ୍ଟା ସତର୍କ ରଖାଯାଇଛି।

## ପୁଣି ମହାକାଶକୁ ଯାଇ ଇତିହାସ ରଚିଲେ ସୁନିତା

ନୂଆଦିଲ୍ଲୀ, ୫।୬ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ସୁନିତା ୱିଲିୟମ୍ସ ପୁଣିଥରେ ମହାକାଶକୁ ଯାତ୍ରା କରି ଇତିହାସ ସୃଷ୍ଟି କରିଛନ୍ତି। କୌଣସି ମହାକାଶ ଯାନର ପ୍ରଥମ ଅଭିଯାନରେ ମହାକାଶକୁ ଯାଇଥିବା ସେ ପ୍ରଥମ ମହିଳା ହୋଇଛନ୍ତି। ସେ ବୁଧବାର ୮ଟା ୨୨ରେ ଫ୍ଲୋରିଡାର କେପ୍ କାନଭେରଲା ସ୍ପେସ୍ ଫୋର୍ସ ଷ୍ଟେସନର ୪୧ ନଂ ଲଞ୍ଚପ୍ୟାଡ୍‌ରୁ ବୋଇଂ ଷ୍ଟାରଲାଇନର ମହାକାଶଯାନରେ ମହାକାଶ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲେ। ଏହା ସୁନିତାଙ୍କ ତୃତୀୟ ମହାକାଶ ଯାତ୍ରା। ତୃତୀୟ ପ୍ରୟାସରେ ଏହି ଯାନ ସଫଳ ହୋଇଛି। ପୂର୍ବରୁ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଭିଯାନକୁ ୨ ଥର ସ୍ଥଗିତ ରଖାଯାଇଥିଲା। ଏହା ସଠିକ୍ କକ୍ଷରେ ପହଞ୍ଚି ଯାଇଛି। ଦିନକ ପରେ ଏହା ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ) ସହ ଯୋଡ଼ି ହୋଇଯିବ। ଏବେ ଆମେରିକାର ୩ଟି ମହାକାଶ ଯାନ ବୋଇଂ ଷ୍ଟାରଲାଇନର, ସ୍ପେସ୍ ଏକ୍ସର କ୍ର୍ୟୁ ଡ୍ରାଗନ ଏବଂ ଆଇଏସଏସ ରହିଛି।

## କେଜ୍ରିୱାଲଙ୍କ ଜାମିନ ଆବେଦନ ଖାରଜ

ନୂଆଦିଲ୍ଲୀ, ୫।୬(ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ମଧ୍ୟବର୍ତ୍ତୀକାଳୀନ ଜାମିନ ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତ ।ଦିଲ୍ଲୀର ରାଉସ୍ ଆଭିନ୍ୟୁ କୋର୍ଟରେ ବୁଧବାର ଭିଡିଓ କଫରେନ୍ସ ଜରିଆରେ କେଜ୍ରିୱାଲଙ୍କୁ ହାଜର କରାଯାଇ ତାଙ୍କ ଆବେଦନର ଶୁଣାଣି କରାଯାଇଥିଲେ ହେଁ କୋର୍ଟ ଏହାକୁ ଖାରଜ କରିଦେଇଛନ୍ତି। ଅନ୍ୟପକ୍ଷରେ କେଜ୍ରିୱାଲଙ୍କ ନ୍ୟାୟିକ ହେପାଜତ ଅବଧିକୁ ସଂପୃକ୍ତ କୋର୍ଟ ଆଉ ୧୪ ଦିନ ବଢାଇଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସ୍ୱାସ୍ଥ୍ୟଗତ କାରଣକୁ ନେଇ କେଜ୍ରିୱାଲ ସାତ ଦିନର ମଧ୍ୟବର୍ତ୍ତୀକାଳୀନ ଜାମିନ ପାଇଁ ଏହି ଅଦାଲତରେ ଆବେଦନ କରିଥିଲେ। କିନ୍ତୁ ଇଡି କେଜ୍ରିୱାଲଙ୍କ ଆବେଦନକୁ ବିରୋଧ କରିବା ସହିତ ସେ ନିର୍ବାଚନ ସମୟରେ ବୁଲିବା ଦ୍ୱାରା ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଛି ବୋଲି ଯୁକ୍ତି ଦର୍ଶାଇଥିଲା। ଏହାପରେ କୋର୍ଟ ଏହାକୁ ଅଗ୍ରାହ୍ୟ କରି ଦେବା ସହିତ ତାଙ୍କ ନ୍ୟାୟିକ ହେପାଜତ ଅବଧିକୁ ଜୁନ ୧୯ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ତେବେ ହାଜତରେ କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କୋର୍ଟ ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ।

## ଅର୍ଜୁନ ମୁଣ୍ଡାଙ୍କ ସମେତ ହାରିଛନ୍ତି ୧୯ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ, ୫।୬ (ଏଜେନ୍ସି): ଦେଶର ଅଷ୍ଟାଦଶ ଲୋକସଭା ନିର୍ବାଚନରେ ଏନଡିଏକୁ ୨୯୧ ଏବଂ ଇଣ୍ଡିଆକୁ ୨୩୪ ଆସନ ମିଳିଛି। ମାତ୍ର ଏହି ନିର୍ବାଚନରେ ବହୁ ହେଭିୱେଟ ପରାଜୟ ବରଣ କରିଛନ୍ତି। ୫୦ରୁ ୧୯ ଜଣ କେନ୍ଦ୍ରମନ୍ତ୍ରୀ ହାରି ଯାଇଛନ୍ତି। ଆମେଥିରୁ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ କଂଗ୍ରେସ ପ୍ରାର୍ଥୀ କିଶୋରୀ ଲାଲ୍ ଶର୍ମା ୧.୬୭ ଲକ୍ଷ ଭୋଟରେ ହରାଇଛନ୍ତି। ଏହା ବ୍ୟତୀତ କଂଗ୍ରେସ ନେତା ଶଶୀ ଥରୁର ତିରୁଅନନ୍ତପୁରମରୁ







କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖରଙ୍କୁ ୧୬, ୦୭୭ ଭୋଟରେ ପରାସ୍ତ କରିଛନ୍ତି। ସମାଜବାଦୀ ପାର୍ଟି (ଏସ୍‌ପି)ର ଉତ୍କର୍ଷ ବର୍ମା ୩୪ ହଜାର ଭୋଟରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ଟେନିଙ୍କୁ ହରାଇଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ କାଳିଚରଣ ମୁଣ୍ଡା ଝାଡ଼ଖଣ୍ଡ ଖୁଣ୍ଟି ଆସନରୁ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ୧, ୪୯, ୬୭୫ ଭୋଟରେ ପରାଜିତ କରିଛନ୍ତି। ରାଜସ୍ଥାନ ବାରମେରରୁ କୃଷି ରାଷ୍ଟ୍ରମନ୍ତ୍ରୀ କୈଳାସ ଚୌଧୁରୀ ଶୋଚନୀୟ ପରାଜୟ ବରଣ କରିଛନ୍ତି।

ଏହା ବ୍ୟତୀତ ଉତ୍ତର ପ୍ରଦେଶ ଚନ୍ଦୌଲିରୁ କେନ୍ଦ୍ର ଭାରି ଉଦ୍ୟୋଗ ମନ୍ତ୍ରୀ ମହେନ୍ଦ୍ର ନାଥ ପାଣ୍ଡେ, ମୋହନଲାଲଗଞ୍ଜରୁ ୭୦, ୨୯୧ ଭୋଟରେ ଗୃହ ଏବଂ ସହରୀ ବ୍ୟାପାର ମନ୍ତ୍ରୀ କୌଶଳ କିଶୋର, ଫତେହପୁରରୁ ଖାଦ୍ୟ ଯୋଗାଣ ରାଷ୍ଟ୍ରମନ୍ତ୍ରୀ ସାଧବୀ ନିରଞ୍ଜନ ଜ୍ୟୋତି, ମହାରାଷ୍ଟ୍ର ଜାଲନାରୁ ରେଳ ରାଷ୍ଟ୍ରମନ୍ତ୍ରୀ ରାଓ ସାହେବ ଡାନଭେ, ବିହାର ଅରାରୁ କ୍ୟାବିନେଟ ମନ୍ତ୍ରୀ ଆରକେ ସିଂହ, ମୁଜାଫରନଗରରୁ ପ୍ରାୟ ୨୪ ହଜାର ଭୋଟରେ କେନ୍ଦ୍ରୀମନ୍ତ୍ରୀ ସଞ୍ଜୀବ ବଲିୟାନ, କେରଳର ଅତିଙ୍ଗଲରୁ ୧୬,୨୭୨ ଭୋଟରେ କେନ୍ଦ୍ର ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ, ତାମିଲନାଡୁ ନୀଳଗିରିରୁ ୨, ୪୦, ୫୮୫ ଭୋଟ୍‌ରେ ମତ୍ସ୍ୟ ସମ୍ପଦ ରାଷ୍ଟ୍ରମନ୍ତ୍ରୀ ଏଲ୍ ମୁରୁଗନ, ବାଙ୍କୁରାରୁ ୩୨, ୭୭୮ ଭୋଟରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁବାଷ ସରକାର ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ନିଶିଥ ପ୍ରାମାଣିକ କୁଚ ବିହାରରୁ ୩୯ ହଜାର ଭୋଟରେ ହାରି ଯାଇଛନ୍ତି।

## ଏଥର ନିର୍ବାଚିତ ହୋଇଛନ୍ତି ୧୫ ମୁସ୍‌ଲିମ୍ ସାଂସଦ

ନୂଆଦିଲ୍ଲୀ, ୫।୬ (ଏଜେନ୍ସି)

୫୪୩ ଆସନ ବିଶିଷ୍ଟ ଲୋକସଭା ପାଇଁ ହୋଇଥିବା ନିର୍ବାଚନରେ ମୁସଲିମ୍ ପ୍ରାର୍ଥୀଙ୍କ ମୋଟ ସଂଖ୍ୟା ଥିଲା ୮୭। ସେମାନଙ୍କ ମଧ୍ୟରୁ ୧୫ ଜଣ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ଭାରତୀୟ କ୍ରିକେଟ୍ ଟିମ୍‌ର ପୂର୍ବତନ ସଦସ୍ୟ ୟୁସୁଫ୍ ପଠାନ ପଶ୍ଚିମବଙ୍ଗର ବାହାରାମପୁର ସଂସଦୀୟ କ୍ଷେତ୍ରର ତୃଣମୂଳ କଂଗ୍ରେସ (ଟିଏମସି) ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି କଂଗ୍ରେସ ପ୍ରାର୍ଥୀ ୬ଥରର ସାଂସଦ ଅଧୀର ରଞ୍ଜନ ଚୌଧୁରୀଙ୍କୁ ପରାସ୍ତ କରି ଚହଳ ଓ ଚମକ ସୃଷ୍ଟି କରିଛନ୍ତି। ଆସାମର ଧୁବ୍ରି ସଂସଦୀୟ କ୍ଷେତ୍ରରୁ କଂଗ୍ରେସ ପ୍ରାର୍ଥୀ ରାକିବୁଲ ହୁସେନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୦ଲକ୍ଷ ୧୨ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ହରାଇଛନ୍ତି। ସାହାରନପୁରର କଂଗ୍ରେସ ପ୍ରାର୍ଥୀ ଇମରାନ ମାସୁଦ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୬୪ହଜାର ୫୪୨ ଭୋଟ ବ୍ୟବଧାନରେ ହରାଇ ଲୋସଭାକୁ ନିର୍ବାଚିତ ହୋଇଛନ୍ତି। କାଇରାନାର ସମାଜବାଦୀ ପାର୍ଟି ପ୍ରାର୍ଥୀ ଇକ୍ରା ଚୌଧୁରୀ





ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ ପ୍ରଦୀପ କୁମାରଙ୍କୁ ୬୯ହଜାର ୧୧୬ ଭୋଟ ବ୍ୟବଧାନରେ ହରାଇ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ଘାଜିପୁର ସଂସଦୀୟ କ୍ଷେତ୍ରରୁ ଅଫ୍‌ଜଲ୍ ଆନ୍‌ସାରୀ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ହାଇଦ୍ରାବାଦରୁ ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ୍ ଓୱେସି ତାଙ୍କ ବିଜେପି ପ୍ରତିଦ୍ୱନ୍ଦ୍ୱୀ ମାଧବୀ ଲତାଙ୍କୁ ୩ଲକ୍ଷ ୩୮ ହଜାର ୮୭ ଭୋଟରେ ପରାସ୍ତ କରି ନିର୍ବାଚିତ ଘୋଷିତ ହୋଇଛନ୍ତି। ଲାଦାଖର ସ୍ୱାଧୀନ ପ୍ରାର୍ଥୀ ମହମ୍ମଦ ହାନିଫା ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ଜମ୍ମୁ-କାଶ୍ମୀରର ବାରମୂଳା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଅବଦୁଲ୍ ରସିଦ୍ ଶେଖ ନ୍ୟାସ୍‌ନାଲ୍ କନ୍‌ଫରେନ୍ସ ପ୍ରାର୍ଥୀ ଓମାର ଅବଦୁଲ୍ଲାଙ୍କୁ ପରାସ୍ତ କରି ଚହଳ ସୃଷ୍ଟି କରିଛନ୍ତି। ୨୦୧୯ରେ ଏକ ଟେରର୍ ଫଣ୍ଡିଂ ମାମଲାରେ ଗିରଫ ହେଇଥିବା ଅବଦୁଲ ରସିଦ୍ ତିହାର ଜେଲରେ ବନ୍ଦୀ ଥାଇ ନିର୍ବାଚନ ଲଢ଼ି ଜିତିଛନ୍ତି। ଅନନ୍ତନାଗ-ରଜୌରୀ ଆସନରୁ ପିଡିପି ମୁଖ୍ୟ ମେହବୁବା ମୁଫତିଙ୍କୁ ପରାସ୍ତ କରି ସଂସଦକୁ ନିର୍ବାଚିତ ହୋଇଛନ୍ତି ମାଆଁ ଅଲତାଫ୍ ଅହମ୍ମଦ। ଶ୍ରୀନଗରରୁ ସଂସଦକୁ ନିର୍ବାଚିତ ହୋଇଛନ୍ତି ନ୍ୟାସ୍‌ନାଲ୍ କନ୍‌ଫରେନ୍ସ ପ୍ରାର୍ଥୀ ଆଗା ସୟେଦ ରୁହୁଲ୍ଲାହ ମେହଦି। ଉତ୍ତରପ୍ରଦେଶର ରାମପୁର ଆସନରୁ ଜିତିଛନ୍ତି ସମାଜବାଦୀ ପାର୍ଟି ପ୍ରାର୍ଥୀ ମୋହିବୁଲ୍ଲା। ସମ୍ବଲ ସଂସଦୀୟ କ୍ଷେତ୍ରରୁ ଜିତିଛନ୍ତି ସମାଜବାଦୀ ପାର୍ଟି ପ୍ରାର୍ଥୀ ଜିଆ ଉର୍ ରେହମାନ୍।

## ସର୍ବକନିଷ୍ଠ ସାଂସଦ ସମ୍ଭାବୀ ଚୌଧୁରୀ

ନୂଆଦିଲ୍ଲୀ, ୫।୬ (ଏଜେନ୍ସି)

ସମ୍ଭାବୀ ଚୌଧୁରୀ। ବୟସ ୨୫। ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସ'ରୁ ସମାଜ ବିଜ୍ଞାନ(ସୋସିଓଲୋଜି)ରେ ସ୍ନାତକୋତ୍ତର ଡିଗ୍ରୀଧାରିଣୀ ଲୋକ ଜନ ଶକ୍ତି ପାର୍ଟି(ଏଲ୍‌ଜେପି)ର ତୃତୀୟ ପିଢ଼ିର ନେତ୍ରୀ। ବିହାରର ସମସ୍ତିପୁର ସଂସଦୀୟ କ୍ଷେତ୍ରର ଏଲ୍‌ଜେପି ପ୍ରାର୍ଥୀ ସମ୍ଭାବୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ସୁନ୍ନି ହଜାରିଙ୍କୁ ୧ଲକ୍ଷ ୮୭ହଜାର ୨୫୧ ଭୋଟ ବ୍ୟବଧାନରେ ହରାଇ ଲୋକସଭାକୁ ନିର୍ବାଚିତ ଘୋଷିତ ହେବାପରେ ପାଇଛନ୍ତି ଭାରତ ସଂସଦର ସର୍ବକନିଷ୍ଠ ସାଂସଦର ମାନ୍ୟତା। ଏଲ୍‌ଜେପି ହେଉଛି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ'ର ଅଂଶୀଦାର ଦଳ। ବିହାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ନିର୍ବାଚନ ପ୍ରଚାର ସଭାରେ ରାଜନୀତିରେ ରୁଚି ରଖିଥିବା ଉଚ୍ଚଶିକ୍ଷିତା ଯୁବନେତ୍ରୀ ସମ୍ଭାବୀଙ୍କ ଜନସେବା ପାଇଁ ପ୍ରତିବଦ୍ଧତାର ପ୍ରଶଂସା କରିଥିଲେ। ସମ୍ଭାବୀ ବିବାହିତା। ତାଙ୍କ ସ୍ୱାମୀଙ୍କ ନାମ ସାୟାନ କୁନାଲ। ସମ୍ଭାବୀଙ୍କ ଶ୍ୱଶୁର ସାୟାନଙ୍କ ପିତା ଆଚାର୍ଯ୍ୟ କିଶୋର କୁନାଲ ହେଉଛନ୍ତି ଜଣେ ପୂର୍ବତନ ଆଇପିଏସ୍ ଅଫିସର୍ ଓ



ସମାଜସେବୀ। ସମ୍ଭାବୀଙ୍କ ପିତା ଅଶୋକ ଚୌଧୁରୀ କଂଗ୍ରେସ ଛାଡ଼ି ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ(ଜେଡିୟୁ)ରେ ଯୋଗ ଦେବା ପରେ ନୀତୀଶଙ୍କ କ୍ୟାବିନେଟ୍‌ରେ ସ୍ଥାନ ପାଇଛନ୍ତି।

### ନିର୍ବାଚନ ନେଇ ବିଦେଶୀ ଗଣମାଧ୍ୟମର ଟିପ୍ପଣୀ

# ବେକାରୀ, ଅଗ୍ନିବୀର ପାଇଁ ବିଜେପିକୁ ମିଳିଲା କମ୍ ଆସନ

ନୂଆଦିଲ୍ଲୀ, ୫।୬ (ଏଜେନ୍ସି)

ଲୋକସଭା ନିର୍ବାଚନ-୨୦୨୪ର ଫଳାଫଳ ଘୋଷଣା ପରେ ଏହା ସ୍ପଷ୍ଟ ହୋଇଛି ଯେ ବିଜେପି ଏକାକୀ ସରକାର ଗଢ଼ିବାକୁ ସମର୍ଥ ନୁହେଁ କିନ୍ତୁ ବିଜେପି ନେତୃତ୍ୱାଧୀନ ଏନଡିଏ ସହଜରେ ସରକାର ଗଢ଼ିପାରିବା ସ୍ଥିତିରେ ରହିଛି। ଏନ୍‌ଡିଏ ୨୯୨ ଓ ବିଜେପି ୨୪୦ରେ ସୀମିତ ରହିବାରୁ ଏନ୍‌ଡିଏ ୪୦୦ ପାର ଓ ବିଜେପି'ର ୩୭୦ ଟାର୍ଗେଟ୍ ଏକ ଅପହଞ୍ଚ ଉଚ୍ଚାକାଂକ୍ଷା ଥିଲା-ଏହା ପ୍ରମାଣିତ ହୋଇଛି। ତେବେ ନରେନ୍ଦ୍ର ମୋଦୀ ଲଗାତାର ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବା ଆପାତତଃ ନିଶ୍ଚିତ। ଏ ନେଇ ବିଦେଶୀ ଗଣମାଧ୍ୟମ ଟିପ୍ପଣୀ ଦେବା ଆରମ୍ଭ କରିଛନ୍ତି। ବିବିସି ପକ୍ଷରୁ ଲେଖାଯାଇଛି ଯେ ନିର୍ବାଚନ ଫଳାଫଳ ମୋଦୀଙ୍କୁ ବ୍ୟକ୍ତିଗତ ଭାବେ ଏକ ବଡ଼ ଝଟ୍‌କା ଦେଇଛି। ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ଭାବେ ଏ ପର୍ଯ୍ୟନ୍ତ ତାଙ୍କୁ ବହୁମତ ମିଳିଥିଲା। ମୋଦୀ ବ୍ରାଣ୍ଡ ଏବେ ଚମକ ହରାଇ ଦେଇଛି ବୋଲି ଜଣାପଡୁଛି। ପ୍ରଧାନମନ୍ତ୍ରୀ ମୋଦୀ ସେତେ ଅଜେୟ ନୁହଁନ୍ତି। ବିଜେପିକୁ କମ୍ ଆସନ ମିଳିବା ପଛରେ ବେକାରୀ, ଦରଦାମ ବୃଦ୍ଧି, ଅସମାନତା ଏବଂ ଅଗ୍ନିବୀର ଭଳି ଯୋଜନା ରହିଛି। ଏହା ବ୍ୟତୀତ ମୋଦୀଙ୍କ ବିଭାଜନକାରୀ ପ୍ରଚାରକୁ ମଧ୍ୟ ଦାୟୀ କରାଯାଉଛି। ୱାଶିଂଟନ ପୋଷ୍ଟ ଲେଖିଛି, ଭାରତର ଲୋକସଭା ପାଇଁ ଅନୁଷ୍ଠିତ ନିର୍ବାଚନର ଫଳାଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଖ୍ୟାତିକୁ ଅପ୍ରତ୍ୟାଶିତ ଭାବେ ମଳିନ ଓ ନିଷ୍ପ୍ରଭ କରିଛି। ବିଜେପିକୁ ମୋଦୀଙ୍କ ହିନ୍ଦୁ ଜାତୀୟତାବାଦୀ ଦଳ ଭାବେ ବର୍ଣ୍ଣନା କରି ୱାଶିଂଟନ ପୋଷ୍ଟ ଟିପ୍ପଣୀ ରଖିଛି, ଭାରତୀୟ ଭୋଟର ମୋଦୀଙ୍କ ଦଳକୁ କୁଣ୍ଠିତ ସମର୍ଥନ ଦେଇ ସୂଚାଇଛନ୍ତି ଯେ ମୋଦୀ ଅପରାଜେୟ, ମୋଦୀ ଯାହା ନିଷ୍ପତ୍ତି ନେଲେ ବି ତାହା ଗ୍ରହଣୀୟ, ମୋଦୀ ଥିଲେ ସବୁକିଛି ସମ୍ଭବ- ଏପରି ଅବଧାରଣା କହାରି ନରହୁ। ଗାର୍ଡିୟାନ ଖବରକାଗଜ ଲେଖିଛି, ମୋଦୀ ପ୍ରଚଣ୍ଡ ବହୁମତ ପାଇ ଲଗାତାର ତୃତୀୟ ଥର ପାଇଁ ସୁଦୃଢ଼, ସୁସ୍ଥିର ସରକାର ଗଢ଼ିବେ ବୋଲି ଯାହା ପୂର୍ବାନୁମାନ କରାଯାଇଥିଲା ତାହା ଭୁଲ ପ୍ରମାଣିତ ହୋଇଛି। ଅପ୍ରତ୍ୟାଶିତ ଭାବେ ବିଜେପିର ଶକ୍ତି ହ୍ରାସ ପାଇଥିବା ବେଳେ ବିପକ୍ଷଙ୍କ ମେଣ୍ଟର ପ୍ରଦର୍ଶନ ଉତ୍ତମ ରହିଛି, ବିରୋଧୀ ଶକ୍ତିଶାଳୀ ହେଇଛନ୍ତି। ଟାଇମ୍ସ ଲେଖିଛି, ନିର୍ବାଚନ ମୋଦୀଙ୍କୁ






ଆଶାନୁରୂପ ସଫଳତା ଦେଇନାହିଁ। ତାଙ୍କୁ ଏବେ ଅନ୍ୟ ସହଯୋଗୀ ଦଳଙ୍କ ସମର୍ଥନ ମାଗିବାକୁ ପଡ଼ିବ। ସହଯୋଗୀ ଦଳଙ୍କ ପାଇଁ ତାଙ୍କ 'ପ୍ରଥମେ ହିନ୍ଦୁ' ଏଜେଣ୍ଡା ଗ୍ରହଣୀୟ ହୋଇନପାରେ। ଫାଇନାନସିଆଲ୍ ଟାଇମ୍ସ ଲେଖିଛି, ଭାରତ ଏବେ ପୁଣି ଥରେ ମେଣ୍ଟ ରାଜନୀତି ଆଡ଼କୁ ମୁହାଁଇଛି। ମୋଦିଙ୍କୁ ଏବେ ମେଣ୍ଟ ଧର୍ମ ପାଳନ କରିବାକୁ ପଡ଼ିବ ଯେଉଁଥିରେ ସେ ଅଭ୍ୟସ୍ତ ନୁହଁନ୍ତି। କାହା ସହ ସାଲିସ୍ କରିବା ତାଙ୍କ ସ୍ୱଭାବବିରୁଦ୍ଧ। ସେହିପରି 'ଲି ମୋଣ୍ଡେ' ପକ୍ଷରୁ ଲେଖାଯାଇଛି ଯେ ୭୩ ବର୍ଷୀୟ ମୋଦୀ ତୃତୀୟ ଥର ପାଇଁ କ୍ଷମତାରେ ରହିପାରନ୍ତି। ମାତ୍ର ଚଳିତ ଥର ତାଙ୍କୁ ଚେତାବନୀର ସହ କ୍ଷମତା ମିଳିଛି। ସେ ଜନତାଙ୍କୁ ୪୦୦ରୁ ଅଧିକ ଆସନ ମାଗିଥିଲେ। କିନ୍ତୁ ତାଙ୍କୁ ୨୭୦ ବି ମିଳି ନ ଥିଲା। ସେ ନିର୍ବାଚନରେ ପ୍ରାୟ ସବୁଠି ପ୍ରଚାର କରିଥିଲେ। ୨୦୦ରୁ ଅଧିକ ରାଲି କରିଥିଲେ। ଏହା ସତ୍ତ୍ୱେ ତାଙ୍କ ଯାଦୁ ଚାଲି ପାରି ନ ଥିଲା। ଏତିକି ମାତ୍ର ଆସନରେ ସେ ସମ୍ବିଧାନ ବଦଳେଇ ପାରିବେ ନାହିଁ। ଏହା ବ୍ୟତୀତ ସିଏନଏନ ପକ୍ଷରୁ ଲେଖାଯାଇଛି ଯେ ଭାରତର ସବୁଠାରୁ ଲୋକପ୍ରିୟ, ମାତ୍ର ବିବାଦୀୟ ନେତା ତୃତୀୟ କାର୍ଯ୍ୟକାଳକୁ ଅପେକ୍ଷା କରିଛନ୍ତି। ସେ ନିର୍ବାଚନ ଜିତିବା ପାଇଁ ପ୍ରଚାର ସମୟରେ ଇସ୍‌ଲାମ ବିରୋଧୀ ମନ୍ତବ୍ୟ ଦେଇଥିଲେ। ବାଂଲାଦେଶର 'ଦ ଡେଲି ଷ୍ଟାର' ଲେଖିଛି ଯେ ଚଳିତ ଥର ଦୁର୍ବଳ ବିଜେପି ସରକାର ଗଠନ ହେବ ବୋଲି ଲାଗୁଛି। ଏକଜିଟ ପୋଲ୍‌ରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କମ ଆସନ ମିଳିବ ବୋଲି କୁହାଯାଇଥିଲା। କିନ୍ତୁ ଫଳାଫଳ ଭିନ୍ନ ହୋଇଥିଲା। ସେ ପୁଣିଥରେ ବିଜେପିକୁ ମାତ୍ ଦେଲେ।

୫/୬/୨୦୨୪ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୩,୧୫,୪୫୬/- ସୁନା: ୦୦.୨୦୦ ଗ୍ରାମ୍ ରୁପା: ୩୩.୨୫୦ ଗ୍ରାମ୍



## ପରିବେଶ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

# ବୃକ୍ଷରୋପଣ ପାଇଁ ସଂକଳ୍ପର ଆହ୍ୱାନ

ପୁରୀ,୫।୬(ସମିସ)



**ବିଶ୍ୱ ପରିବେଶ ଦିବସ**

ପୁରୀ ସୁରକ୍ଷା ପରିଷଦ ପୁରୀ ଆନୁକୂଲ୍ୟରେ ସାତ ଦିନ ଧରି ଚାଲିଥିବା ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହର ଉଦ୍‌ଯାପନୀ ଉତ୍ସବ ଓ ବିଶ୍ୱ ପରିବେଶ ଦିବସ ବୁଧବାର ସତ୍ୟବାଦୀ ଜାଭିୟର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଆଲୋଚନାଚକ୍ରରେ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ଭାରତ ବିକାଶ ପରିଷଦର ରାଜ୍ୟ ସଭାପତି ସତ୍ୟବାଦୀ ଦାଶ ଆଲୋଚନାଚକ୍ର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ବିନୋଦ କୁମାର ପଣ୍ଡା, ପ୍ରାଧ୍ୟପକ ବୃନ୍ଦାବନ ରଥ, ବରିଷ୍ଠ ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ଦେବରାଜ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିବୃନ୍ଦ ନିଜ ନିଜର ମତ ରଖି କହିଥିଲେ ଯେ, ଆଜି ସହରରେ ବୃକ୍ଷରୋପଣ ପାଇଁ ସଂକଳ୍ପ ନେବାର ସମୟ ଆସିଛି। ବର୍ଷ ବର୍ଷ ଧରି ବୃକ୍ଷ କଟା ହେବା ଯୋଗୁ ପରିବେଶ ନଷ୍ଟ ହେବାର ଲାଗିଛି। ପ୍ରଚଣ୍ଡ ରୌଦ୍ରତାପ ମଣିଷ ସମାଜକୁ କଲବଲ କଲାଣି। ଏଥିପ୍ରତି ପ୍ରତ୍ୟେକ ମଣିଷ ସଚେତନ ହେବା ଦରକାର। ଏ ଦିଗଗୁଡ଼ିକୁ ଆଉଥରେ ବିଚାର କରି ପ୍ରକୃତି ଓ ପରିବେଶ ସୁରକ୍ଷିତ ରଖିବା ପାଇଁ ବଦ୍ଧପରିକର ହେବା ଜରୁରୀ। ଆଲୋଚନାଚକ୍ରରେ ପୂର୍ବତନ ବ୍ୟାଙ୍କ ଅଧିକାରୀ କୈଳାସ ଚନ୍ଦ୍ର ସାହୁ, ସ୍ତମ୍ଭକାର ଗୁରୁଚରଣ ଦାସ, ନାରାୟଣ ନନ୍ଦ, ସନ୍ତୋଷ କୁମାର ସାହୁ, ପ୍ରଫୁଲ୍ଲ କୁମାର ପଣ୍ଡା, ନବଘନ ଶତପଥୀ, ବିଜୟ କୁମାର ପରିଡା, ସୁନନ୍ଦା ମହାନ୍ତି, ସନ୍ଦୀପ କର୍ମକାର ଯୋଗଦେଇ ସବୁଜ ବିପ୍ଳବ ପାଇଁ ନିଜ ନିଜର ମତ ରଖିଥିଲେ। ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୨ଟି ଅଁଳା ଗଛ ୨ଟି ଅନୁଷ୍ଠାନକୁ ପ୍ରଦାନ କରାଯାଇଥିଲା। ଶେଷରେ ଯୋଗେଶ୍ୱର ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷା ତଥା ଜିଲ୍ଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ବୁଧବାର ଗଦାଧର ହାଇସ୍କୁଲ ପରିସରରେ ବିଶ୍ୱ ପରିବେଶ ଦିବସ ଅବସରରେ ବୃକ୍ଷରୋପଣ କରାଯାଇଛି। ଏହି ଆଜିର କାର୍ଯ୍ୟକ୍ରମରେ ପରିବାର ଅଦାଲତ ବିଚାରପତି ସୁମିତା ଜେନା, ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଚିନ୍ମୟୀ ଦେହୁରୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୁତକୃତି ଆଚାର୍ଯ୍ୟ, ପୁଣ୍ୟଶ୍ଳୋକ ଦାସ, ଏସ୍. କାନୁନଗୋ, ଶିଶିର କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଏନ୍‌ସିସି ଛାତ୍ର ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ପ୍ରାଧିକରଣର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ନିମାପଡ଼ା

**ନିମାପଡ଼ା:** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ ଭାଣପୁରସ୍ଥିତ ଦିବାକର ସ୍ମୃତି ସଂସଦ ପାଠାଗାର ଓ ଗ୍ରାମର ଯୁବକ ମାନଙ୍କ ଦ୍ୱାରା ଆଜି ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ଗ୍ରାମ ନିକଟସ୍ଥ ବଧୁଆ ପୋଖରୀ ହୁଡ଼ାରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଛି। ଯଥା ଆମ୍ବ, ପିଜୁଳି, ବଉଳ, ପିଜୁଳି, ବେଲ ଓ କଦମ୍ବ ଆଦି ଚାରାରୋପଣ କରିଥିଲେ। ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଗୋପୀନାଥ କର, ସାମ୍ବାଦିକ ପ୍ରଫୁଲ୍ଲ କୁମାର କର, ଶିକ୍ଷକ ପ୍ରସନ୍ନ କର, ରତ୍ନାକର କର, ନିତ୍ୟାନନ୍ଦ ଦାଶ, ରମେଶ କର, ଅବିନାଶ କର, ଜଗନ୍ନାଥ କର ପ୍ରମୁଖ ଯୋଗ ଦେଇଥିଲେ।

**କଣାସ:** କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ସଂସ୍କୃତି କଳାପରିଷଦ, ତିପୁରୀ, ଜନମଙ୍ଗଳ କ୍ଲବ କଣାସ ଏବଂ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ପି.ଏସ୍ କ୍ୟାରିୟର ଓ ଗ୍ରିନ୍ ଫ୍ୟାମିଲ୍ କଣାସର ଛାତ୍ରଛାତ୍ରୀ ଶିକ୍ଷକମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା କଣାସ ପଞ୍ଚାୟତ ସମିତିଠାରୁ ବାହାରି ବାଲିଘାଇଛକ, କୁଶ୍ୱେରୀ ବଜାର, ଗୋଲାବଜାର ଦେଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଛାତ୍ରଛାତ୍ରୀମାନେ ପରିବେଶ ସୁରକ୍ଷା ସଂପର୍କରେ ଲେଖା ହୋଇଥିବା ପ୍ଲାକାର୍ଡ ଧରିବା ସହିତ ସ୍ଲୋଗାନ୍ ଦେଇଥିଲେ। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଡାକ୍ତର ବିଶ୍ୱରଂଜନ ଜେନା, ବିପିଏମ୍ ଧନେଶ୍ୱର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଆଧୁନିକ ସମାଜରେ ପରିବେଶକୁ କିପରି ରକ୍ଷା କରାଯାଇ ପାରିବ ସେନେଇ ସମସ୍ତ ଛାତ୍ରଛାତ୍ରୀ ଆଗଭର ହେବା ଦରକାର ବୋଲି ପରାମର୍ଶ ଦେଇଥିଲେ। ଶେଷରେ ଡାକ୍ତରଖାନା ପରିସରରେ ବଉଳ, ଲିମ୍ବ, ଅଶୋକା ଇତ୍ୟାଦି ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିବେଶବିତ୍ ଅପର୍ତି ମହାପାତ୍ର, ଅଗ୍ନିଶମ ବିଭାଗ କର୍ମଚାରୀ ମହେଶ୍ୱର ପରିଡା ପରିଚାଳନା କରିଥିଲେ।




## ମହାପ୍ରଭୁଙ୍କ ହେଲା ବନକଲାଗି



**ପୁରୀ,୫।୬(ସମିସ):** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତାର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

● ନରେନ୍ଦ୍ର ବାଣ ବିସ୍ଫୋରଣ ଘଟଣା

## ଆଖି ବୁଜିଲେ ଆଉ ଜଣେ; ମୃତ୍ୟୁ ସଂଖ୍ୟା ୧୫

**ପୁରୀ,୫।୬(ସମିସ):** ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣାର ଦୁଃଖ ଏ ଯାଏ ସରୁନି। ଦିନ ଯେତେ ଗଡୁଛି ମୃତ୍ୟୁ ସଂଖ୍ୟା ବଢ଼ିବାର ଖବର ସମସ୍ତଙ୍କୁ ମ୍ରିୟମାଣ କରିଦେଉଛି। ମେ ୨୯ ତାରିଖ କାଳ ରାତ୍ରୀର ଏହି ଛାତିଥରା ଘଟଣାରେ ପୁଣି ଆଖି ବୁଜିଛନ୍ତି ଆଉ ଜଣେ। ଫଳରେ ମୃତ୍ୟୁସଂଖ୍ୟା ୧୫ ଛୁଇଁଥିବା ବେଳେ ଏବେ ବି ବିଭିନ୍ନ ହସ୍ପିଟାଲରେ ୧୨ ଜଣ ଚିକିତ୍ସାଧୀନ ଅଛନ୍ତି। ଗତ ୨୯ ତାରିଖ ଚନ୍ଦନ ଯାତ୍ରାର ଭଉଁରୀ ଅବସରରେ ଚାଲିଥିଲା ମହାପ୍ରଭୁଙ୍କ ଚାପ ଖେଳ। ନରେନ୍ଦ୍ର ପୁଷ୍କରିଣୀ ଚାରିପଟେ ହଜାର ହଜାର ଶ୍ରଦ୍ଧାଳୁ ବସି ଚାପ ଖେଳ ଦେଖୁଥିଲେ। ହଠାତ୍ ଦେବୀଘାଟ ଦସନ୍ତୁଠ ନିକଟରେ ହେଲା ବଡ଼ଧରଣର ବିସ୍ଫୋରଣ। ଗୋଟିଏ ଜାଗାରେ ଗଚ୍ଛିତ ଥିବା ବାଣରେ ନିଆଁ ଲାଗି ଏକାସଙ୍ଗେ ସବୁ ଫୁଟିଥିଲା। ଶ୍ରଦ୍ଧାଳୁଙ୍କ ଦେହରେ ନିଆଁ ଲାଗିଯିବା ସହ ଅନେକଙ୍କ ଦେହରେ ବାଣ ଆସି ମାଡ଼ ହୋଇଥିଲା। ନିମିଷକ ମଧ୍ୟରେ ନିଆଁରେ ପୋଡ଼ି ଯାଇଥିଲେ ୩୬ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ। ବାଣ ବିସ୍ଫୋରଣ ପରେ ଜୀବନ ବଞ୍ଚାଇବାକୁ ନରେନ୍ଦ୍ର ପୁଷ୍କରିଣୀ ଭିତରକୁ ଡେଇଁପଡ଼ିଥିଲେ ଅନେକ। ଆହତଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୯ ଜଣ ଚିକିତ୍ସିତ ହୋଇ ଘରକୁ ଫେରିଥିବା ବେଳେ ୧୫ ଜଣଙ୍କର ଅକାଳରେ ଜୀବନ ଚାଲିଯାଇଛି। ଏବେ ହସ୍ପିଟାଲରେ ୧୨ ଜଣ ଚିକିତ୍ସିତ ହେଉଛନ୍ତି।

# ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ



ସାକ୍ଷୀଗୋପାଳ,୫।୬(ସମିସ)

ସାକ୍ଷୀଗୋପୀନାଥଙ୍କ ମନ୍ଦିର ସନ୍ନିକଟ ରାମ ମନ୍ଦିର ନିକଟରେ ନଅ ଦିନ ଧରି ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଉଦ୍‌ଯାପିତ ହୋଇଯାଇଛି। ମାନସ ଚିନ୍ତନଚକ୍ର ସତ୍ୟବାଦୀ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଇଥିଲା। ପ୍ରତିଦିନ ବ୍ୟାସ ନାରାୟଣ ଦାଶ ରାମଚରିତ ମାନସ ପାଠ କରିଥିବା ବେଳେ ଧାରକ କ୍ଷେତ୍ରମୋହନ ମିଶ୍ର ସହଯୋଗ କରିଥିଲେ। ପ୍ରତିଦିନ ରାତ୍ରିରେ ଅଭିମନ୍ୟୁ ବରାଳ ଓ ନିରଞ୍ଜନ ଦୀକ୍ଷିତ ପ୍ରବଚନ ଦେଇଥିଲେ। ଶେଷ ଦିନରେ ତଥା ଉଦ୍‌ଯାପନୀ ଦିବସରେ ନାମସଂକୀର୍ତ୍ତନ ସହିତ ଏକ ଯଜ୍ଞର ଆୟୋଜନ କରାଯାଇଥିଲା। ଏଥିରେ ରବୀନ୍ଦ୍ର ନାଥ ଷଡ଼ଙ୍ଗୀ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ପୁରୋହିତ ଭାବେ ଲିଙ୍ଗରାଜ ପଣ୍ଡା ରହିଥିଲେ। ଏଥିରେ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବୈଧ ଭୋଟ୍ ସଂଖ୍ୟା ୧୧,୮୯,୩୨୮

ପୁରୀ,୫।୬(ସମିସ)




ଶେଷ ହୋଇଛି ଭୋଟ ଗଣତି। ବାହାରି ସାରିଛି ଫଳାଫଳ। ପୁରୀ ସଂସଦୀୟ କ୍ଷେତ୍ରରେ ବିଜେପି ପ୍ରାର୍ଥୀ ସମ୍ବିତ ପାତ୍ର ବିଜୟୀ ହୋଇଛନ୍ତି। ତେବେ ଏହି ସଂସଦୀୟ କ୍ଷେତ୍ରରେ ବୈଧ ଭୋଟ ସଂଖ୍ୟା ରହିଥିଲା ୧୧,୮୯,୩୨୮। ଏତଦ୍‌ବ୍ୟତୀତ କୌଣସି ପ୍ରାର୍ଥୀଙ୍କୁ ପସନ୍ଦ ନ କରି ୭,୬୧୦ ଭୋଟର ନୋଟାରେ ଭୋଟ ଦେଇଥିବା ବେଳେ ୬୮୧ ଖଣ୍ଡ ଭୋଟ ରିଜେକ୍ଟ ହୋଇଛି।

ପୁରୀ ଲୋକସଭା ଅଧୀନରେ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ (ପୁରୀ, ପିପିଲି, ବ୍ରହ୍ମଗିରି, ସତ୍ୟବାଦୀ, ଚିଲିକା, ରଣପୁର ଏବଂ ନୟାଗଡ଼) ରହିଛି। ଏହି ଆସନରେ ୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେମାନେ ହେଲେ ବିଜେଡିରୁ ଅରୂପ ମୋହନ ପଟ୍ଟନାୟକ, ବିଜେପିରୁ ସମ୍ବିତ ପାତ୍ର, କଂଗ୍ରେସରୁ ଜୟନାରାୟଣ ପଟ୍ଟନାୟକ, ସମାଜ ପାର୍ଟିର ଶାନ୍ତନୁ କୁମାର ଦାସ, ସୋସିଆଲିଷ୍ଟ ୟୁନିଟ୍ ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟର) ସୁବାସ ଚନ୍ଦ୍ର ଭୋଇ, ସ୍ୱାଧୀନ ପ୍ରାର୍ଥୀ ଶୋଭା ପାଣ୍ଡେ ଓ ଦିଲ୍ଲୀପ କୁମାର ବରାଳ। ସମ୍ବିତ ପାତ୍ର ଇଭିଏମ୍ ଭୋଟ ୬,୨୫,୫୭୨ ଖଣ୍ଡ ଏବଂ ପୋଷ୍ଟାଲ ବାଲାଟ୍ ୩,୯୫୮ ଖଣ୍ଡ ଏହିପରି ମୋଟ ୬,୨୯,୩୩୦ ଖଣ୍ଡ ଭୋଟ ପାଇଥିବା ବେଳେ ଅରୂପ ପଟ୍ଟନାୟକ ଇଭିଏମ୍ ଭୋଟ ୫,୨୩,୦୩୬ ଖଣ୍ଡ ଏବଂ ପୋଷ୍ଟାଲ ବାଲାଟ୍ ୧,୫୮୫ ଖଣ୍ଡ ଏହିପରି ମୋଟ ୫,୨୪,୬୨୧ ଖଣ୍ଡ ଭୋଟ ପାଇଛନ୍ତି। କଂଗ୍ରେସର ଜୟନାରାୟଣ ପଟ୍ଟନାୟକ ୨୭୬ ଖଣ୍ଡ ପୋଷ୍ଟାଲ ବାଲାଟ୍‌କୁ ମିଶାଇ ମୋଟ ୨୪,୩୪୨ ଖଣ୍ଡ ଭୋଟ ପାଇଥିବା ବେଳେ ବହୁଜନ ସମାଜ ପାର୍ଟିର ଶାନ୍ତନୁ କୁମାର ଦାସ ୩,୯୨୯ ସୋସିଆଲିଷ୍ଟ ୟୁନିଟ୍ ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟର) ସୁବାସ ଚନ୍ଦ୍ର ଭୋଇ ୩,୨୬୬ ଖଣ୍ଡ, ସ୍ୱାଧୀନ ପ୍ରାର୍ଥୀ ଶୋଭା ପାଣ୍ଡେ ୨,୨୨୯ ଖଣ୍ଡ ଓ ଦିଲ୍ଲୀପ କୁମାର ବରାଳଙ୍କୁ ୧,୬୧୧ ଖଣ୍ଡ ଭୋଟ ମିଳିଛି।

ଏହି ସଂସଦୀୟ କ୍ଷେତ୍ରରେ ମୋଟ ୧୧,୯୭,୬୧୯ ଜଣ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି। କିନ୍ତୁ ଏଥିମଧ୍ୟରୁ ନୋଟାରେ ୭,୬୧୦ ଭୋଟ ପଡ଼ିଥିବା ବେଳେ ୬୮୧ ଖଣ୍ଡ ଭୋଟ ରିଜେକ୍ଟ ହୋଇଯାଇଛି। ତେଣୁ ବୈଧ ଭୋଟ ସଂଖ୍ୟା ରହିଛି ୧୧,୮୯, ୩୨୮। ଏହି ବୈଧ ଭୋଟ ମଧ୍ୟରୁ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ସର୍ବାଧିକ ଭୋଟର ମତଦାନ କରିଛନ୍ତି। ନୋଟା ଏବଂ ରିଜେକ୍ଟ ଭୋଟକୁ ବାଦ୍ ଦେଇ ପିପିଲିର ୧,୯୦,୫୮୫ ବୈଧ ଭୋଟ ହୋଇଥିବା ବେଳେ ପୁରୀ ୧,୬୦,୩୬୧, ବ୍ରହ୍ମଗିରି ୧,୮୩,୫୫୭, ସତ୍ୟବାଦୀ ୧,୬୨,୬୯୪, ଚିଲିକା ୧,୬୫,୭୨୭, ରଣପୁର ୧,୫୫,୨୬୦ ଏବଂ ନୟାଗଡ଼ର ବୈଧ ଭୋଟ ସଂଖ୍ୟା ରହିଛି ୧,୬୫,୨୮୨। ସେହିପରି ପୋଷ୍ଟାଲ ବାଲାଟ ବୈଧ ଭୋଟ ସଂଖ୍ୟା ରହିଛି ୫,୮୬୨।

ସେହିପରି କୌଣସି ପ୍ରାର୍ଥୀଙ୍କୁ ପସନ୍ଦ ନୋଟାରେ ପଡ଼ିଛି ୭,୬୧୦ ଖଣ୍ଡ ଭୋଟ। ଯେଉଁଥିରେ ପୋଷ୍ଟାଲ ବାଲାଟ୍‌ର ବି ୪୨ ଖଣ୍ଡ ଭୋଟ ସାମିଲ ଅଛି। ନିର୍ବାଚନମଣ୍ଡଳୀ ଅନୁଯାୟୀ ଦେଖିଲେ ଚିଲିକାରର ସର୍ବାଧିକ ୧,୫୫୭ ଖଣ୍ଡ ଭୋଟ ନୋଟାକୁ ଯାଇଛି। ସେହିପରି ପୁରୀ ନିର୍ବାଚନମଣ୍ଡଳୀର ୧,୩୧୦, ବ୍ରହ୍ମଗିରି ୬୮୩, ସତ୍ୟବାଦୀ ୮୦୧, ପିପିଲି ୮୪୨, ରଣପୁର ୧,୧୦୪ ଏବଂ ନୟାଗଡ଼ ନିର୍ବାଚନମଣ୍ଡଳୀର ୧,୨୪୧ ଭୋଟର କୌଣସି ସାଂସଦ ପ୍ରାର୍ଥୀଙ୍କୁ ପସନ୍ଦ ନ କରି ନୋଟାରେ ଭୋଟ ଦେଇଛନ୍ତି।



# ଅସହ୍ୟ ଗୁଳୁଗୁଳି; କଲବଲ କରୁଛି ଝାଞ୍ଜି



ଖୋର୍ଦ୍ଧା, ୫।୬(ସମିସ):

ଜାରି ରହିଛି ପ୍ରବଳ ଗ୍ରୀଷ୍ମ ପ୍ରବାହ। ପ୍ରବଳ ତାତି ଓ ଗୁଳୁଗୁଳିରେ ଛଟପଟ ହେଉଛନ୍ତି ଲୋକେ। ପାଗରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳୁନଥିବାବେଳେ ଅସହ୍ୟ ଗରମ ଅନୁଭୂତ ହେଉଛି। ଏପରିକି ଗରମ ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ ଲୋକଙ୍କ ଚିନ୍ତା ବଢ଼ାଉଛି।

ତାପମାତ୍ର ବଢ଼ିବା ଦ୍ୱାରା ବିଭିନ୍ନ ପୋଖରୀ ଶୁଖିଲା ଦେଖାଯାଇଛି। କୂଅଗୁଡ଼ିକୁ ଏବେଠାରୁ ଆଖି ପାଉନଥିବା ବେଳେ ସହରରେ ବିଭିନ୍ନ ସ୍ଥାନରେ ଥିବା ନଳକୂପ ଗୁଡ଼ିକ ଘଣ୍ଟାଏ ମାରିଲେ ବାଲ୍‌ଟିଏ ପାଣି ବାହାରିବା ଦେଖାଯାଇଛି। ଲୋକଙ୍କ ଘରେ ଲଗାଇଥିବା ଶୀତତାପ ଯନ୍ତ୍ରଗୁଡ଼ିକ ସତେ ଯେମିତି ଦିନ ସାଢ଼େ ୧୦ଟା ପରେ ଅଚଳ ହୋଇପଡୁଛି। ସହରର ପ୍ରମୁଖ ରାସ୍ତା ଉଭୟ ପାର୍ଶ୍ୱରେ ଗଛ ଦେଖିବା ସାତ ସପନ ପାଲଟିଥିବା ବେଳେ ଦିନ ସାଢେ ୧୧ଟା ପରେ ରାସ୍ତାଘାଟ ଶୂନସାନ ହେବା ଏକପ୍ରକାର ଦେଖାଯାଉଛି। ସହର ଏବଂ ଗ୍ରାମାଞ୍ଚଳରେ ଯେମିତି ହୋଇଛି ଅଘୋଷିତ ଲକ୍‌ଡାଉନ।

ଅଗ୍ନିବର୍ଷା ଭୟରେ ବ୍ୟବସାୟ ଅନୁଷ୍ଠାନଗୁଡ଼ିକ କାଁ ଭାଁ ଖୋଲା ଦେଖାଯାଉଥିବା ବେଳେ ସନ୍ଧ୍ୟା ପ୍ରାୟ ୮ଟା ବେଳକୁ ବହୁ ବ୍ୟବସାୟ ପ୍ରତିଷ୍ଠାନରେ ତାଲା ପଡ଼ିବା ଦେଖାଯାଉଛି। ପାରଦ ପ୍ରାୟ ୩୮ ଡିଗ୍ରୀ ତଳକୁ ଖସିବା ନାଁ ଧରୁନଥିବା ବେଳେ ପ୍ରାୟ କିଛିଦିନ ହେବ ସହରରେ ଜାରି ରହିଛି ଅଗ୍ନିବର୍ଷା। ପ୍ରଚଣ୍ଡ ତାତି ଏବଂ ପରିବେଶ ରକ୍ଷା ପାଇଁ ଶିଳ୍ପାଞ୍ଚଳରେ ନିୟମ ମୁତାବକ ପର୍ଯ୍ୟାପ୍ତ ପରିମାଣର ଗଛ ଲଗାଇବା ତ' ଦୂରର କଥା ବରଂ ଶିଳ୍ପ ଏବଂ ରାସ୍ତା ପ୍ରଶସ୍ତୀକରଣ ଆଳରେ ବହୁ ଗଛ କଟାଯାଉଛି। ରାସ୍ତା ଉନ୍ନୟନ ଆଳରେ ରାସ୍ତାକଡ଼ରେ ଥିବା ବିରାଟକାୟ ଗଛଗୁଡ଼ିକ କାଟି ଦିଆଯାଇଛି। କିନ୍ତୁ ଯେଉଁ ପରିମାଣର ବଡ଼ ବଡ଼ ଗଛ କଟା ଯାଇଛି ତାର କାଣିଚାଏ ଚାରା ରାସ୍ତାପାର୍ଶ୍ୱରେ ରୋପଣ ହେବା ଦେଖିବାକୁ ମିଳୁନି। କେବଳ ରାସ୍ତାର ମଝିରେ ଛୋଟ ଛୋଟ ଫୁଲଗଛ ସଦୃଶ ଗଛ ଲଗାଇ କାମ ସାରିଦେଇଛି। ଯାହାଫଳରେ ଖୋର୍ଦ୍ଧା ଜିଲ୍ଲା ବେଳକୁ ବେଳ ଉତ୍ତପ୍ତ ହେବାରେ ଲାଗିଛି। ଗୋରୁ ଗାଈ ବି ପାଣି ଟୋପାଏ ଲାଗି ଡହକ ବିକଳ ହେଉଛନ୍ତି। ଆଉ ଏକ ମୁଖ୍ୟ ସମସ୍ୟା ହୋଇ ଠିଆ ହେଉଛି ସହର ଜନସଂଖ୍ୟା ବୃଦ୍ଧି। ଯେଉଁ ଅନୁପାତରେ ଜନସଂଖ୍ୟା ବଢୁଛି ସେହି ଅନୁପାତରେ ଯାନବାହାନ, କୋଠାବାଡି, କଳକାରଖାନା ବଢ଼ିବାରେ ଲାଗିଛି।

ଅନ୍ୟପକ୍ଷରେ ସଚେତନତା ଅଭାବ ଏବଂ କାଠମାଫିଆଙ୍କ ପ୍ରାଦୁର୍ଭାବରେ ଯେଉଁ ତୁଳନାରେ ଖୋର୍ଦ୍ଧା ବନଖଣ୍ଡରେ ଜଙ୍ଗଲ ଜଳିବା ଘଟଣା ନଜରକୁ ଆସିଛି ତାହା ବନୀକରଣ କାର୍ଯ୍ୟକ୍ରମର ସଫଳତା ନେଇ ଅନେକ ପ୍ରଶ୍ନ ଠିଆ କରୁଛି। ଜଙ୍ଗଲ ନଷ୍ଟ ଏବଂ ପାଣିପାଗରେ ପରିବର୍ତ୍ତନ ଏବେ ଉତାପ ବୃଦ୍ଧିର କାରଣ ପାଲଟିଥିବା ବେଳେ ବେଳକୁ ବେଳ ପରିବେଶ ଏକ ଉତ୍ତାପ କୁଣ୍ଡ ସଦୃଶ ହେବାରେ ଲାଗିଛି। ଜଙ୍ଗଲ ଅବକ୍ଷୟ ଏବଂ ଜଙ୍ଗଲପୋଡ଼ି ରୋକିବାରେ ବନବିଭାଗ ଏକ ପ୍ରକାର ବିଫଳ ହୋଇଥିବା କୁହାଯାଉଛି।

ଖୋର୍ଦ୍ଧା ଜିଲ୍ଲାରେ ଏଇ ପ୍ରାୟ ୧୦ ବର୍ଷ ମଧ୍ୟରେ ବ୍ୟାପକ ଜଙ୍ଗଲ ଅବକ୍ଷୟ ହେବା ସାଙ୍ଗକୁ ବନ୍ୟଜନ୍ତୁଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଥିବା ବିଶେଷ ସୂତ୍ରରୁ ଜଣାଯାଇଛି। ବିଗତ ଦିନରେ ଟାଙ୍ଗୀ ବନାଞ୍ଚଳ ଅଧୀନରେ ଶୁଳିଆ, ଗରିଙ୍ଗବନ୍ଦ ଜଙ୍ଗଲ ସମେତ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିବାବେଳେ ବାଲୁଗାଁ ବନାଞ୍ଚଳର ରାଜିନ୍, ସୋଲରୀ, ଝଟଣା ପ୍ରଭୃତି ଜଙ୍ଗଲରେ ବାରମ୍ବାର ନିଆଁ ଲାଗିଥିବା ନଜିର ରହିଛି। ଖୋର୍ଦ୍ଧା ବନାଞ୍ଚଳରେ ବରୁଣେଇ, ତରୁତୁଆ ସଂରକ୍ଷିତ ଜଙ୍ଗଲରେ ବାରମ୍ବାର ନିଆଁ ଲାଗିଥିବା କଥା ପଦାକୁ ଆସିଥିବା ନଜିର ରହିଛି। କାଠ ମାଫିଆ ଜଙ୍ଗଲରୁ ବେଆଇନଭାବେ କାଠ ଚାଲାଣ ନିମନ୍ତେ ରାସ୍ତା ନିର୍ମାଣ କରିବା ଏବଂ କାଠ ଚାଲାଣ ଅବସରରେ ଏ ଭଳି ଅଭିନବ ଉପାୟରେ କାଣ୍ଡ ଭିଆଉଥିବା କୁହାଯାଉଥିବାବେଳେ କେତକ ଜଙ୍ଗଲରେ ମନୁଷ୍ୟକୃତ ଭାବେ ନିଆଁ ଲଗାଇ ଦିଆଯାଉଥିବା କୁହାଯାଉଛି। ଅସାମାଜିକ ଯୁବକମାନେ ଏଭଳି କାଣ୍ଡ କରୁଥିବାବେଳେ ତାଙ୍କୁ ଧରିବା କ୍ଷେତ୍ରରେ ବନବିଭାଗ ଆନ୍ତରିକତା ଦେଖାଯାଉନି। ତେଣୁ ଜଙ୍ଗଲ ପୋଡ଼ିର ସିଧା ସଳଖ ପ୍ରଭାବ ପରିବେଶ ଉପରେ ପଡୁଛି। ଫଳରେ ପାଣିପାଗରେ ବିରାଟ ପରିବର୍ତ୍ତନ ଦେଖାଯିବା ସହିତ ଅକାରଣର ଜଙ୍ଗଲରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜୀବନ ଯାଉଥିବା କୁହାଯାଉଛି।

ସେହିପରି ସବୁଠାରୁ ବେଶୀ ଯନ୍ତ୍ରଣା ଦାୟକ କରିବାରେ ଲାଗିଛି ବିଦ୍ୟୁତ ବିଭାଗ ଅଘୋଷିତ ବିଦ୍ୟୁତ କାଟ। ଗ୍ରୀଷ୍ମର ଲହିରୀ ବଢ଼ିବା ଦିନଠାରୁ ମରାମତି ଆଳରେ ଦିନକୁ ୨ରୁ ୩ ଥର ଡହ ଡହ ଖରାରେ ପ୍ରବଳ ଗୁଳୁଗୁଳି ସତ୍ତ୍ୱେ ବିଦ୍ୟୁତ୍ କାଟିବା ଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି।

## ବାଲୁଗାଁ ଷ୍ଟେସନ୍‌ରୁ ବିପୁଳ ଗଞ୍ଜେଇ ଜବତ; ୩ ଗିରଫ




ବାଲୁଗାଁ, ୫।୬(ସମିସ): ଟ୍ରେନ୍ ଯୋଗେ ବେଆଇନ ଭାବେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ବାଲୁଗାଁ ରେଳବାଇ ପୁଲିସ ବାଲୁଗାଁ ଷ୍ଟେସନରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ରେଳବାଇ ପୁଲିସ ଷ୍ଟେସନ ପରିସରରୁ ୩ ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କରିଛି। ଗିରଫ ତିନି ଅଭିଯୁକ୍ତ ହେଲେ, ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅଞ୍ଚଳର ପ୍ରଶାନ୍ତ ପରିଡ଼ା (୨୩), ଗୁଜରାଟ ସୁରତ ସହରର ତଥା ବର୍ତ୍ତମାନ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ରହୁଥିବା ଭଗବାନ ସେଠୀ (୨୦) ଓ ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅଞ୍ଚଳର ନାରାୟଣ ପ୍ରଧାନ (୨୩) ବୋଲି ଜଣାଯାଇଛି।

ସୂଚନା ମୁତାବକ, ଟ୍ରେନ ଯୋଗେ ବେଆଇନ ଭାବେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ କୌଣସି ବିଶେଷ ସୂତ୍ରରୁ ଖବର ପାଇ ବାଲୁଗାଁ ଆରପିଏଫ ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟଙ୍କ ନେତୃତ୍ୱରେ ମହେଶ୍ୱର ଚଣ୍ଡରାଏଙ୍କ ସମେତ ଏକ ଟିମ୍ ସଦଳବଳେ ମଙ୍ଗଳବାର ବାଲୁଗାଁ ରେଳ ଷ୍ଟେସନ ୧ନଂ ପ୍ଲାଟଫର୍ମ ଉପରେ ଚଢ଼ଉ କରିଥିଲେ। ଚଢାଉ ବେଳେ ପ୍ରଶାନ୍ତ, ଭଗବାନ ଓ ନାରାୟଣ ବାଲୁଗାଁ ଷ୍ଟେସନ ପ୍ଲାଟଫର୍ମରେ ଟ୍ରେନକୁ ଅପେକ୍ଷା କରି ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିଲେ। ସେମାନଙ୍କୁ ଅଟକ ରଖି ଯାଞ୍ଚ କରିବାରେ ସେମାନଙ୍କ ନିକଟରୁ ୪ ଗୋଟି ଟ୍ରଲି ବ୍ୟାଗରେ ବେଆଇନ ଭାବେ ରଖିଥିବା ୮୦ କେଜି ଗଞ୍ଜେଇ ଜବତ ହୋଇଥିଲା। ତିନି ଅଭିଯୁକ୍ତଙ୍କୁ ରେଳବାଇ ପୁଲିସ ଗିରଫ କରି ଅଧିକା ପଚରାଉଚରା କରିବାରେ ସେମାନେ କୋଣାର୍କ ଟ୍ରେନରେ ୪ଟି ଟ୍ରଲି ବ୍ୟାଗ ଯୋଗେ ସିକନ୍ଦରାବାଦକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା ନେଇ ସ୍ୱୀକାର କରିଥିଲେ। ରେଳବାଇ ପୁଲିସ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ତିନି ଚାଲାଣକାରୀଙ୍କୁ ଗିରଫ କରି ଖୋର୍ଦ୍ଧା ଜିଆରପିକୁ ବୁଧବାର ହସ୍ତାନ୍ତର କରିଛନ୍ତି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ରେଳବାଇ ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ

ଟାଙ୍ଗୀ, ୫।୬(ସମିସ): ଟାଙ୍ଗୀ ଗୀତାଭବନ ଓ ଶ୍ରୀରାମ କୃପାଭିକ୍ଷୁ ମାନସ ସଭ୍ୟା ଓ ସଭ୍ୟବୃନ୍ଦଙ୍କ ସହାୟତାରେ ଟାଙ୍ଗୀ ଗୀତାଭବନର ୩୪ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ୯ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରବଚକ ଭାବେ ପଣ୍ଡିତ କେଳୁଚରଣ ମହାରଣା, ଇଂ. ମୃତ୍ୟୁଞ୍ଜୟ ଚୌଧୁରୀ, ଗୀତାଞ୍ଜଳି ଜେନା, ପଣ୍ଡିତ ରତ୍ନାକର ନାୟକ, ବ୍ୟାସ ଭାବେ ପଣ୍ଡିତ ଶୁଭ୍ରାଂଶୁ ଶେଖର ମିଶ୍ର, ପୂଜକ ପଣ୍ଡିତ ପ୍ରକାଶ ଚନ୍ଦ୍ର ଆଚାର୍ଯ୍ୟ ଓ ମୃତ୍ୟୁଞ୍ଜୟ ଆଚାର୍ଯ୍ୟ କାର୍ଯ୍ୟ ସମ୍ପାଦନ କରିଥିଲେ। ଗୀତା ଭବନ ସଭାପତି ଡଃ. ମଧୁସୂଦନ ସେନାପତିଙ୍କ ସମେତ ସମସ୍ତ ପଦାଧିକାରୀ, ସଭ୍ୟସଭ୍ୟା ସହଯୋଗ କରିଥିଲେ। ପ୍ରତିଦିନ ପାରାୟଣ ଶ୍ରବଣ ପାଇଁ ଭିଡ଼ ଦେଖିବାକୁ ମିଳିଥିଲା।

## ବିଶ୍ୱ ପରିବେଶ ଦିବସ ପାଳିତ
# 'ଆମ ଭୂମି ଆମ ଭବିଷ୍ୟତର ଆଧାର'




ବାଲୁଗାଁ, ୫।୬(ସମିସ): ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା କଳ୍ପନା ଦାଶଙ୍କ ତତ୍ତ୍ୱାବଧାନରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡଃ. ଲକ୍ଷ୍ମୀଧର ସୁବୁଦ୍ଧି ଓ ରୀନା ରାଉତ, ପ୍ରାକ୍ତନ ଏନ୍‌ସିସି ଅଧିକାରୀ ଅକ୍ଷୟ କୁମାର ମିଶ୍ର, ଅଧ୍ୟାପକ ଡଃ କୈଳାସ ଚନ୍ଦ୍ର ମହାରଣାଙ୍କ ଉପସ୍ଥିତିରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ ଏନ୍‌ସିସି କ୍ୟାଡେଟ୍‌ମାନେ ମିଳିତ ଭାବରେ ବାଲୁଗାଁ ମହାବିଦ୍ୟାଳୟ ପରିସର, ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଏବଂ ସିଡିଏ କାର୍ଯ୍ୟାଳୟ ନିକଟ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ଚାରାରୋପଣ କରିଥିଲେ। ଏହି ଅବସରରେ ବଡକୂଳସ୍ଥିତ ସିଡିଏ କାର୍ଯ୍ୟାଳୟରେ ଚିଲିକା ପରିସଂସ୍ଥା ଉପରେ ଆଧାରିତ ଏକ ଚଳଚ୍ଚିତ୍ର ପ୍ରଦର୍ଶନ ଓ ଆଲୋଚନାଚକ୍ରରେ ସ୍ୱେଚ୍ଛାସେବୀମାନେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ସିଡିଏ ଏସିଏଫ ରଶ୍ମୀ ଚୌଧୁରୀ, ମନୋରଞ୍ଜନ ମିଶ୍ର ଓ ଜଗବନ୍ଧୁ ସାହୁ ପରିଚାଳନା କରିଥିଲେ। ପରେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ସଭାର ଆୟୋଜନ କରାଯାଇ ଥିଲା। ଏଥିରେ ଅତିଥି ରୂପେ ସ୍ୱାସ୍ଥ୍ୟକେନ୍ଦ୍ରର ଡଃ. ରଶ୍ମୀରେଖା ଜେନା ଓ ଡଃ. ସୃଜନୀ ପ୍ରଜ୍ଞା ଦାସ ଯୋଗ ଦେଇଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ସୁପରଭାଇଜର କୈଳାସ ଚନ୍ଦ୍ର ପ୍ରାଣିଗ୍ରାହୀ, ପ୍ରଶାନ୍ତ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ସଂଗ୍ରାମ କେଶରୀ ବେହେରା, ସ୍ମୃତିଶିଖା ନାୟକ, ଶିବରାମ ବେହେରା, ଆଲୋକ ସ୍ୱାଇଁ, ସଞ୍ଚିତା ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଦେଶୀମଦ ଜବତ; ୩ ଗିରଫ



ବେଗୁନିଆ, ୫।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ବେଗୁନିଆ ଅବକାରୀ ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମୋଟ ୬୧ ଲିଟର ଦେଶୀମଦ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷକ ଏନ ଜାଗିନ ରାଓଙ୍କ ସୂଚନା ଅନୁଯାୟୀ ସିକୋ ଗ୍ରାମର ବଳରାମ ମହାପାତ୍ର, ହଜ ଗ୍ରାମର ଧ୍ରୁବ ପାଇକରାୟ ଓ ହୀରାପୁର ଗ୍ରାମର ନରୋତ୍ତମ ସାହୁଙ୍କ ଠାରୁ ଦେଶୀ ମଦ ଜବତ ହୋଇଛି। ଏହି ଚଢ଼ଉରେ ସହକାରୀ ଉପ ନିରୀକ୍ଷକ ବିରଞ୍ଚି ନାରାୟଣ ମହାନ୍ତି, ସିପାହୀ ବିକାଶ ଚନ୍ଦ୍ର ରାଉତ, ମନୋଜ କୁମାର ଜୟସିଂହ ଓ ଚିନ୍ମୟ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

# ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ



ଖୋର୍ଦ୍ଧା, ୫।୬(ସମିସ): ଖାର୍ଦ୍ଧା ଜିଲ୍ଲା ତାଲୁକ୍ ଆଇନ ସେବା ତରଫରୁ ସ୍ଥାନୀୟ ବିଜେବି ହାଇସ୍କୁଲ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଖୋର୍ଦ୍ଧା ଅଦାଲତର ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ୍ ଅଜୟ କୁମାର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ସମାଜରେ ମଣିଷ ଓ ଜୀବଜନ୍ତୁ ବଞ୍ଚିବା ପାଇଁ ପରିବେଶର ସୁରକ୍ଷା ନିହାତି ଜରୁରୀ। ପ୍ରାକୃତିକ ସମ୍ପଦର ଅପବ୍ୟବହାର ଆଗାମୀ ପିଢ଼ିଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ। ତେଣୁ ଏହି ଅପଚୟକୁ ରୋକିବାକୁ ହେଲେ ସମସ୍ତେ ଏକଜୁଟ ହେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ବସନ୍ତ କୁମାର ଶତପଥୀ ଏହାକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିଜେଏମ ଜଗଦୀଶ ଚନ୍ଦ୍ର ଜେନା, ଓକିଲ ସଂଘ ସଭାପତି ଜୀବନ ଜ୍ୟୋତି ମିଶ୍ର ଓ ସମ୍ପାଦକ ପ୍ରଭଞ୍ଜନ ଜେନା, ଶିଶିର ପରିଡ଼ା, ବିକ୍ରମ କେଶରୀ ଚମ୍ପତି, ବିଜୟ କୁମାର ସାମନ୍ତସିଂହାର, ସୁମନ୍ତ କୁମାର ମିଶ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ଜିଲ୍ଲା ଶିକ୍ଷା ବିଭାଗର ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ ସିଂହ, ଜଙ୍ଗଲ ବିଭାଗର ଅଧିକାରୀ ଓ ସ୍କୁଲର ଛାତ୍ରମାନେ ଯୋଗଦେଇ ସ୍କୁଲ୍ ପରିସରରେ ବୃକ୍ଷରୋପଣ କରିଥିଲେ। ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବୃକ୍ଷରୋପଣର ମହତ୍ୱ ଓ ପରିବେଶ ସୁରକ୍ଷା ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି ଖୋର୍ଦ୍ଧା ଉପକଣ୍ଠ ନାଲିପଡ଼ା-ଅର୍ଜୁନପୁର ଠାରେ ଥିବା ଷଷ୍ଠ ଇଣ୍ଡିଆ ରିଜର୍ଭ ବାଟାଲିୟନ ପରିସରରେ ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ବାଟାଲିୟନ ଓ ଖୋର୍ଦ୍ଧାସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ମିଳିତ ଆନୁକୂଲ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଟାଲିୟନର ଦୁର୍ଗପତି ବସନ୍ତ କୁମାର ନାୟକ, ଉପ-ଦୁର୍ଗପତି ଯାକୁବ୍ ଖାନ୍, ଉପଦୁର୍ଗପତି ମାନବୋଧ ପାଢ଼ୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଦସ୍ୟମାନେ ଉପସ୍ଥିତ ଥିଲେ।

## ୟୁଜି ନିଟ୍-୨୦୨୪ ପରୀକ୍ଷାରେ 'ଟ୍ରିପଲ-ଏ'ର ସଫଳତା

ଖୋର୍ଦ୍ଧା, ୫।୬(ସମିସ): ସଦ୍ୟ ପ୍ରକାଶିତ ୟୁଜିନିଟ୍ -୨୦୨୪ ପରୀକ୍ଷାରେ ସ୍ଥାନୀୟ 'ଟ୍ରିପଲ-ଏ'ର ଛାତ୍ରଛାତ୍ରୀମାନେ ସଫଳତା ହାସଲ କରିଛନ୍ତି। ପରୀକ୍ଷା ଦେଇଥିବା ୧୫ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରତୀକ କର ୭୨୦ରୁ ୭୦୦ନମ୍ବର ରଖି ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ସେ ଯାଜପୁର ଜିଲ୍ଲାର ବରୀ ନିବାସୀ ସ୍ୱର୍ଗତ ଯଶୋବନ୍ତ କର ଓ ବିଜୟ ଲକ୍ଷ୍ମୀ କରଙ୍କର ଏକମାତ୍ର ସନ୍ତାନ ଅଟନ୍ତି। ସେ ସର୍ବଭାରତୀୟସ୍ତରରେ ୨୩୨୫ ସ୍ଥାନ ଅଳଙ୍କୃତ କରିଛନ୍ତି। ସେ ମଧ ଜେଇଇ ପରୀକ୍ଷାରେ ଶତକଡ଼ା ୯୮ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। କିନ୍ତୁ ଜଣେ ଡାକ୍ତର ହୋଇ ମାନବସେବା କରିବା ପାଇଁ ସେ ଆଗ୍ରହୀ। ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୦ ଜଣ ୬୦୦ରୁ ଅଧିକ ନମ୍ବର ରଖିଛନ୍ତି। ପାସ୍‌ହାର ଶତପ୍ରତିଶତ ହୋଇଛି। ପିଲାମାନଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷା ଦୀପ୍ତିମୟୀ ମହାନ୍ତି ଓ ପ୍ରତିଷ୍ଠାତା ଡା.ନନ୍ଦକିଶୋର ପଟ୍ଟନାୟକ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।






# ମନ୍ଥର ଗତିରେ ଚାଲିଛି ସିମୋର-ବାଙ୍କୀ ରାସ୍ତାକାମ





**ଧୂଳି ଉଡୁଥିବାରୁ ସାଧାରଣରେ ଅସନ୍ତୋଷ**

ବେଗୁନିଆ, ୫।୬(ସମିସ):

ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର-ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତା ୮ କିମି ନିର୍ମାଣ କାର୍ଯ୍ୟ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଛି। ମନ୍ଥର ଗତିରେ ନିର୍ମାଣ କାମ ଚାଲିଥିବାବେଳେ ଧୂଳି ଉଡୁଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁଯାୟୀ, ସିମୋରଠାରୁ ଭୋଗଡ଼ା ଗ୍ରାମର ବାଲୁଙ୍କେଶ୍ୱର ଦେବ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ କଲଭର୍ଟଗୁଡ଼ିକ ଅଧପନ୍ତରିଆ କାର୍ଯ୍ୟ ହୋଇ ପଡ଼ି ରହିଛି। ଏପରିକି ରାସ୍ତାରେ ଯାନବାହାନ ଚଳାଚଳ କରୁଥିବାରୁ ଧୂଳିର ଆସ୍ତରଣରେ ଜନସାଧାରଣ ଏକରକମ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ସିମୋର ଛକଠାରୁ ଗଅଁପୁର ପର୍ଯ୍ୟନ୍ତ ଓଳେଇ ରାସ୍ତାର ବିଭିନ୍ନ ସ୍ଥାନରେ ନିମ୍ନମାନର କାର୍ଯ୍ୟ ଯୋଗୁଁ ତାଳିପକା ହୋଇଥିବା ଦେଖିବାକୁ ମିଳୁଥିବା ବେଳେ କାର୍ଯ୍ୟ ଆରମ୍ଭ ଦିନରୁ ଅନୁଦାନ ଅର୍ଥ ରାଶିର ସୂଚନାଫଳକ ନ ଥିବାରୁ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି। ଏହି ରାସ୍ତାରେ ଧୂଳି ନ ଉଡ଼ିବା ପାଇଁ ପାଣି ସିଞ୍ଚନ ବ୍ୟବସ୍ଥା ଥିଲେ ମଧ୍ୟ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ପାଇଁ ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ପୂର୍ବତନ ସରପଞ୍ଚ ସୁଦର୍ଶନ ମାଣିକ, ହରେକୃଷ୍ଣ ପଣ୍ଡା, ହରିବନ୍ଧୁ ମହାରଣା ଓ ସୂର୍ଯ୍ୟନାରାୟଣ ମିଶ୍ରଙ୍କ ସମେତ ସାଧାରଣ ଲୋକେ ଦାବି କରିଛନ୍ତି।



ବୁଢ଼ିଆଣି ଜାଲ ଭଳି ଅନ୍‌ଲାଇନ୍‌ରେ ଠକ ବିଛାଉଛନ୍ତି ପ୍ରେମର ଜାଲ । ଅନ୍‌ଲାଇନ୍‌ରେ ସୁନ୍ଦର ଯୁବତୀମାନେ ପ୍ରଥମେ ବନ୍ଧୁତା କରୁଛନ୍ତି । ବିନା ଦେଖାସାକ୍ଷାତ ଓ ଚିହ୍ନା ପରିଚୟରେ ସେମାନଙ୍କ ଅଦୃଶ୍ୟ ପ୍ରେମ ଜାଲରେ ପଡ଼ି ସ୍ୱପ୍ନର ଆକାଶରେ ଉଡ଼ି ବୁଲୁଛନ୍ତି । ପରେ ଆରମ୍ଭ ହୋଇଯାଉଛି ଟଙ୍କା ଠକେଇର ଅସଲ ଖେଳ । ଦୁହେଁ ପରିଚିତ ହେବା ପୂର୍ବରୁ ଆବଶ୍ୟକତା ମୁତାବକ ମାଗିଥାନ୍ତି ଟଙ୍କା । ମିଛ ଓ ସତର ନାଟକ କରି ଅମୁକ ଦରକାର, ବାପା ଓ ମା'ଙ୍କ ଦେହ ଅସୁସ୍ଥ ଥିବା ଦର୍ଶାଇ ମାଗି ନେଉଛନ୍ତି ଟଙ୍କା । ମିଛ ବିବାହର ପ୍ରହେଳିକାରେ ଫସି ହରାଉଛନ୍ତି ଲକ୍ଷ ଲକ୍ଷ ଟଙ୍କା । ସତ ପଦାକୁ ଆସିଲା ବେଳକୁ ରସିକ ନାଗର ଓ ଆଞ୍ଜେଲ୍ ପ୍ରିୟାଙ୍କ ପ୍ରକୃତ ଚେହେରା ପଦାକୁ ଆସୁଛି । ଏ ସମ୍ପର୍କରେ ଏଥର ସ୍ୱତନ୍ତ୍ର ଉପସ୍ଥାପନା ।

ପ୍ରସ୍ତୁତି: 'ସକାଳ' ବ୍ୟୁରୋ



# ଆଞ୍ଜେଲ୍ ପ୍ରିୟାଙ୍କ ଅଦୃଶ୍ୟ ପ୍ରେମ

## ମାୟାଜାଲରେ ଯୁବଗୋଷ୍ଠୀ

▶▶ ଝିଅ ଫଟୋ ଦେଖାଇ ମା' କରୁଥିଲା ମିଛ ପ୍ରେମର ନାଟକ । ସୁନ୍ଦର ଚେହେରା ସହ ବିବାହର ପ୍ରତିଶ୍ରୁତି ଦେଇ ଯୁବକଙ୍କ ଠାରୁ ହଡ଼ପ କରିଥିଲା ଟଙ୍କା । ଅଢ଼େଇ ଲକ୍ଷ ଟଙ୍କା ନେବା ପରେ ରାଣୀହାର ନେବାକୁ ଆସି ଯୁବକଙ୍କ ହାତରେ ଧରାପଡ଼ିଥିଲା ମହିଳା । ଗତ ମାର୍ଚ୍ଚ ମାସରେ ଏଭଳି ଜଣେ ମହିଳା କେନ୍ଦୁଝରର ମଞ୍ଜୁଲତା ନାଏକକୁ ଗିରଫ କରିଥିଲା ଲିଙ୍ଗରାଜ ଥାନା ପୁଲିସ ।

▶▶ ଫେସ୍‌ବୁକ୍ ଫେକ୍ ଆକାଉଣ୍ଟ ଖୋଲି ସେଥିରେ ସୁନ୍ଦରୀ ତରୁଣୀଙ୍କ ଫଟୋ ଦେଇ ଯୁବକଙ୍କୁ ପ୍ରେମଜାଲରେ ଫସାଉଥିଲା । କାହାକୁ ଡାକ୍ତର ତ ଆଉ କାହାକୁ ଇଞ୍ଜିନିୟରର ପରିଚୟ ଦେଇ ବନ୍ଧୁତାସ୍ଥାପନ କରି ସମ୍ପର୍କ ଗଢୁଥିଲା । ଏଭଳି ଏକ ମାମଲାରେ ଗତ କିଛିବର୍ଷ ତଳେ ଖୋର୍ଦ୍ଧା ଜିଲ୍ଲା ବାଣପୁର ନିକଟ ନାଚୁଣୀର ପ୍ରିୟଙ୍କା ପ୍ରିୟଦର୍ଶନୀ ପରିଡ଼ାକୁ ଗିରଫ କରିଥିଲା ପୁଲିସ ।

▶▶ କୋଲକାତାର ପିହୁ ବିଶ୍ୱାସ ସାମାଜିକ ଗଣମାଧ୍ୟମରେ ସୁନ୍ଦର ଫଟୋ ରଖି ଯୁବକଙ୍କୁ ପ୍ରେମଜାଲରେ ଫସାଉଥିଲା । ନିଜର ସୁନ୍ଦର ଚେହେରା ଓ ସମ୍ଭ୍ରାନ୍ତ ପରିବାର କହି ହ୍ୱାଟ୍ସଆପ୍ ଜରିଆରେ ଜୟକୃଷ୍ଣ ନାମକ ଜଣେ ବ୍ୟକ୍ତିଙ୍କୁ ବୀମା କରାଇଦେବା ଆଳରେ ଫସାଇଥିଲେ ପିହୁ । ରାତିରେ ଜୟକୃଷ୍ଣଙ୍କ ଘରେ ରହିବା ଆଳରେ ଖାଇବାରେ ନିଶାଦେଇ ୩୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିଲା ।

▶▶ ସ୍ତ୍ରୀ ନାମରେ ମିଛ ଆକାଉଣ୍ଟ ଖୋଲି ଠକେଇର ଜାଲ ବିଛାଇଥିଲା ନୃସିଂହ ବିଶ୍ୱାଳ । ଅନ୍‌ଲାଇନରୁ ସୁନ୍ଦରୀ ଯୁବତୀଙ୍କ ଫଟୋ ଆଣି ନିଜ ଆକାଉଣ୍ଟରେ ପୋଷ୍ଟକରି ଜଣେ ଯୁବକଙ୍କ ଠାରୁ ୩ ଲକ୍ଷ ଠଙ୍କା ଠକେଇ କରିଥିବା ବେଳେ ପୁଲିସ ହାତରେ ଧରାପଡ଼ିଥିଲା ।

▶▶ ଷଷ୍ଠ ପାଠ ପଢ଼ିଥିବା ପ୍ରଭାସ ଦାଶ ନାମକ ଜଣେ ବ୍ୟକ୍ତି ଅନେକ ଯୁବକଙ୍କ ଫଟୋକୁ ନିଜ ପ୍ରୋଫାଇଲ୍‌ରେ ରଖି ଯୁବତୀମାନଙ୍କ ସହ ବନ୍ଧୁତା ଓ ପ୍ରେମ ସମ୍ପର୍କ ସ୍ଥାପନ କରୁଥିଲା । ପରେ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କଠାରୁ ହଜାର ହଜାର ଟଙ୍କା ଠକି ନେଉଥିଲା । ଏଭଳି ଘଟଣାରେ ପ୍ରଭାସକୁ ଗିରଫ କରିଥିଲା ସହିଦନଗର ଥାନା ପୁଲିସ ।

▶▶ ମିଛ କହି ସୁନ୍ଦର ଚେହେରା ବଳରେ ୧୦୦ରୁ ଅଧିକ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ଟଙ୍କା ଲୁଟ୍ କରୁଥିଲା ନାରାୟଣ ମହାନ୍ତି । ଯୁବତୀଙ୍କଠାରୁ ସୁନା ଅଳଙ୍କାର ଓ ଦାମୀ ଉପହାର ଲୁଟି ନେଉଥିଲା । ପୁଲିସ ନାରାୟଣକୁ ଗିରଫ କରିବା ସହ ଯାଜପୁର ଓ ଭଦ୍ରକରେ ରହୁଥିବା ତା'ର ପ୍ରେମିକାମାନଙ୍କ ଘରୁ ଦାମୀ ଉପହାର ମଧ୍ୟ ଜବତ କରିଥିଲା ।

ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଟୁଇଟର ଆଦିରେ ମିଛ ଆକାଉଣ୍ଟ ଖୋଲି ସୁନ୍ଦର ଫଟୋ ଅପଲୋଡ୍ କରୁଛନ୍ତି ସାଇବର୍ ଠକ । ପ୍ରଥମେ ବନ୍ଧୁତା, ପ୍ରେମ, ଠକେଇ ପରେ ମିଛ ଆକାଉଣ୍ଟରୁ ଟଙ୍କା ଲୁଟିବା ପରେ ପ୍ରତାରଣାର ନାଟକ । କିଏ ଷଷ୍ଠ ଯାଏଁ ପାଠ ପଢ଼ି ଡାକ୍ତର କହୁଛି ତ ଆଉ କିଏ ଅଷ୍ଟମ ପଢ଼ି ଦେଉଛି ଇଞ୍ଜିନିୟର ପରିଚୟ । ଫେସ୍‌ବୁକ୍‌ରେ ଫଟୋକୁ ଏଡିଟିଂ କରି ସାମାଜିକ ଗଣମାଧ୍ୟମରେ ଛାଡୁଛନ୍ତି । ସତ ପଦାକୁ ଆସିବା ପରେ ୧୮ ବର୍ଷର ଝିଅ ନୁହେଁ ୪୫ବର୍ଷୀୟ ମହିଳାଙ୍କ ଚେହେରା ପଦାକୁ ଆସୁଛି । ଆଉ ଅନେକ ଠକେଇ କ୍ଷେତ୍ରରେ ଝିଅ ରୂପ ନେଇ କଥାବାର୍ତ୍ତା କରୁଥିବା ଯୁବତୀ ବଦଳରେ ବାହାରୁଛନ୍ତି ଭେଣ୍ଡିଆ ପୁଅ ।



## ଗୁପ୍ତ ତଥ୍ୟ ନେଇଗଲା ପାକ୍ ତରୁଣୀ

ଚାନ୍ଦିପୁର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ(ଡିଆର୍‌ଡିଓ) କ୍ଷେପଣାସ୍ତ୍ର ଘାଟିର ଗୁପ୍ତତଥ୍ୟକୁ ସେଠାରେ କାର୍ଯ୍ୟ କରୁଥିବା ସିନିଅର୍ ଟେକ୍ନିକାଲ ଅଫିସର୍ ବାବୁରାମ ଦେ' ହନିଟ୍ରାପ୍‌ରେ ଫସି ଶତ୍ରୁରାଷ୍ଟ୍ରକୁ ଦେଇଥିଲେ । ଏହି ମାମଲାରେ ବାବୁରାମକୁ ଗିରଫ କରାଯାଇଥିଲା । ଅନୁରୂପ ଭାବେ ପାଇଲଟ ବିହୀନ ଏୟାର୍‌କ୍ରାଫ୍ଟ କାର୍ଯ୍ୟରତ ଥିବା ୫ଜଣ କର୍ମଚାରୀ ମାୟାବିନୀ ପଞ୍ଝାରେ ପଡ଼ି ପାଇଲଟ୍ ବିହୀନ ଏୟାର୍‌କ୍ରାଫ୍ଟ ଟେଷ୍ଟ ସମ୍ପର୍କିତ ତଥ୍ୟ ଶତ୍ରୁ ରାଷ୍ଟ୍ରକୁ ଦେଇଥିବା ସନ୍ଦେହ କରାଯାଇଥିଲା । ଏହି ମାମଲାରେ ଢେର୍ ଦିନ ଖୋଳତାଡ଼ ହେବା ପରେ ଇଣ୍ଟର୍‌ପୋଲର ସହାୟତା ନିଆଯାଇଛି ।

## ସପ୍ତାହର ୭ ଅପରାଧ

### ■ ବାର୍‌ଗର୍ଲଙ୍କ ମୃତଦେହ ଉଦ୍ଧାର

ପାହାଳ ଥାନା ଅଧୀନ ହଂସପାଳ ନିକଟ ଶିବଶକ୍ତି ନଗରସ୍ଥିତ ଏକ ୩ ମହଲା କୋଠାରୁ ଶୁକ୍ରବାର ଚାରୁ ମାଲହୋତ୍ରା ନାମକ ଜଣେ ବାର୍‌ଗର୍ଲଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି । ତାଙ୍କ ଘର ଚଣ୍ଡିଗଡ଼ ବୋଲି ଜଣାପଡ଼ିଛି । ସେ କଟକ ରୋଡ୍‌ସ୍ଥିତ ଏକ ହୋଟଲରୁ ଡ୍ୟାନ୍ସ ସାରି ସାଙ୍ଗମାନଙ୍କ ସହ ଘରକୁ ଫେରିଥିଲେ । ପରଦିନ ସକାଳେ ଘର ଭିତରୁ ତାଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା ।

### ■ ନାବାଳିକା ଦୁଷ୍କର୍ମ ମାମଲାରେ ୨୦ ବର୍ଷ ଜେଲ୍

ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ନରଣପୁରରେ ଗତ ୨୦୨୧ ମସିହାରେ ଘଟିଥିବା ଜନୈକା ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଜିଲ୍ଲା ପୋକ୍ସୋ ଅଦାଲତର ବିଚାରପତି ସେହି ଗ୍ରାମର ଅଭିଯୁକ୍ତ ରାମ ପ୍ରଧାନକୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

### ■ ଶିକ୍ଷୟିତ୍ରୀଙ୍କୁ ପିଟିପିଟି ହତ୍ୟା

ଗାଡ଼ି କିଣିବାକୁ ଟଙ୍କା ନ ଦେବାରୁ ଶିକ୍ଷୟିତ୍ରୀ ପତ୍ନୀଙ୍କୁ ପିଟିପିଟି ହତ୍ୟା କରିବା ପରେ ମୃତଦେହକୁ ଘର ଭିତରେ ଝୁଲାଇ ଦେଇଥିଲା ସ୍ୱାମୀ । ଏହି ଘଟଣା ଶୁକ୍ରବାର ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ଚମ୍ପଉପୁର ଗ୍ରାମରେ ଘଟିଛି । ମୃତା ମହିଳା ହେଲେ ଓଡ଼ଗାଁ ଥାନା ଅନ୍ତର୍ଗତ ଗୋଡ଼ିପାଟଣା ଗାଁର ରାଜୀବ ପ୍ରଧାନଙ୍କ ଝିଅ ପଦ୍ମିନୀ ପ୍ରଧାନ ଓ ଅଭିଯୁକ୍ତ ସ୍ୱାମୀ ହେଲା ନୟାଗଡ଼ର ଇଟାମାଟି ଥାନା ଅଧୀନ ଚମ୍ପଉପୁର ଗ୍ରାମର ତପନ କୁମାର ସ୍ୱାଇଁ ।

### ■ ସାଙ୍ଗର ଝିଅକୁ ଦୁଷ୍କର୍ମ ମାମଲାରେ ୨୦ ବର୍ଷ ଜେଲ୍

ସାଙ୍ଗର ଝିଅକୁ ଦୁଷ୍କର୍ମ କରିବା ମାମଲାର ରାୟ ପ୍ରକାଶ କରି ଦୁଷ୍କର୍ମକାରୀ ଟାଙ୍ଗି ବ୍ଲକ୍ ମଙ୍ଗଳାଯୋଡ଼ିର ଅଭିଯୁକ୍ତ ବିରଞ୍ଚି ବେହେରାଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ ଶୁଣାଣି କରିଛନ୍ତି ସୋମବାର ପୋକ୍ସ କୋର୍ଟର ସ୍ୱତନ୍ତ୍ର ବିଚାପରପତି । ଦଣ୍ଡାଦେଶ ସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ୨୦୨୧ ଜୁନ୍ ୨ରେ ଟାଙ୍ଗି ଅଞ୍ଚଳର ଜଣେ ନାବାଳିକାଙ୍କୁ ଭୁବନେଶ୍ୱରରୁ ଅପହରଣ କରି ତାଙ୍କୁ ଦୁଷ୍କର୍ମ କରି ନିଜ ଘରେ ରଖିଥିଲା ।

### ■ ବଙ୍ଗୀୟ ଯୁବକଙ୍କୁ ମାରି ଫିଙ୍ଗିଦେଲେ

ରବିବାର ଭୁବନେଶ୍ୱରସ୍ଥିତ ନାକାଗେଟ୍ ଚାଳସାହି ଅଞ୍ଚଳରେ ଥିବା ନବନିର୍ମିତ ଡ୍ରେନରୁ ଜଣେ ବଙ୍ଗୀୟ ଯୁବକଙ୍କ ମୃତଦେହ ମିଳିଛି । ମୃତକ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦର ଟୁଟୁଲ ସିଂ । ଶୁକ୍ରବାର ମଧ୍ୟାହ୍ନରୁ ସେ ଘରୁ ଯାଇ ଆଉ ଫେରି ନ ଥିଲେ । ଡ୍ରେନ ଭିତରୁ ଦୁର୍ଗନ୍ଧ ବାହାରୁ ଥିବାରୁ ସ୍ଥାନୀୟ ଲୋକେ ଯାଞ୍ଚ କରିବା ପରେ ତାଙ୍କ ମୃତଦେହ ମିଳିଥିଲା ।

### ■ ବୁଥ୍ ଆଗରେ ସ୍ତ୍ରୀକୁ ଭୁଜାଲିରେ ହାଣିଲା ସ୍ୱାମୀ

ଶନିବାର ଭଦ୍ରକ ଗ୍ରାମାଞ୍ଚଳ ଥାନା କାଉପୁର ଗ୍ରାମରେ ମତଦାନ ପାଇଁ ଧାଡ଼ିରେ ଥିବା ରଶ୍ମିରେଖା ରାଉତଙ୍କୁ ତାଙ୍କ ସ୍ୱାମୀ ପ୍ରଭାକର ରାଉତ ଭୁଜାଲିରେ ହାଣି ହତ୍ୟା କରିଛନ୍ତି । ପାରିବାରିକ କଳହରୁ ସ୍ୱାମୀ ପ୍ରତିଶୋଧପରାୟଣ ହୋଇ ଏଭଳି ବୀଭତ୍ସ କାଣ୍ଡ ଭିଆଇଥିବା ସୂଚନା ମିଳିଛି । ପ୍ରକାଶ ଥାଉ କି ପାରିବାରିକ କଳହ କାରଣରୁ ରଶ୍ମିରେଖା ଶାଶୂଘର ଛାଡ଼ି ବାପଘରେ ରହୁଥିଲେ । ଭୋଟ ଦେବାକୁ ସେ ମୁକ୍ତାଡିହିକୁ ଆସି ଧାଡ଼ିରେ ଛିଡ଼ା ହୋଇଥିଲେ ।

### ■ ପଥର ମାଡ଼ରେ ଯାତ୍ରୀଙ୍କ ମୃତ୍ୟୁ

ପଥର ମାଡ଼ରେ ପ୍ରିନ୍ସ କୁମାର ନାମକ ଜଣେ ଟ୍ରେନ୍ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଏହି ଘଟଣାରେ ସୋମବାର ଲିଙ୍ଗରାଜ କଅଁର ଓରଫ ଶିବୁକୁ ଗିରଫ କରିଛି ଭୁବନେଶ୍ୱର ଆର୍‌ପିଏଫ୍ ପୁଲିସ । ସେ ନିଶାସକ୍ତ ଅବସ୍ଥାରେ ଏଭଳି କାମ କରିଥିବା ସ୍ୱୀକାର କରିଥିଲା । ଏହି ମାମଲାରେ ଆର୍‌ପିଏଫ୍, ଜିଆର୍‌ପି ଓ କ୍ୟାପିଟାଲ ଥାନା ପୁଲିସ ମିଳିତ ତଦନ୍ତ କରୁଥିଲେ ।

---

ଅଭୁଲା ଅପରାଧ

# ଗାଁ ଦାଣ୍ଡରେ ରକ୍ତର ସୁଅ

**୨୦୨୦ ଅକ୍ଟୋବର ୨୧ ତାରିଖ; ମହୁଲପାଲି ଥାନା ଅଧୀନ ଲପଡ଼ା ଗାଁ ଦାଣ୍ଡ ରକ୍ତାକ୍ତ ହୋଇଥିଲା । ଜମିବାଡ଼ି ବିବାଦକୁ କେନ୍ଦ୍ରକରି ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଲପଡ଼ା ଗ୍ରାମରେ ଘଟିଯାଇଥିଲା ଜଘନ୍ୟ ହତ୍ୟାକାଣ୍ଡ । ଗୋଟିଏ ପରିବାରର ପୀରବତୀ ବେହେରା (୫୫), ତାଙ୍କ ଝିଅ ସାବିତ୍ରୀ ସାହୁ (୩୦)ଙ୍କ ସ୍ୱାଇଁ ଗିରିଧାରୀ ସାହୁ(୩୮)ଙ୍କୁ ନିର୍ମମ ଭାବେ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ ବାପ-ପୁଅ । ନିଶବ୍ଦ ହୋଇଯାଇଥିଲା ପୂରା ଗାଁ । ପ୍ରାୟ ୪ ବର୍ଷ ତଳର ଏଭଳି ଲୋମଟାଙ୍କୁରା ଘଟଣାକୁ ଆଜି ବି ଲୋକେ ଭୁଲିପାରି ନାହାନ୍ତି । ଏ ସମ୍ପର୍କରେ ଶୁଭାଶିଷ ପାଢ଼ୀଙ୍କ ସ୍ୱତନ୍ତ୍ର ଉପସ୍ଥାପନା ।**

ଅପରାହ୍ଣ ପ୍ରାୟ ୨ଟା ସମୟରେ ଗିରିଧାରୀ ବିଲରେ କାମ କରୁଥିଲା ବେଳେ ଅଚାନକ ନବୀନ ଓ ତାଙ୍କ ପୁଅ ହେମାନନ୍ଦ ବିଲକୁ ଆସି ଗାଳିଗୁଲଜ କରିବା ସହ ଟାଙ୍ଗିଆ ବାହାର କରି ଆକ୍ରମଣ କରିଥିଲେ । ଗିରିଧାରୀ ଯେତେ ନେହୁରା ହେଉଥିଲେ ମଧ୍ୟ ଅଭିଯୁକ୍ତମାନେ ତାଙ୍କ ବେକ ଉପରେ ଚୋଟ ପରେ ଚୋଟ ମାରିଚାଲିଥିଲେ । ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା । ଏହାପରେ ବାପ-ପୁଅ ଗାଁକୁ ଆସିଥିଲେ । ଏହି ସମୟରେ ସାବିତ୍ରୀ ନଳକୂପରୁ ପାଣି ନେବାକୁ ଆସିଥିଲେ । ଟିକେ ମାତ୍ର ବିଳମ୍ବ ନ କରି ନବୀନ ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ । ସାବିତ୍ରୀଙ୍କୁ ନଳକୂପ ଚାନ୍ଦିନୀରେ ମୁଣ୍ଡ ରଖି ହାଣି ମୁଣ୍ଡ-ଗଣ୍ଡି ଅଲଗା କରିଦେଇଥିଲେ । ଝିଅ ସାବିତ୍ରୀର ଚିତ୍କାର ଶୁଣି ପୀରବତୀ ଘରୁ ବାହାରି ଆସିଥିଲେ । ତାଙ୍କୁ ମଧ୍ୟ ଟାଙ୍ଗିଆରେ ବାରମ୍ବାର ଆକ୍ରମଣ କରି ମୁଣ୍ଡ-ଗଣ୍ଡି ଅଲଗା କରି ଦେଇଥିଲେ ।



ଏହି ଘଟଣା ପରେ ସାରା ଗାଁରେ ଆତଙ୍କ ଖେଳି ଯାଇଥିଲା । ଏହାପରେ ବାପ-ପୁଅ ଗାଁରେ ବୁଲି ଅନ୍ୟମାନଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିବାରୁ ଗାଁ ଶୂନ୍‌ଶାନ୍ ହୋଇଯାଇଥିଲା । ଗାଁରେ ଟାଙ୍ଗିଆ ଧରି ପଇଁତରା ମାରିଥିଲେ ବାପ-ପୁଅ । ପୁଲିସ ପହଞ୍ଚିବା ପରେ ପରିସ୍ଥିତିରେ ସୁଧାର ଆସିଥିଲା । ଗାଁ ଦାଣ୍ଡ ରକ୍ତରେ ଭିଜି ଯାଇଥିଲା । ଗାଁରେ ବରିଷ୍ଠ ପୁଲିସ ଅଧିକାରୀ ପହଞ୍ଚି ଘଟଣାର ପ୍ରାଥମିକ ଅନୁସନ୍ଧାନ କରିଥିଲେ । ମାମଲାକୁ ରେଡ୍‌ଫ୍ଲାଗ୍ ଘୋଷଣା କରାଯାଇଥିଲା ।

## ଉଗ୍ରରୂପ ନେଲା ୧୦ବର୍ଷର ଶତ୍ରୁତା

୧୦ବର୍ଷ ପୂର୍ବରୁ ଲପଡ଼ା ଗ୍ରାମର ଅଭିଯୁକ୍ତ ନବୀନ ଓ ପଡ଼ୋଶୀ ପୀରବତୀଙ୍କ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଲାଗିରହିଥିଲା । ପୀରବତୀଙ୍କ ପୁଅ ନ ଥିବାରୁ ତାଙ୍କ ସହିତ ଝିଅ ସାବିତ୍ରୀ ଓ ସ୍ୱାଇଁ ଗିରିଧାରୀ ରହୁଥିଲେ । ଜମି ବିବାଦ କୋର୍ଟରେ ମଧ୍ୟ ବିଚାରାଧୀନ ରହିଥିଲା । ଏଭଳି ସମୟରେ ନବୀନ ଓ ହେମାନନ୍ଦ ପୀରବତୀଙ୍କ ପରିବାରକୁ ରାସ୍ତାରୁ ସବୁଦିନ ପାଇଁ ହଟାଇଦେବା ପାଇଁ ଯୋଜନା କରିଥିଲେ । ୨୦୨୦ ଅକ୍ଟୋବର ୨୧ ତାରିଖ ଏହି ଲୋମଟାଙ୍କୁରା ହତ୍ୟାକାଣ୍ଡ ଘଟିଥିଲା । ଝିଅ ଈପ୍ସିତା ଓ ପ୍ରତ୍ୟକ୍ଷଦର୍ଶୀ ମାଣିକଙ୍କ ଅଭିଯୋଗ ଆଧାରରେ ତତ୍କାଳୀନ ଏସ୍‌ଡିପିଓ ରାଜକିଶୋର ମିଶ୍ର ଓ ମହୁଲପାଲି ଆଇଆଇସି ଜ୍ୟୋତ୍ସ୍ନାରାଣୀ ବେହେରା ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ବାପ-ପୁଅଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରିଥିଲେ । ଫୋରେନସିକ୍ ଟିମ୍ ମଧ୍ୟ ପହଞ୍ଚି ତଦନ୍ତ କରିଥିଲା । ତତ୍କାଳୀନ ଏସ୍‌ପି କନ୍‌ୱର ବିଶାଲ ସିଂ ଘଟଣାସ୍ଥଳ ପରିଦର୍ଶନ କରି ଅପରାଧର ଗମ୍ଭୀରତାକୁ ଦେଖି ରେଡ୍‌ଫ୍ଲାଗ ବର୍ଗରେ ତାଲିକାଭୁକ୍ତ କରିଥିଲେ । ସାବିତ୍ରୀଙ୍କ ପୁଅ ସଚିନ ଓ ଝିଅ ଈପ୍ସିତା ଏକା ହୋଇଯାଇଛନ୍ତି । ଘଟଣାରେ ସାବିତ୍ରୀଙ୍କ ଭଉଣୀ ଓ ଝିଅପୁଅ ସାକ୍ଷୀ ରହିଥିବାବେଳେ ଗିରିଧାରୀଙ୍କୁ ହତ୍ୟା ବେଳେ ଗ୍ରାମର ଜଣେ ଚାଷୀ ସାକ୍ଷୀ ରହିଥିଲେ । ବ୍ୟବଚ୍ଛେଦ ରିପୋର୍ଟ, ସାଇଣ୍ଟିଫିକ ରିପୋର୍ଟ ଓ ପ୍ରମାଣ ଅଭିଯୁକ୍ତଙ୍କୁ ଦଣ୍ଡ ଦେବା ପାଇଁ ଯଥେଷ୍ଟ ହୋଇଥିଲା ।




ତଦନ୍ତ ଅନୁଯାୟୀ, ପୀରବତୀଙ୍କ କୌଣସି ପୁତ୍ର ସନ୍ତାନ ନ ଥିଲେ । ତାଙ୍କ ଝିଅ ସାବିତ୍ରୀଙ୍କୁ ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ବଡ଼କିର୍ମିରାର ଗିରିଧାରୀ ବିବାହ କରିଥିଲେ । ପ୍ରାୟ ୫ବର୍ଷ ହେଲା ଗିରିଧାରୀ ଶ୍ୱଶୁର ଘରେ ରହୁଥିଲେ । ଶ୍ୱଶୁର ଘର ଜମିବାଡ଼ି ଚାଷ କରୁଥିଲେ । ହେଲେ ପୀରବତୀଙ୍କ ପଡ଼ୋଶୀ ନବୀନଙ୍କ ସେହି ଜମି ଉପରେ ନଜର ରହିଥିଲା । ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଅଧିକାଂଶ ସମୟରେ ଗଣ୍ଡଗୋଳ ଲାଗିରହିଥିଲା । ଏପରିକି ଏହି ମାମଲା କୋର୍ଟରେ ବିଚାରାଧୀନ ଥିଲା ।


## ବାପାକୁ ଫାଶୀ, ପୁଅକୁ ଆଜୀବନ

ସମ୍ବଲପୁର ମହୁଲପାଲି ଥାନା ଲପଡ଼ା ଟ୍ରିପଲ୍ ମର୍ଡର ଘଟଣାରେ ୨୦୨୩ ଅଗଷ୍ଟ ୯ ତାରିଖ ଦଣ୍ଡାଦେଶ ହୋଇଥିଲା । ତତ୍କାଳୀନ ଅତିରିକ୍ତ ଜିଲ୍ଲା ଜଜ୍ ରାଜ କିଶୋର ଲେଙ୍କା ରାୟ ଶୁଣାଇ ଅଭିଯୁକ୍ତ ବାପ-ପୁଅଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ବାପା ନବୀନ



ଦେହୁରୀଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ଫାଶୀଦଣ୍ଡ ସହ ୧ଲକ୍ଷ ଜରିମାନା କରିଥିଲେ । ତାଙ୍କୁ ସହଯୋଗ କରିଥିବା ପୁଅ ହେମାନନ୍ଦ ଦେହୁରୀଙ୍କୁ ଆଜୀବନ କାରାଦଣ୍ଡ ସହ ୧ ଲକ୍ଷ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଘଟଣାର ୩୪ମାସ ପରେ ରାୟ ପ୍ରକାଶ ପାଇଥିଲା । ତତ୍କାଳୀନ ଏସ୍‌ପି ଡ. ବିଶାଳ କନୱର ସିଂ ଏହି ମାମଲାକୁ ରେଡଫ୍ଲାଗ୍ ଭାବେ ଘୋଷଣା କରିଥିବାରୁ ମାମଲା ଶୀଘ୍ର ଫଏସଲା ହୋଇଥିଲା । ପୁଲିସ ସଂଗ୍ରହ କରିଥିବା ସମସ୍ତ ପ୍ରମାଣ ଓ ୨୦ଜଣ ସାକ୍ଷୀଙ୍କ ବୟାନ ଅଭିଯୁକ୍ତଙ୍କ ବିପକ୍ଷରେ ରହିଥିଲା । ରାୟ ପ୍ରକାଶ ପରେ ପରିବାରବର୍ଗଙ୍କୁ ନ୍ୟାୟ ମିଳିଥିଲା । ଏହାସହ ହତ୍ୟାକାଣ୍ଡରେ ବର୍ତ୍ତିଯାଇଥିବା ଦୁଇଜଣ ଛୋଟ ପିଲାଙ୍କ ଯତ୍ନ ନେବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ।




ଜନତା ହିଁ ରାଷ୍ଟ୍ରର ସବୁଠାରୁ ବଡ଼ ସମ୍ପଦ। ତେଣୁ ସେମାନଙ୍କର ଆନନ୍ଦ, ସନ୍ତୁଷ୍ଟି ଓ କଲ୍ୟାଣ ପ୍ରତି ଦୃଷ୍ଟି ଦେବା ଜଣେ ଶାସକର ମୁଖ୍ୟ କର୍ତ୍ତବ୍ୟ।
- ଚାଣକ୍ୟ

ସକାଳ
THE SAKALA

# ସୁଶାସନର ସ୍ମରଣୀୟ ଅଧ୍ୟାୟ

ଓଡ଼ିଶା ବିଧାନସଭା ନିର୍ବାଚନରେ ବିଜେପି ଦଳ ଦ୍ୱାରା ଅପ୍ରତ୍ୟାଶିତ ବିଜୟ ପରେ ଓଡ଼ିଶା ରାଜନୀତିରେ ଏକ ନୂତନ ଯୁଗର ପ୍ରାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ପଦରୁ ଗତ ବୁଧବାର ନବୀନ ପଟ୍ଟନାୟକ ଇସ୍ତଫା ଦେବା ସହିତ ଓଡ଼ିଶାରେ ଏକ ଦୀର୍ଘ ସଫଳ ଶାସନ କାଳଖଣ୍ଡର ଅବସାନ ଘଟିଛି। ପ୍ରକୃତିମାତାର କ୍ରୋଧରୁ ସୃଷ୍ଟ ୧୯୯୯ର ମହାବାତ୍ୟା ବିଧ୍ୱସ୍ତ ଦରିଦ୍ର ଓ ଅସହାୟ ଓଡ଼ିଶାକୁ ଉଦ୍ଧାର କରିବାକୁ ସେ ସତେଯେପରି ବିଭୁପ୍ରେରିତ ଭାବେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ କ୍ଷମତାକୁ ଆସିଥିଲେ। ତାହାର ଅଳ୍ପ କେଇବର୍ଷ ଆଗରୁ ରାଜନୀତିରେ ତାଙ୍କର ଆବିର୍ଭାବ ଘଟିଥିଲା ତାଙ୍କର ଖ୍ୟାତନାମା ଲୋକପ୍ରିୟ ପିତା ବିଜୁବାବୁଙ୍କ ନିଧନ ପରେ। ବିଜୁବାବୁଙ୍କ ସ୍ମୃତିଧାରାକୁ ଆଗକୁ ବଢ଼ାଇବାକୁ ବିଜୁବାବୁଙ୍କ ଅନୁଗତମାନେ ଜଣେ ଉପଯୁକ୍ତ ଉତ୍ତରାଧିକାରୀ ଖୋଜୁଥିବା ସମୟରେ ନବୀନ ବାବୁଙ୍କୁ ଏହି ଗୁରୁଦାୟିତ୍ୱ ଦେଲେ। ସେତେବେଳକୁ ନବୀନ ରାଜନୀତିରେ ଅନଭିଜ୍ଞ ଥିଲେ ଏବଂ ଲେଖାପଢ଼ା, ଚିତ୍ରକଳା ଭଳି ସୌଖୀନ ତଥା ଜଞ୍ଜାଳମୁକ୍ତ କାମରେ ନିଜକୁ ଲଗାଇ ଏକ ଶାନ୍ତ ସରଳ ଜୀବନଯାପନ କରୁଥିଲେ।

ଶୁଭେଚ୍ଛୁଙ୍କ ଅନୁରୋଧ ଓ ପରିବାରର ଚାପରେ ସେ ରାଜନୀତିକୁ ଆସିଲେ ଏବଂ ଚୁପ୍‌ଚାପ, କମ୍‌କଥା କହୁଥିବା, କାମରେ ବେଶି ଆଗ୍ରହ ଦେଖାଉଥିବା ଶାନ୍ତ ଓ ଭଦ୍ର ମଣିଷଟିଏ ଅନାୟାସରେ ଏକ ଇତିହାସ ସୃଷ୍ଟି କରିଚାଲିଲେ। ନିଜର ମହାନ ପିତା ତାଙ୍କର ପଚାଶ ବର୍ଷ ରାଜନୈତିକ ଜୀବନରେ ଯେଉଁ ସଫଳତା ପାଇଥିଲେ, ନବୀନ ବାବୁ ତାହାକୁ ଟପିଗଲେ। ବିଜୁବାବୁ ତାଙ୍କର ପାଞ୍ଚ ଦଶକରୁ ଊର୍ଦ୍ଧ୍ୱ ରାଜନୈତିକ ଜୀବନ କାଳରେ ଦୁଇଥର ମୁଖ୍ୟମନ୍ତ୍ରୀ (ଥରେ ପୂର୍ଣ୍ଣକାଳୀନ) ଓ ଦୁଇଥର କେନ୍ଦ୍ରମନ୍ତ୍ରୀ ଏମିତି ମୋଟ୍ ୧୨ /୧୩ ବର୍ଷ କ୍ଷମତାରେ ଥିଲେ। ନବୀନବାବୁ କିନ୍ତୁ ପ୍ରାୟ ଦୁଇବର୍ଷ କେନ୍ଦ୍ରମନ୍ତ୍ରୀ ହେବା ସହିତ କ୍ରମାଗତ ଭାବେ ୨୦୦୦ ରୁ ଏଯାବତ ୨୪ ବର୍ଷରେ ଲଗାତାର ପାଞ୍ଚଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାର ବିରଳ ସୌଭାଗ୍ୟ ଲାଭ କରିଥିଲେ।

ବାସ୍ତବରେ ୨୦୦୦ ରୁ ୨୦୨୪ ଥିଲା ନୂଆ ଓଡ଼ିଶାର ନିର୍ମାଣ ଯୁଗ ଏବଂ ଯାହାର ପ୍ରମୁଖ ସ୍ଥପତି ଥିଲେ ନବୀନବାବୁ। ଉତ୍ତମ ରାଜନୈତିକ ନେତୃତ୍ୱ, ସୁସଂଗଠନ, ରାଜନୈତିକ ପ୍ରତ୍ୟୁତ୍ପନ୍ନମତିତା, ଦୂରଦୃଷ୍ଟି, ଲୋକକଲ୍ୟାଣକାରୀ କାର୍ଯ୍ୟକ୍ରମ, ଦୁର୍ନୀତି ବିରୁଦ୍ଧରେ ଦୃଢ଼ ପଦକ୍ଷେପ ଓ ସମର୍ପିତ ଅମଲାତନ୍ତ୍ରକୁ ନେଇ ଗୋଟିଏ ଗରିବ ରାଜ୍ୟର ଭାଗ୍ୟକୁ କିପରି ବଦଳାଯାଇପାରେ, ସେ ତାହା କରି ଦେଖାଇଯାଇଛନ୍ତି। ସେ ଓଡ଼ିଶାର ବହୁମୁଖୀ ସମସ୍ୟା- ଦାରିଦ୍ର୍ୟ, ଖରାପ ସ୍ୱାସ୍ଥ୍ୟସେବା, ଅଶିକ୍ଷା, ବେରୋଜଗାର, ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ସହିତ ସୁନିୟୋଜିତ ଭାବେ ଲଢ଼ୁଥିଲେ। ରିକ୍ତ ରାଜକୋଷର ସ୍ଥିତିରେ ଉନ୍ନତି ଆଣି ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେବା, କର୍ମଚାରୀଙ୍କୁ ଠିକ୍ ସମୟରେ ବେତନ ପ୍ରଦାନ, କେନ୍ଦ୍ର ସହିତ ଲଢ଼ି ଓଡ଼ିଶା ପାଇଁ ହକ୍ ଆଦାୟ, ବିଭିନ୍ନ ସାମାଜିକ ଓ ଆର୍ଥିକ ଯୋଜନାର ପ୍ରଣୟନ କ୍ଷେତ୍ରରେ ତାଙ୍କର ଶାସନ କୌଶଳ ଅତୁଳନୀୟ।

ନିର୍ଦ୍ଧନ ଲୋକଙ୍କୁ ବିଭିନ୍ନ ଯୋଜନାରେ ନାନା ପ୍ରକାର ସହାୟତା ଯୋଗାଣ, ଟଙ୍କିକିଆ ଚାଉଳ ଯୋଜନା ପ୍ରବର୍ତ୍ତନ, ଗର୍ଭବତୀ, ମହିଳା, ଶିଶୁ, ବୃଦ୍ଧ, କନ୍ୟା, ଛାତ୍ରଛାତ୍ରୀ, ଶାରୀରିକ ଓ ଆର୍ଥିକ ଦୃଷ୍ଟିରୁ ଅକ୍ଷମ ବୟସ୍କ ନାଗରିକ ଆଦି ସମାଜର କୌଣସି ବର୍ଗ ତାଙ୍କ ଜନକଲ୍ୟାଣ ଯୋଜନାରୁ ବାଦ ପଡ଼ିନଥିଲେ। ସେ ହରିଶ୍ଚନ୍ଦ୍ର ଯୋଜନା ହେଉ ବା ଆମ୍ବୁଲାନ୍ସ ସେବା, ବିଏସ୍‌କେୱାଇ ଅଥବା ମମତା, ମିଶନଶକ୍ତି କିମ୍ବା ମଧୁବାବୁ ପେନ୍‌ସନ୍, ଗୋପବନ୍ଧୁ କଲ୍ୟାଣ ଯୋଜନା, କାଳିଆ, ଲକ୍ଷ୍ମୀ ଓ ଜାଗାମିଶନ- ପ୍ରତ୍ୟେକ ଯୋଜନାର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଥିଲା ସୁଚିନ୍ତିତ ଏବଂ ଉଦ୍ଦେଶ୍ୟ ଥିଲା ସମାବେଶୀ, କଲ୍ୟାଣ ଓ ବିକାଶ। ବିପର୍ଯ୍ୟୟ ପରିଚାଳନା ସମେତ ତାଙ୍କ ଦ୍ୱାରା ପ୍ରବର୍ତ୍ତିତ ଅନେକ ଯୋଜନା କେବଳ ଦେଶରେ ଶ୍ରେଷ୍ଠ ବିବେଚିତ ହୋଇ ଜାତୀୟ ମଡେଲ ହୋଇନାହିଁ, ବରଂ ସେଥିରୁ ଅନେକ ମଧ୍ୟ ଜାତିସଂଘର ଦୃଷ୍ଟି ଆକର୍ଷଣ କରି ପ୍ରଶଂସିତ ହୋଇଛି। ଏ ସମ୍ପର୍କରେ ନବୀନ ବାବୁଙ୍କ ଆଦର୍ଶ ଓ ଘୋଷଣା 'ପ୍ରତିଟି ଜୀବନ ମୂଲ୍ୟବାନ' ଓ 'ଶୂନ୍ୟ ଜୀବନ ହାନି' ବିପର୍ଯ୍ୟୟ ନିୟନ୍ତ୍ରଣ କ୍ଷେତ୍ରରେ ଦୀର୍ଘ ସମୟ ପର୍ଯ୍ୟନ୍ତ ମନେ ରହିବ। ଚୁପ୍‌ଚାପ ରହିବାକୁ ଭଲ ପାଉଥିବା ଗୋଟେ ମଣିଷ ସାଧାରଣରେ ଦି'ଚାରିପଦ କଥା କହି ହାତ ହଲାଇ ଦେଉଥିଲେ ଲୋକେ ମୁଗ୍ଧ ହୋଇ ତାଙ୍କର ଜୟ ଜୟକାର କରୁଥିଲେ। କୌଣସି ଯୋଜନା କାର୍ଯ୍ୟକାରୀ କରିବାକୁ ଚାହୁଁଥିଲେ ତାଙ୍କର ଗୋଟିଏ ସରଳ ସହଜ ନିର୍ଦ୍ଦେଶ ହିଁ ଯଥେଷ୍ଟ ଥିଲା। ଐତିହ୍ୟ ସଂରକ୍ଷଣ, ମନ୍ଦିର ଓ ଉପାସନାସ୍ଥଳର ବିକାଶ, ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ନିର୍ମାଣ ଓ ଅଭଡ଼ା ଯୋଜନା ଆଦି ତାଙ୍କ ଶାସନର ଅନ୍ୟତମ କୃତି।

ଚବିଶ ବର୍ଷ ମଧ୍ୟରେ ଓଡ଼ିଆ ଜନଜୀବନ, ରାଜ୍ୟ ଶାସନ ଓ ବିକାଶରେ ଏମିତି କୌଣସି କ୍ଷେତ୍ର ନାହିଁ, ଯେଉଁଠି 'ନବୀନ ଛାପ' ପଡ଼ିନାହିଁ। ସେ ଥିଲେ ଜଣେ ମିତଭାଷୀ ଜନନାୟକ, ପ୍ରଚାରହୀନ ସମାଜ ନିର୍ମାତା ଓ ସ୍ୱାର୍ଥହୀନ ରାଜନେତା। ସେଥିପାଇଁ ତାଙ୍କୁ ଓଡ଼ିଶାବାସୀ ପ୍ରଚୁର ଶ୍ରଦ୍ଧା କରିବା ସହିତ ବାରମ୍ବାର ତାଙ୍କ ନେତୃତ୍ୱ ଉପରେ ବିଶ୍ୱାସ ସ୍ଥାପନ କରୁଥିଲେ। ବିରୋଧୀମାନେ ମଧ୍ୟ ତାଙ୍କ ନେତୃତ୍ୱର ସଫଳତାର ରହସ୍ୟ ବୁଝିପାରୁ ନଥିଲେ। କୋମଳ ହୃଦୟ ସମ୍ପନ୍ନ ତଥା କ୍ଷମାଶୀଳ ନବୀନବାବୁ କିନ୍ତୁ ଦୁର୍ନୀତି ଓ ବିଶ୍ୱାସଘାତକତା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତିଳେମାତ୍ର କୁଣ୍ଠା ପ୍ରକାଶ କରୁନଥିଲେ। ପ୍ରାୟ ଅଢ଼େଇ ଦଶନ୍ଧିକାଳ ସେ ଓଡ଼ିଶାର ରାଜନୀତି ଓ ଜନଜୀବନରେ ଏକ ବିଶାଳ ମହାଦ୍ରୁମ ପରି ଛାଇ ହୋଇଥିଲେ- ଏହା ତାଙ୍କର ଶତ୍ରୁ, ମିତ୍ର ସମସ୍ତେ ସ୍ୱୀକାର କରିବେ।

ରାଜନୀତିରେ ବେଳେବେଳେ କଠିନ ଏବଂ ବିସ୍ମୟକର ସମୟ ଆସେ। ବିରୋଧୀ କ୍ଷମତାଲୋଭ ଆଶାରେ ଅପ୍ରସଙ୍ଗକୁ ପ୍ରସଙ୍ଗ କରି ଜନମତକୁ ପ୍ରଭାବିତ କରନ୍ତି। ବାରମ୍ବାର ନକାରାତ୍ମକ ପ୍ରଚାର ଫଳରେ ସଫଳ ନେତାଙ୍କର କାର୍ଯ୍ୟ ମଧ୍ୟ ସନ୍ଦେହର ଘେରକୁ ଆସିପାରେ। ଏକ ସଂଘର୍ଷପୂର୍ଣ୍ଣ ନିର୍ବାଚନ ଅଭିଯାନ ସତ୍ତ୍ୱେ ବିଜୁ ଜନତା ଦଳ ନୂତନ ବିଧାନସଭାରେ ସଂଖ୍ୟାଗରିଷ୍ଠତା ହରାଇଲେ ମଧ୍ୟ ଏକ ଦୃଢ଼ ବିରୋଧୀ ଦଳର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅବତୀର୍ଣ୍ଣ ହୋଇଛି, ଯାହା ଗତ ୨୪ ବର୍ଷ ଧରି ଦୃଷ୍ଟିଗୋଚର ହେଉ ନ ଥିଲା। ଜଣେ ପୁରୁଖା, ଅନୁଭବୀ ରାଜନେତା ଭାବେ ନବୀନ ବାବୁଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ରାଜ୍ୟର ପ୍ରଶାସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟର ଜନସାଧାରଣ ଆଶା ରଖିବେ।

ଭାଗ୍ୟ ଓ ପୁରୁଷାର୍ଥ ଦୁଇଟି ଭିନ୍ନ କଥା। ନବୀନବାବୁଙ୍କ କ୍ଷେତ୍ରରେ ଏ ଦୁଇଟିର ବିରଳ ମିଶ୍ରଣ ଘଟିଥିଲା। ରାଜନୈତିକ ରଣଭୂମିରେ କେତେ ନାୟକ ଆସିବେ ଓ ଯିବେ; ତେବେ ନବୀନ ପଟ୍ଟନାୟକଙ୍କ ଶାସନର ସମୟକୁ ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟାୟ କହିଲେ ଭୁଲ୍ ହେବ ନାହିଁ। ଏହି ସମୟରେ ଓଡ଼ିଶାର ସବୁକ୍ଷେତ୍ରରେ ଏକ ନୂଆ ଅଭ୍ୟୁଦୟ ଓ ସଫଳତା ମାର୍ଗ ପ୍ରଶସ୍ତ ହୋଇଛି। ସାମ୍ପ୍ରତିକ ଓଡ଼ିଶାର ନବନିର୍ମାଣରେ ନବୀନ ବାବୁଙ୍କ ବହୁମୁଖୀ ବିକାଶର ପର୍ଯ୍ୟାୟ ଓଡ଼ିଶାର ଜନମାନସରେ ବହୁକାଳ ଧରି ଅମ୍ଳାନ ରହିବ। କ୍ଷମତା ରାଜନୀତିର ପ୍ରେକ୍ଷାପଟରେ ଗଣତାନ୍ତ୍ରିକ ପରିବର୍ତ୍ତନ ଏକ ଚିରନ୍ତନ ଧାରା। କ୍ରମାଗତ ପରିବର୍ତ୍ତନର ଏହି ପ୍ରକ୍ରିୟା ମଧ୍ୟରେ ଯେଉଁ ଜନନେତା ରାଜଧର୍ମ ପ୍ରତିପାଳନରେ ଓ ଜନହିତରେ ପୁରୁଷାର୍ଥ ସାଧନ କରିପାରନ୍ତି ସେହିମାନଙ୍କ ମଧ୍ୟରୁ ନବୀନ ବାବୁ ଅନ୍ୟତମ।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଓଡ଼ିଆ ଲିପିରେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ

**ସୁନୀଲ ବିଶ୍ୱାଳ**
ସୁନାବେଡ଼ା, ମୋ: ୭୦୦୮୫୮୦୫୨୮

ଅତୀତ ଓ ବର୍ତ୍ତମାନର ଓଡ଼ିଆ ଭାଷାରେ କହିବା, ଲେଖିବା, ପଢ଼ିବାର ପ୍ରବୃତ୍ତି, ମାନସିକତା ଓ ଦୃଷ୍ଟିକୋଣରେ ଅନେକ ପରିବର୍ତ୍ତନ ହୋଇଛି। ଦିନ ଥିଲା ଯେତେବେଳେ ଓଡ଼ିଆ କବିର ଗୀତ, ଛନ୍ଦ, କବିତାକୁ ସଭାରେ ପଣ୍ଡିତଙ୍କଠାରୁ ଆରମ୍ଭ କରି ପଥପ୍ରାନ୍ତରେ ଲୋକମୁଖରେ ଶୁଣାଯାଉଥିଲା। କିନ୍ତୁ ଏବେ ସାଧାରଣ ଲୋକେ ଓଡ଼ିଆ କାବ୍ୟ କବିତା ଦୂରେ ଥାଉ କଥାବାର୍ତ୍ତା ହେବାକୁ ବି ପସନ୍ଦ କରୁନାହାନ୍ତି। ବରଂ ଓଡ଼ିଆରେ ନ କହି ପାରିବା ଏକ ବିଶେଷଗୁଣ ଭାବେ ଗଣା ହେଲାଣି। ତେବେ କିଛି ମୁଷ୍ଟିମେୟ ଗୋଷ୍ଠୀଙ୍କ ଗବେଷଣା ଓ ସରକାରୀ ଉଦ୍ୟମର ଫଳ ସ୍ୱରୂପ ଓଡ଼ିଆ ଶାସ୍ତ୍ରୀୟ ଓ ସରକାରୀ ଭାଷାର ମାନ୍ୟତା ପାଇଛି। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସମଗ୍ର ଓଡ଼ିଆ ଜାତି ପାଇଁ ଗୌରବର କଥା ନିଶ୍ଚୟ। ଭାରତକୁ ଯଦି ଉତ୍ତର ଓ ଦକ୍ଷିଣ ଭାବେ ଭାଗ କରାଯାଏ, ତେବେ ଦକ୍ଷିଣର ଚାରୋଟି ଭାଷା ପରେ ଓ ସଂସ୍କୃତକୁ ଛାଡ଼ିଦେଲେ ଅବଶିଷ୍ଟ ଭାରତର ଏକମାତ୍ର ଭାଷା ଓଡ଼ିଆ, ଯାହା ଶାସ୍ତ୍ରୀୟ ମାନ୍ୟତାର ମାନଦଣ୍ଡକୁ ପୂରଣ କରୁଛି ଓ ମାନ୍ୟତା ପାଇଛି। ପ୍ରତିଟି ଓଡ଼ିଆର ଛାତି ଗର୍ବରେ ଫୁଲି ଉଠିଲା ଭଳି ଏ କଥାଟି ଅଧିକାଂଶ ଲୋକେ ଜାଣନ୍ତି ନାହିଁ। ନ ହେଲେ ଯେଉଁ ଓଡ଼ିଆମାନେ ମାତ୍ର କିଛିଦିନ ଓଡ଼ିଶା ବାହାରେ ରହି ନିଜ ଭାଷାକୁ ଭୁଲି ନିଜ କଥା ବାର୍ତ୍ତାରେ ସେଇ ପ୍ରବାସୀ ଭାଷାର ଖଣ୍ଡିଆ ଶବ୍ଦ ପ୍ରୟୋଗ କରି ନିଜେ ଆହ୍ଲାଦିତ ହୁଅନ୍ତେ? ସେମାନେ ଜାଣିନାହାନ୍ତି ଯେ ସେମାନେ କ'ଣ ଭୁଲ କରୁଛନ୍ତି। ଜଗନ୍ନାଥେ ସେମାନଙ୍କୁ କ୍ଷମା କରନ୍ତୁ ଓ ସଦ୍‌ବୁଦ୍ଧି ଦିଅନ୍ତୁ। ସେମାନେ ନିଜ ଭାଷାର ପ୍ରାଚୀନତା ଓ ମହନୀୟତା ବିଷୟରେ ସଚେତନ ହୁଅନ୍ତୁ।

ନିଜ ଭାଷା ପ୍ରତି ମମତା କ୍ରମଶଃ ପାଣିଚିଆ ଧରି ଆସୁଥିବା ବେଳେ ପ୍ରଯୁକ୍ତି ବିଦ୍ୟାର ବିସ୍ଫୋରଣ ଜନିତ ନୂଆ ନୂଆ କୌଶଳ ସବୁ ଭାଷା ଆଗରେ ଏକ ନୂଆ ସମସ୍ୟା ଓ ସମ୍ଭାବନା ଭାବେ ଉଭା ହୋଇଛନ୍ତି। ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ସାଙ୍ଗରେ ତାଳ ଦେଇ ଚାଲିପାରିଲେ ଭାଷା ଖାଲି ବଞ୍ଚି ରହିବ ତା' ନୁହେଁ, ଭାଷାର ବ୍ୟାପ୍ତି ମଧ୍ୟ ଘଟିବ। ତେବେ ଆଜିର ଆଲୋଚନାର ବିଷୟବସ୍ତୁ ହେଉଛି ଯେ ଯେଉଁ ଲୋକମାନେ ଓଡ଼ିଆକୁ ଏବେ ବି ନିଜ ସହିତ ଧରି ରଖିଛନ୍ତି ଏବଂ ଓଡ଼ିଆ ଭାଷାକୁ ଦୈନନ୍ଦିନ ଚାଲିଚଳଣି, କଥାବାର୍ତ୍ତାରେ ବ୍ୟବହାରରେ କରୁଛନ୍ତି ସେମାନଙ୍କ ଆଗରେ କ'ଣ କ'ଣ ଆହ୍ୱାନ ସବୁ ରହୁଛି।

କମ୍ପ୍ୟୁଟରରେ ଓ ମୋବାଇଲରେ ଓଡ଼ିଆରେ ଲେଖିବାକୁ ଅନେକ ପ୍ରକାର ସଫ୍ଟୱେର ଅଛି। ଏଠି କମ୍ପ୍ୟୁଟର, ମୋବାଇଲ, ସଫ୍ଟୱେର, ଏ ତିନିଟି ଶବ୍ଦର ମୂଳ ହେଲା ଇଂରାଜୀ। ଏଇ ଶବ୍ଦକୁ ଏହି ସ୍ତମ୍ଭ ଲେଖାରେ ବ୍ୟବହାର କରିବାକୁ ମୁଁ ଯଦି ଓଡ଼ିଆର ସମାର୍ଥବୋଧକ ଶବ୍ଦ ଖୋଜିଥା'ନ୍ତି, ତେବେ




ପାଇନଥା'ନ୍ତି। କାରଣ ଏଗୁଡ଼ିକ ବୈଦେଶିକ ଶବ୍ଦ। ଯଦି ଟାଣି ଓଟାରି ଏଣୁତେଣୁ ଶବ୍ଦଗୁଡ଼ିଏ ଯୋଡ଼ି, ତା'କୁ ବ୍ୟବହାର କରିଥା'ନ୍ତି, ତେବେ ଅଧା ପାଠକ ବୁଝି ପାରି ନଥା'ନ୍ତେ। ଆଉକିଛି ପାଠକ 'କ' ବୁଝିଲା ବେଳେ ବେଶ ଆଉକିଛି ପାଠକ 'ଖ' ବୋଲି ବୁଝି ଥା'ନ୍ତେ। କିନ୍ତୁ ମୂଳ ଇଂରାଜୀ ଶବ୍ଦ ବ୍ୟବହାର ଫଳରେ ସେ ପ୍ରକାର ଦ୍ୱନ୍ଦ୍ୱ ରହିଲା ନାହିଁ ଏବଂ ଲେଖାଟି ସାବଲୀଳ ହେଲା। ଏଇଠି ପ୍ରଶ୍ନ ଉଠେ ଯେ ଏଭଳି ବୈଦେଶିକ ଶବ୍ଦର ପ୍ରୟୋଗର ମାତ୍ରା ଯଦି ବଢ଼ିଚାଲେ, ତେବେ ଯେଉଁ ଭାଷାଟି ସୃଷ୍ଟି ହେବ ତାହା କ'ଣ ଓଡ଼ିଆ ଭାଷାରେ ଗଣା ହେବ ନା ଏକ ଖିଚିଡ଼ି ଭାଷା ହେବ?

ଭାଷା ଏକ ପ୍ରବାହମାନ ନଦୀ ଭଳି। ଏହା ଯେତେ ଯେତେ ଆଗକୁ ଆଗକୁ ଗଡ଼ି ଗଡ଼ି ଚାଲେ ଅନେକ ଶାଖା ନଦୀ ସହିତ ମିଶି କଳେବର ସ୍ଫୀତ ହୁଏ ଓ ଶକ୍ତି ବଢ଼ିଚାଲେ। ଓଡ଼ିଆ ବା ଯେକୌଣସି ଭାଷାରେ କିଛି ନିଜସ୍ୱ, କିଛି ବୈଦେଶିକ ଶବ୍ଦ ମିଶି ରହିଥାଏ। ଏମିତିରେ ଓଡ଼ିଆ ଭାଷାରେ ଇଂରାଜୀ ଶବ୍ଦକୁ ବାଦ ଦେଲେ ଅନେକ ଶବ୍ଦ ମିଳିବ, ଯାହାକି ଓଡ଼ିଆ ଭାବରେ ଗଣାହେଲେ ମଧ୍ୟ ତାହା ଅନ୍ୟଭାଷାରୁ ପଶିଆସିଛି ଏବଂ ବହୁଳ ବ୍ୟବହାର ଫଳରେ କାଳକ୍ରମେ ଓଡ଼ିଆ ବୋଲି ଗୃହୀତ ହେଇସାରିଛି। ଯେଉଁ ଇଂରାଜୀ ଶବ୍ଦ ସବୁ କହିବା, ଲେଖିବା ଓ ପଢ଼ିବା ନିହାତି ଦରକାର, ତା'କୁ ସେଇମିତି ମୂଳ ଶବ୍ଦରୁ ଗ୍ରହଣ କରିନେଲେ କ୍ରମଶଃ ତାହା ଓଡ଼ିଆ ଶବ୍ଦ ଭାବେ ପରିଗଣିତ ହୋଇଯିବ।

ଇଚ୍ଛା। ଥାଇ ମଧ୍ୟ ଆମେ ଶହେ ପ୍ରତିଶତ ଓଡ଼ିଆର ବ୍ୟବହାର କାହିଁକି କରିପାରୁନାହୁଁ ତା'ର ବୈଷୟିକ ଦିଗ ସମ୍ବନ୍ଧରେ ଏବେ ଚର୍ଚ୍ଚା କରିବା। ଓଡ଼ିଆରେ କହିବା, ଲେଖିବା ନିଶ୍ଚିତ ରୂପେ ଆମ ଓଡ଼ିଆ ପ୍ରୀତିର ଅନନ୍ୟ ନମୁନା ହେଇପାରିବ। ଇଚ୍ଛା ଥାଇ ମଧ୍ୟ ବେଳେ ବେଳେ ଓଡ଼ିଆର ବ୍ୟବହାର କରିହେଉନାହିଁ। ଗୋଟିଏ ଉଦାହରଣ ଦ୍ୱାରା ଏକଥା ବୁଝିବାକୁ ଚେଷ୍ଟା କରିବା। 'କଳିଙ୍ଗ ଇତିହାସ' ନାମକ ଏକ ସାହିତ୍ୟ ସୃଜନଶୀଳ ଗୋଷ୍ଠୀ ପ୍ରତି ସପ୍ତାହରେ ରବିବାର ସନ୍ଧ୍ୟା ସାତରୁ ରାତି ନ' ଟା ପର୍ଯ୍ୟନ୍ତ ଏକ ଆଭାସୀ ଆଲୋଚନାର ଆୟୋଜନ କରିଥାଏ। ସାରା ପୃଥିବୀରୁ ଆଗ୍ରହୀ ଲୋକମାନେ ଏଥିରେ ଯୋଗ ଦେଇଥା'ନ୍ତି। ସପ୍ତାହ ଆରମ୍ଭରେ ଏହାର କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ସମ୍ଭାବ୍ୟ ଶ୍ରୋତାଙ୍କ ପାଖରେ ପହଞ୍ଚାଇ ଦିଆଯାଏ। ସୂଚନା ପତ୍ରଟି ଇଂରାଜୀରେ ହିଁ ପ୍ରସ୍ତୁତ ହୋଇଥାଏ। ତେବେ ଆୟୋଜକ ସ୍ଥିର କଲେ ଏଣିକି ଏହି ସୂଚନାପତ୍ର ଓଡ଼ିଆରେ ପ୍ରସ୍ତୁତ ହେବ। ଏହା କରିବାକୁ କ'ଣ କ'ଣ ସମସ୍ୟା ଉପୁଜିବ ଓ କିଭଳି ଏହାର ସମାଧାନ ହୋଇପାରିବ ତାହା ଆୟୋଜକମାନେ ଆଲୋଚନା କଲେ। ଓଡ଼ିଆ ଭାଷାର ବହୁଳ ବ୍ୟବହାରରେ କେଉଁ କେଉଁ ପ୍ରତିବନ୍ଧକ ଅଛି ଓ କିଭଳି ତାହାର ସମାଧାନ ଆବଶ୍ୟକ ତାହା ଜଣାପଡ଼ିଲା।

'କଳିଙ୍ଗ ଇତିହାସ'ର ୱେବିନାରର ସୂଚନା ପତ୍ରରୁ ଯଦି ଆମେ ଏହା ଦେଖିବା ତେବେ ଏହି ସମସ୍ୟା ବିଷୟରେ କିଛିଟା ଧାରଣା ସ୍ପଷ୍ଟ ହେବ। ଜୁମ ଆପରେ ଇଂରାଜୀରେ ଟାଇପ କରି ବିଷୟବସ୍ତୁର ନାଁ, ବକ୍ତାଙ୍କ ନାଁ, ତାରିଖ ଓ ସମୟ - ତଥ୍ୟ ଭର୍ତ୍ତି କଲାପରେ ଆଭାସୀ ବୈଠକର ଯୋଗଦାନ ଲିଙ୍କ ଇଂରାଜୀରେ ମିଳିବ। ସେଥିରେ ଓଡ଼ିଆରେ କିଛି ଲେଖିବା ପାଇଁ(ଗୁଗୁଲ୍ ଇନ୍‌ପୁଟ୍ ଟୁଲ୍)କୁ ଯାଇ ଭାଷା ଚୟନ କଲା ପରେ ଇଂରାଜୀରେ ଟାଇପ କରି ଚାହୁଁଥିବା ବାକ୍ୟ ଓ ଶବ୍ଦ ସବୁ ଆଣି ଜୁମରୁ ମିଳିଥିବା ପୃଷ୍ଠାରେ ସଠିକ ସ୍ଥାନରେ ଖଞ୍ଜିବାକୁ ପଡ଼ିବ। ସବୁ ହେଲା ପରେ ମଧ୍ୟ ୱେବଲିଙ୍କ ଇଂରାଜୀରେ ରହିବ ହିଁ ରହିବ। ଇଂରାଜୀରେ ଯେଉଁ କାମଟି ଅଳ୍ପ ସମୟ ଓ ଅପେକ୍ଷାକୃତ ତ୍ରୁଟିଶୂନ୍ୟ ହେଇପାରିଥା'ନ୍ତା, ଓଡ଼ିଆରେ ତାହା ବିଭିନ୍ନ ସ୍ତରରେ, ଅଧିକା ସମୟ ଦେଇ ଓ ଅତ୍ୟନ୍ତ ସତର୍କତାର ସହ କରିବାକୁ ପଡ଼ିବ। ଏଇଠି ବୈଷୟିକ ଜ୍ଞାନର ଆଉ ଟିକିଏ ଉତ୍କର୍ଷ କ୍ରିୟାର ଆବଶ୍ୟକତା ରହୁଛି।

ବର୍ତ୍ତମାନ ଯେହେତୁ ମେସିନ୍ ଲର୍ଣ୍ଣିଂ(ଯାନ୍ତ୍ରିକ ଶିକ୍ଷା), କୃତ୍ରିମ ବୁଦ୍ଧିମତ୍ତା(ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ)ର ବିପୁଳ ସମ୍ଭାବନା ଆମ ଆଗରେ ଉଭା ହେଇଛି, ଆମ ଓଡ଼ିଆ ତନ୍ତ୍ର ବିଶାରଦମାନେ ନିରୁତା ଓଡ଼ିଆରେ ଲେଖିବା, ଅନୁବାଦ କରିବା ଇତ୍ୟାଦି ବ୍ୟବସ୍ଥାଗୁଡ଼ିକ ଯଥାଶୀଘ୍ର ଆମ ଆଗରେ ଉପସ୍ଥାପନା କରିପାରିଲେ ଏଇ ଜାତି ଓ ଭାଷା ଅନନ୍ତ କାଳ ପର୍ଯ୍ୟନ୍ତ ଖାଲି ତିଷ୍ଠି ରହିବ ନାହିଁ, କ୍ରମଶଃ ଉତ୍ତରୋତ୍ତର ଉନ୍ନତି କରିବ, ଏଥିରେ କୌଣସି ସନ୍ଦେହ ନାହିଁ। ଏଥିପାଇଁ ଓଡ଼ିଆ ଭାଷା ମାଧ୍ୟମରେ ସ୍କୁଲ ଶିକ୍ଷା ସମାପ୍ତ କରି କମ୍ପ୍ୟୁଟର ଇଂଜିନିୟର ହୋଇଥିବା ବିଶାରଦମାନଙ୍କର ଗୁରୁଦାୟିତ୍ୱ ରହିଛି। ଆମ ଭାଷାକୁ ଆମେ ଘଷି ମାଜି ଚକମକ କରିବାନି ତ ଆଉ କିଏ କରିବ?

# ସାବିତ୍ରୀ: ଉତ୍ତରିତ ଜିଜ୍ଞାସାର ଗାଥା



**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**
ଯାଜପୁର, ୯୪୩୮୦୬୪୪୬୫



ଆଜି ସାବିତ୍ରୀ ବ୍ରତ। ଆମେ ସମସ୍ତେ ଏହାର ମହିମା ଜାଣୁ। ଜାଣୁ ସେଇ କିମ୍ବଦନ୍ତୀକୁ, ଯାହା କୋଟିକୋଟି ଭାରତୀୟଙ୍କୁ ବାନ୍ଧି ରଖିଚି ଏକ ପବିତ୍ର ପରମ୍ପରାରେ। ତେବେ ବର୍ଷ ବର୍ଷ ଧରି ତ୍ୟାଗ, ପ୍ରେମ ଓ ସିଦ୍ଧାନ୍ତର ଏଇ ଗଣପର୍ବକୁ ନେଇ ଏତେ ବ୍ୟଙ୍ଗ କାହିଁକି? ପ୍ରତିବର୍ଷ ଅନେଗୁଡ଼ିଏ ବ୍ୟଙ୍ଗ କବିତା, ବ୍ୟଙ୍ଗୋକ୍ତି ଶୋଭାପାଏ ବିଭିନ୍ନ ସାମାଜିକ ଗଣମାଧ୍ୟମ କାନ୍ଥରେ। ସତରେ କ'ଣ ନାରୀଟିଏ ଦାମିକା ଶାଢ଼ି ଓ ଫଳ ଲୋଭରେ ସାବିତ୍ରୀ ବ୍ରତ କରେ?

ଆମେ ସମସ୍ତେ ଜାଣୁ, ଭାରତରେ ନାରୀ ଶିକ୍ଷା ଏଯାଏଁ ସମ୍ପୂର୍ଣ୍ଣ ବିକଶିତ ହୋଇନି। ଅଧିକାଂଶ ଝିଅ ନିଜକୁ ଏକ ବୈବାହିକ ଉପାଦାନ ଭାବରେ ହିଁ ଗଢ଼ି ଥାଆନ୍ତି। ମୋର ଜଣେ ସମ୍ପର୍କୀୟାଙ୍କୁ ଥରେ ପଚାରି ଥିଲି, ଏତେ ପଢ଼ିଚ, ଚାକିରି କାହିଁକି କଲ ନାହିଁ? ସେ କହିଲେ କ'ଣ ଚାକିରି କରିବାକୁ ପଢୁଥିଲି? ଭଲ ପ୍ରସ୍ତାବଟେ ଆସିବ ବୋଲି ପଢୁଥିଲି। ହାଏରେ ବିଧାତା! ଏବେ ତାଙ୍କ ସ୍ୱାମୀ କହନ୍ତି, ଟଙ୍କାଟେ ରୋଜଗାର କରିବାର କ୍ଷମତା ନାହିଁ, ବଡ଼ ବଡ଼ କଥା କହି ଆସେ। ଦୁଃଖ ଲାଗେ ସେତେବେଳେ। କିନ୍ତୁ ପୂଜାପର୍ବ ବେଳେ ସେ ତାଙ୍କ ବାପା ଘରୁ ଶାଢ଼ି ଆଣିବେ, ଭାର ଆଣିବେ। ତେବେ ସାବିତ୍ରୀର ଭାର କାହା ଉପରେ ପଡ଼େ?

ମୋ ଜାଣିବା ଭିତରେ ଅଧିକାଂଶ ସ୍ତ୍ରୀଙ୍କର ବାପଘରୁ ହିଁ ସାବିତ୍ରୀ ଓ ରଜ ଭାର ଆସେ। କେତେକ ଯୌଥ ପରିବାରରେ ବାପଘରର ଭାର ନେଇ ବୋହୂଟି ହୀନମନ୍ୟତାର ଶୀକାର ହୁଏ ମଧ୍ୟ। ସହରରେ ରହୁଥିବା କିଛି ଏକାନ୍ନବର୍ତ୍ତୀ ପରିବାରରେ ସ୍ୱାମୀ ନିଜ ସ୍ତ୍ରୀ ପାଇଁ ଏସବୁ କିଣେ। ଯଦି ବା ବର୍ଷରେ ଥରେ ନିଜର ମଙ୍ଗଳ କାମନା କରି ଉପବାସ ରଖୁଥିବା ସ୍ତ୍ରୀଟି ପାଇଁ ଭଲ ଶାଢ଼ି ଖଣ୍ଡେ କି କିଛିଶହ ଟଙ୍କାର ଫଳ(ଯାହା ଅନ୍ୟ ଦିନେ ଦୁଷ୍ପ୍ରାପ୍ୟ) କିଣିବାକୁ ପଡ଼େ, ସେଥିରେ କ'ଣ ଖାଲି ହେଇଯାଏ ସ୍ୱାମୀର ପକେଟ୍? ବର୍ଷ ସାରା ଶହେ ବ୍ରତ ଉପବାସ କରୁଥିବା ସ୍ତ୍ରୀଟିର ଏଇ ଖାସ୍ ଓଷାଟି ପାଇଁ ଏତେ ଅସହିଷ୍ଣୁତା କାହିଁକି? କାହିଁକି ଏତେ ବ୍ୟଙ୍ଗ? କବିତାରେ ହେଉ କି ଗପରେ, ଏହି ପବିତ୍ର ଓଷାଟିର ମହନୀୟତା ବ୍ୟକ୍ତ କରିବା ପରିବର୍ତ୍ତେ ଏହାକୁ ନେଇ ବ୍ୟଙ୍ଗ କରିବା ଶୋଭାପାଏ ନାହିଁ। କୌଣସି ସ୍ତ୍ରୀ ସ୍ୱାମୀକୁ ଶୋଷଣ କରିବାକୁ ବ୍ରତ କରେ ନାହିଁ। ସ୍ୱାମୀର ପକେଟ୍ ଦେଖି ସେ ଖର୍ଚ୍ଚ କରେ ଓ ସେଥିରୁ ବି ପିଲା ଛୁଆଙ୍କ ପାଇଁ ସଞ୍ଚୟ କରେ। ତାର ତ୍ୟାଗ ଓ ନିଷ୍ଠାକୁ ଅଣଦେଖା କରି ଯେଉଁ ସ୍ୱାମୀ ତା'କୁ ବ୍ୟଙ୍ଗର ପାତ୍ର ଭାବେ, ସେ ନିଶ୍ଚୟ ଏଥିପାଇଁ ଆୟୋଗ୍ୟ।

ସାବିତ୍ରୀ ଏକ ଆବେଗର ପର୍ବ। ଏକ ଏକାଗ୍ରତାର ଉତ୍ସବ। କାହାର ଉପବାସ ରହିଲେ ଆଉ ଜଣେ ଆୟୁଷ ପାଇବା ପଛରେ କୌଣସି ଦୃଢ଼ ତାର୍କିକ ଯଥାର୍ଥତା ନାହିଁ। କିନ୍ତୁ ନାରୀଟି ସ୍ୱାମୀର ମଙ୍ଗଳ ମନାସି ଭଗବାନଙ୍କ ଉଦ୍ଦେଶ୍ୟରେ ରଖେ ଏହି ବ୍ରତ। ଭାରତର ଅଧିକାଂଶ ମହିଳା ଉପର୍ଜନକ୍ଷମା ନୁହନ୍ତି। ଅତି ସାନ ବେଳୁ ସ୍ୱାମୀ, ଶାଶୂ ଘରର ଏକ ସୁଖଦ ଚିତ୍ର ତା ଆଖିରେ ଆଙ୍କି ଦିଆଯାଏ। ନିଜର ଛୋଟ ଛୋଟ ଆବଶ୍ୟକତାକୁ ଅଣଦେଖା କରି ସେ ଘରର ଅର୍ଥନୀତିକୁ ସଜାଡ଼େ। ନୂଆ ଶାଢ଼ି ନ ଦେଲେ କ'ଣ ବ୍ରତ କରିବ ନାହିଁ? ସବୁ ଓଷା ବ୍ରତ ତ ନାରୀମାନଙ୍କ ପାଇଁ ଖଞ୍ଜି ଦିଆଯାଇଛି। ସକାଳୁ ଉପବାସ କରିଥିବା ନାରୀଟି ସେଦିନ ରୋଷେଇ ଓ ଘର କାମ ତ ଯଥାବିଧି କରେ। ତାକୁ ଗୋଟେ ଦିନ ବିଶ୍ରାମ ମିଳେ କି? ମାନେ, ସ୍ୱାମୀର ଆୟୁଷ ପାଇଁ ସେ ନିଜ ଶରୀରକୁ କଷ୍ଟ ଦେବ, କିନ୍ତୁ ତା'ପାଇଁ ଶ୍ରଦ୍ଧାରେ ଶାଢ଼ି ଖଣ୍ଡେ ଆଣି ଦେବାକୁ ବି କୁଣ୍ଠିତ ସ୍ୱାମୀ।

ଜନ୍ମ ନେଇଥିବା ଲୋକର ମୃତ୍ୟୁ ଅବଶ୍ୟମ୍ଭାବୀ। କେହି କାହାକୁ ଅଟକେଇ ପାରିବ ନାହିଁ। ସ୍ତ୍ରୀଟିଏ ଜାଣେ ଏକଥା। ମାତ୍ର ସ୍ୱାମୀର ଦୀର୍ଘଜୀବନ କାମନା କରି ନିଜର ବିଶ୍ୱାସକୁ ସେ ଭଗବାନଙ୍କୁ ସମର୍ପି ଦେଇଥାଏ। ବର୍ଷରେ ଥରେ ଲୁଗା ଖଣ୍ଡେ, ଫଳ ମୂଳ କିଛି କିଣେ। ସେଥିରେ କ'ଣ ଗରିବ ହେଇ ଯାଏ ବିଚରା ସ୍ୱାମୀଟି ? ପାରସ୍ପରିକ ପ୍ରେମ ଭିତରେ ଏ ଦିଆ-ନିଆ ସମ୍ପର୍କ କେବେ ସୃଷ୍ଟି ହେଲା? ଭାବିବାର ସମୟ ଆସିନି କି? ଶ୍ରଦ୍ଧା ଓ ସମ୍ମାନର ଏଇ ଉତ୍ସବଟିକୁ ଅଯଥାରେ କଳଙ୍କିତ କରା ନ ଯାଉ। ବ୍ୟଙ୍ଗ ବିଦ୍ରୂପ ନ କରାନଯାଉ।

କର୍ମଜୀବୀ ମହିଳାମାନଙ୍କୁ ଏ ବ୍ରତ ନେଇ ସେତେ ବେଶୀ ଉତ୍ସାହିତ ହେବାର ମୁଁ କାଇଁ ଦେଖେନି। ଛୁଟିଟିଏ ମିଳେ, ସେତିକି ବହୁତ। ହୁଏତ ଆତ୍ମନିର୍ଭର ନାରୀଟେ ନିଜର ଆବଶ୍ୟକତା ମେଣ୍ଟାଉ ମେଣ୍ଟାଉ ଅନେକ କିଛି ଆଶା କରିବା ଛାଡ଼ି ଦେଇ ଥାଏ। ନିଜ ପାଇଁ ସର୍ବନିମ୍ନ ସାଧନରେ ପୂଜାବିଧି ସାରିଥାଏ। ଗୃହିଣୀମାନେ କିନ୍ତୁ କିଛିଦିନ ଆଗରୁ ହିଁ ବେଶ ଚଳଚଞ୍ଚଳ ଦେଖା ଯାଆନ୍ତି। ଖୁସି, ଆଗ୍ରହ ଓ ପ୍ରେମ ତାଙ୍କ ମୁହଁରୁ ବାରି ହୁଏ। କ'ଣ ନୂଆ ଲୁଗା ପାଇଁ? ଫଳମୂଳ ପାଇଁ? ନା! ସେ ଯେ ସୀମନ୍ତିନୀ, ସେଇ ଗୌରବ ତା'ର ପରିଚୟ, ତା'ର ଅଭିମାନ ଓ ସ୍ୱାଭିମାନ। ବର୍ଷସାରା ଯାହାର ପରିବାରର ସବୁ କାମ ନିର୍ଦ୍ୱନ୍ଦ୍ୱରେ କରୁଥାଏ, ତା'ଠାରୁ ଭଲ ଶାଢ଼ି ଖଣ୍ଡେ ପାଇବା କ'ଣ ତା'ର ପ୍ରାପ୍ୟ ନୁହେଁ? କିଛି ନ ଦେଲେ ବି ସେ ଏ ବ୍ରତ କରିବ। ଭାରତୀୟ ନାରୀ ବିଶ୍ୱାସୀ ଓ ଅନ୍ଧ ବିଶ୍ୱାସୀ ବି। ତେବେ ଓଡ଼ିଶାରେ ଘରେ ଘରେ ଏଇ ବ୍ରତ ପାଳନ ହେଉ ଥିବା ବେଳେ ଏହାକୁ କେବଳ ଗୋଟିଏ ସ୍ତ୍ରୀର କର୍ତ୍ତବ୍ୟ ଭିତରେ ସୀମିତ ରଖିବା ଠିକ୍ ନୁହେଁ। ଯଦି ଆପଣ ଘରର ଲକ୍ଷ୍ମୀଙ୍କର କଷ୍ଟ ଲାଘବ କରି ପାରୁ ନାହାନ୍ତି, ଅନ୍ତତଃ ଏପରି ବ୍ୟଙ୍ଗ କରି ନିଜ ଜୀବନ ସଙ୍ଗିନୀର ଅମର୍ଯ୍ୟାଦା କରନ୍ତୁ ନାହିଁ। ସାବିତ୍ରୀ କେବଳ ଏକ ମହାଗାଥା ନୁହେଁ, ଏହା ମହାଚେତନା ଓ ଆଶକ୍ତିର ପରିପ୍ରକାଶ। ପ୍ରତୀକାତ୍ମକ ଭାବରେ ଏହା ଚେତନାର ଉତ୍ତରଣକୁ ବୁଝାଏ। ମୃତ୍ୟୁ ଉପରେ ଜୀବନର ବିଜୟକୁ ବୁଝାଏ। ଅଳୀକ ଜ୍ଞାନ ନେଇ ନା ଏହାକୁ ବୁଝି ହେବ ନା ବୁଝାଇ ହେବ! ପାରସ୍ପରିକ ପ୍ରେମ, ଆତ୍ମବିଶ୍ୱାସ ଓ ତ୍ୟାଗର ଏହି ମହାଗାଥା ଆଜି କାହା କାହା ପାଇଁ ଫ୍ୟାସନରେ ପରିଣତ ହେଲାଣି। ତେବେ ମଧ୍ୟ ଆମେ କ'ଣ ଆମ ମହାନ୍ ଭାରତୀୟ ଆଧ୍ୟାତ୍ମିକତାକୁ ଆଡ଼େଇ ଯିବା? ଶ୍ରଦ୍ଧାରେ ପାଳନ୍ତୁ ପ୍ରେମର ଏ ଉତ୍ସବ। ପାରସ୍ପରିକ ସ୍ନେହ, ଶ୍ରଦ୍ଧା ଓ ବିଶ୍ୱାସର ପ୍ରତୀକ ହେଉ ଏହି ମହାନ ବ୍ରତ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ

# ବିଜେଡି ପରାଜୟ ପଛରେ ବିଶ୍ୱାସଘାତକତା

ଭାପୁର, ୫।୬(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ଗଡ଼ରେ ଫୁଟିଛି ପଦ୍ମ ଫୁଲ। ଏଥିପାଇଁ ବିଜୟୀ ଦଳର ସଙ୍ଗଠନ କିମ୍ବା ଲୋକପ୍ରିୟତା ନୁହେଁ ବରଂ ବିଜୁ ଜନତା ଦଳର ବିଭିନ୍ନ ପଦପଦବୀରେ ରହି ପରିଚୟ ଲାଭ କରିଥିବା ନେତାମାନେ ଦାୟୀ। ବିଶେଷ କରି ଦଳରେ ରହି ବିଶ୍ୱାସଘାତକତା କରିଛନ୍ତି କିଛି ଜିଲ୍ଲା ପରିଷଦ ସଭ୍ୟ। ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ସଦ୍ୟ ସମାପ୍ତ ହୋଇଥିବା ସାଧାରଣ ନିର୍ବାଚନରେ ବିଜୟୀ ହୋଇଛନ୍ତି ବିଜେପି ପ୍ରାର୍ଥୀ ଦୁଷ୍ମନ୍ତ କୁମାର ସ୍ୱାଇଁ। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜୁ ଜନତା ଦଳର ପ୍ରାର୍ଥିନୀ ସାବିତ୍ରୀ ପ୍ରଧାନଙ୍କୁ ୭୩୪୩ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ଗଡ଼ କୁହାଯାଉଥିବା ବେଳେ ଏପରି କିପରି ହେଲା ବୋଲି ସବୁଠାରେ ଆଲୋଚନା ଚାଲିଛି। ଦଳର ପ୍ରାଥମିକ ସମୀକ୍ଷାରୁ ଜଣାପଡ଼ିଛି ଯେ ବିଜୁ ଜନତା ଦଳର ଟିକେଟରେ ଜିଲ୍ଲା ପରିଷଦ ଭଳି ସମ୍ମାନଜନକ ପଦବୀରେ ରହିଥିବା କେତେ ଜଣ ସଭ୍ୟ ବିଜେଡି ବିରୋଧରେ କାର୍ଯ୍ୟ କରି ଦଳକୁ ହରାଇଛନ୍ତି। ଯେବେଠାରୁ ବିଜେଡି ନିଜର ପ୍ରାର୍ଥୀ ଘୋଷଣା କରିଛି ସେବେଠାରୁ ସେମାନେ ଦଳର କୌଣସି ସଭା ସମିତି ଶୋଭାଯାତ୍ରାରେ ଭାଗ ନେଲେ ନାହିଁ। ବରଂ ସବୁବେଳେ ବିରୋଧୀଙ୍କ ସହ ବସି ବୈଠକ କରି ଦଳର ଭୋଟ ଭାଙ୍ଗି ଥିଲେ। ଯାହାର ଫଳ ସ୍ୱରୂପ ଦଳ ପରାଜିତ ହୋଇଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ଅନୁଭବଙ୍କୁ ୧୮୧୭ ଭୋଟ୍



ନୟାଗଡ଼, ୫।୬(ସମିସ): ୨୦୨୪ ସାଧାରଣ ନିର୍ବାଚନ ଓଡ଼ିଶା ରାଜନୀତିରେ ବଡ଼ ପରିବର୍ତ୍ତନ ସୃଷ୍ଟି କରିଛି। ନୟାଗଡ଼ ଜିଲ୍ଲାରେ ମଧ ଏହାର ପ୍ରଭାବ ଦେଖାଯାଇଛି। ନୟାଗଡ଼ ଜିଲ୍ଲାର ୪ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୨ଟି ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ବିଜୟୀ ହୋଇଥିବା ବେଳେ ୨ଟି ନିର୍ବାଚନ ମଣ୍ଡଳୀରେ ବିଜେପି ବିଜୟୀ ହୋଇଛି। ଖଣ୍ଡପଡ଼ା ବିଧାନସଭା ଆସନ ବିଜେପି ଖାତାକୁ ଯାଇଛି। ବିଜେପିରୁ ପ୍ରାର୍ଥୀ ଦୁଷ୍ମନ୍ତ କୁମାର ସ୍ୱାଇଁ ବିଜେଡି ପ୍ରାର୍ଥୀ ସାବିତ୍ରୀ ପ୍ରଧାନଙ୍କୁ ପରାଜିତ କରିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳରୁ ଇସ୍ତଫା ଦେଇ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିଲେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ। ଅନୁଭବ ପ୍ରାର୍ଥୀ ଘୋଷଣାକୁ ବିରୋଧ କରି ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ବେଳେ ତାଙ୍କୁ ଖଣ୍ଡପଡ଼ାବାସୀ ପ୍ରତ୍ୟାଖ୍ୟାନ୍ କରିଥିବା ଆଲୋଚନା ହେଉଛି। ୨୦୧୪ ମସିହାରେ ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇ ଅନୁଭବ ବିଧାୟକ ହୋଇଥିଲେ। ୨୦୧୯ ନିର୍ବାଚନ ପରେ ତାଙ୍କୁ ରାଜ୍ୟ ସରକାର ଇଟି ଆଣ୍ଡ ଆଇଟି ଉପଦେଷ୍ଟା ଭାବେ ଦାୟିତ୍ୱ ଦେଇଥିଲେ। ୫ ବର୍ଷ ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ ରହିଥିବା ଅନୁଭବ ଦଳ ବିରୋଧରେ ଯାଇ କଣ ପାଇଲେ ତାକୁ ନେଇ ଆଲୋଚନା ଜୋର ଧରିଛି। ଚଳିତ ସାଧାରଣ ନିର୍ବାଚନରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ଅନୁଭବ ନିର୍ବାଚନ ମଇଦାନକୁ ଓହ୍ଲାଇ ଥିବା ବେଳେ ତାଙ୍କୁ ଷ୍ଟୁଲ ଚିହ୍ନ ମିଳିଥିଲା। ଅନୁଭବ ଏହି ନିର୍ବାଚନରେ ମାତ୍ର ୧୮୧୭ ଖଣ୍ଡ ଭୋଟ ପାଇଥିବା ଜଣାପଡ଼ିଛି। ଏଥିରୁ ଖଣ୍ଡପଡ଼ାବାସୀ ଅନୁଭବଙ୍କୁ କେତେ ଚାହୁଁଥିଲେ, ତାହା ସ୍ପଷ୍ଟ ହୋଇଛି। ଦଳ ବିରୋଧରେ ଯାଇ ଅନୁଭବ ନା ନିଜର ସ୍ୱାର୍ଥ ସାଧନ କରି ପାରିଲେ, ନା ରାଜନୀତିରେ ନିଜର ସ୍ଥିତି ଜାହିର କରି ପାରିଲେ। ତାଙ୍କର ଚକ୍ରାନ୍ତ, ତାଙ୍କ ରାଜନୈତିକ କ୍ୟାରିୟରରେ ଭଟ୍ଟା ସୃଷ୍ଟି କରିପାରେ ବୋଲି ଆଲୋଚନା ହେଉଛି।

## ଜଳିଗଲା ୩ ବଖରା



ଓଡ଼ଗାଁ, ୫।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୋମଣ୍ଡ ଛାମୁ ସାହିରେ ସନ୍ଧ୍ୟା ୮.୩୦ ସମୟରେ ବାଣ ଫୁଟାଇବା ବେଳେ ନିଆଁଲାଗି ୨ ପରିବାରର ୩ ବଖରା ଘର ଜଳିପୋଡ଼ି ପାଉଁଶ ହୋଇଯାଇଛି। କୋଦଣ୍ଡ ଛାମୁଁ ସାହିର ଦମୟନ୍ତୀ ପ୍ରଧାନ ଏବଂ ଈଶ୍ୱର ପ୍ରଧାନଙ୍କ ୩ ବଖରା ଘର ଜଳିଯାଇଛି। ଆଜି ସନ୍ଧ୍ୟାରେ ନିର୍ବାଚନର ବିଜୟ ଉତ୍ସବ ପାଳିବାକୁ ଯାଇ କିଛି ଉନ୍ମତ ଯୁବକମାନେ ଗାଁ ଦାଣ୍ଡରେ ବାଣ ଫୁଟାଇ ଉତ୍ସାହିତ ହେଉଥିଲେ। ବାଣ ଫୁଟାଇବା ବେଳେ ଚାଳରେ ପଡ଼ି ନିଆଁ ଲାଗିଥିଲା। ଗ୍ରାମବାସୀ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ୟମ କରିଥିଲେ ମଧ ଗ୍ରୀଷ୍ମ ତାପରେ ଉତ୍ତପ୍ତ ଚାଳଘର କ୍ଷଣକ ମଧ୍ୟରେ ପୋଡ଼ି ଯାଇଥିଲା। ଖବରପାଇ ଓଡ଼ଗାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇ ଥିଲେ।

## ମହାନଦୀ ଖୋଜୁଛି ମଧୁର ଚିଙ୍ଗୁଡ଼ି

ନୟାଗଡ଼, ୫।୬(ସମିସ): ନୟାଗଡ଼ ଜିଲ୍ଲା ଦେଇ ବହି ଯାଇଥିବା ମହାନଦୀ ଶୁଖିଲା ପଡ଼ିଛି। ଛତିଶଗଡ଼ ବ୍ୟାରେଜ ନିର୍ମାଣ କରିବା ପରଠାରୁ ମହାନଦୀର ଜଳସ୍ତର ଦିନକୁ ଦିନ ହ୍ରାସ ପାଉଥିବା ବେଳେ ଏବେ ଗୀଷ୍ମରତୁ ଆରମ୍ଭରୁ ଏହା ଆହୁରି ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ଫଳରେ ମହାନଦୀ ଉପରେ ନିର୍ଭର କରି ଚଳୁଥିବା ନୟାଗଡ଼ ଜିଲ୍ଲା ବଡ଼ମୂଳଠାରୁ ଆରମ୍ଭ କରି କରବର ଯାଏଁ ଅନେକ ଗ୍ରାମବାସୀ ତଥା କୈବର୍ତ୍ତ ସମ୍ପ୍ରଦାୟ ଜୀବିକା ହରାଇବାକୁ ବସିଲେଣି। ଅନେକ ଏବେ ବାହାର ରାଜ୍ୟକୁ ଯାଇ ଦାଦନ ଖଟିବାକୁ ବାଧ ହେଉଥିବା ଜଣାପଡ଼ିଛି। ଦୀର୍ଘ ୨୦ ବର୍ଷ ତଳକୁ ଲକ୍ଷ୍ୟ କଲେ ମହାନଦୀ ପାର ହେବାକୁ ନୌକା ଉପରେ ନିର୍ଭର କରିବାକୁ ପଡୁଥିଲା। ଫଳରେ ନଦୀର ବିଭିନ୍ନ ସ୍ଥାନରେ ଘାଟ କରାଯାଇ ନୌକା ଧରି ପେଟ ପୋଷୁଥିବା ବେଳେ ଅନେକ ଚାଷବାଷକୁ ଆପଣାଇଥିଲେ। ବିଗତ ଦିନରେ ନୟାଗଡ଼ ଜିଲ୍ଲା ସମେତ ଖୋର୍ଦ୍ଧା ଓ କନ୍ଧମାଳ ଜିଲ୍ଲାକୁ ମହାନଦୀରୁ ମାଛ ପଠାଯାଉଥିଲା। ମହାନଦୀରୁ ଏକ ସ୍ୱତନ୍ତ୍ର ଧରଣର ମଧୁର ଚିଙ୍ଗୁଡ଼ିକୁ ରାଜ୍ୟ ବାହାରକୁ

### ■ ଶୁଖିଲା ପଡ଼ିଛି ନଦୀ

ରପ୍ତାନୀ କରାଯାଉଥିଲା। ଏହି ଚିଙ୍ଗୁଡ଼ି ଦୁଇ କିମ୍ବା ତିନୋଟିରେ ଗୋଟିଏ କେଜି ହୁଏ। ହେଲେ ମହାନଦୀର ମଧୁର ଚିଙ୍ଗୁଡ଼ି ଏବେ ସ୍ୱପ୍ନ ପାଲଟିଛି। ଛତିଶଗଡ଼ ସରକାର ମହାନଦୀରେ ବ୍ୟାରେଜ ନିର୍ମାଣ ପରେ ଧୀରେ ଧୀରେ ମହାନଦୀର ଜଳସ୍ତର ହ୍ରାସ ପାଇଥିବା ବେଳେ ଏବେ ନଦୀର ଅନେକ ସ୍ଥାନରେ ପାଣି ଏତେ ମାତ୍ରରେ କମ ରହିଛି ଯେ, ଯଦି ଜଣେ ଚାହିଁବ ନଦୀରେ ଚାଲି କରବର, ପଦ୍ମାବତୀ ଆଦି ଗ୍ରାମର କୈବର୍ତ୍ତ ସମ୍ପ୍ରଦାୟ ଏବଂ ନୌକା ଚାଳକ ସେମାନଙ୍କ ଜୀବିକା ହରାଇବା ସହ ଦିନ କାଟୁଛନ୍ତି। ଅନ୍ୟପକ୍ଷେ କୈବର୍ତ୍ତଙ୍କ ପାଇଁ ଏବେ ପ୍ରମୁଖ ସମସ୍ୟା ପାଲଟିଛି ଡଙ୍ଗା। ସେତେବେଳର ଡଙ୍ଗା ସବୁ ଭାଙ୍ଗିରୁଜି ଆସୁଥିବା ବେଳେ ବର୍ତ୍ତମାନ ଗୋଟିଏ ଡଙ୍ଗା ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ହେଉଛି। ରୋଜଗାର ନଥିବା ବେଳେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କାହିଁକି ଡଙ୍ଗା ତିଆରି କରିବେ ବୋଲି ଅନେକ ମତ୍ସ୍ୟଜୀବୀ ପ୍ରଶ୍ନ କରିଛନ୍ତି। ଫଳରେ ଅନେକ କୌବର୍ତ୍ତ ପରିବାର ସୁଦୂର ଚିଲିକାରୁ ମାଛ ଏବଂ ଆନ୍ଧ୍ର ମାଛକୁ ନେଇ ସେମାନଙ୍କ ଜୀବିକାକୁ ଧରି ରଖିଥିବା ବେଳେ ଅନେକ ବାହାର ରାଜ୍ୟରେ ଦାଦନ ଖଟିଲେଣି। କଣ୍ଟିଲୋ ଏକ ପର୍ଯ୍ୟଟନସ୍ଥଳୀ ହେଉଥିବାରୁ, ଏଠାକାର କିଛି କୈବର୍ତ୍ତ



ଦ୍ୱାରା ନଦୀ ପାର କରାଯାଉଥିଲା। ଏହା ଫଳରେ ଶହ ଶହ କୈବର୍ତ୍ତ ପରିବାରର ହଜାର ହଜାର ପେଟକୁ ଦାନା ମିଳୁଥିଲା। ନୟାଗଡ଼ ଜିଲ୍ଲା ସିଧାମୂଳାଠାରେ ବ୍ରିଜ ନିର୍ମାଣ ଗମନାଗମନ ସୁବିଧା ହୋଇଥିଲେ ମଧ ଅଧାରୁ ଅଧିକ କୈବର୍ତ୍ତ ପରିବାର ଜୀବିକା ହରାଇଥିଲେ। ଅନେକ ମହାନଦୀରେ ମାଛ କରି ପାର ହେଇ ପାରିବ। ଯାହା ଫଳରେ ନଦୀରେ ମାଛ ସଂଖ୍ୟା ବହୁ ମାତ୍ରାରେ କମି ଯାଇଛି। ଫଳରେ ଗଣିଆ ବ୍ଲକର ମହାନଦୀ ଅବବାହିକାରେ ଅବସ୍ଥିତ ଗ୍ରାମ ରାଉତପଡ଼ା, ଛାମୁଣ୍ଡିଆ, ବଡ଼ସିଲିଙ୍ଗା, ବଡ଼ମୂଳ, ଖଣ୍ଡପଡ଼ା ବ୍ଲକର ସିଧାମୂଳା, ବଡ଼ବାଣପୁର, କଣ୍ଟିଲୋ ଏବଂ ଭାପୁର ଲୋକ କଣ୍ଟିଲୋ ନିକଟରେ ଡଙ୍ଗା ଏବଂ ବୋଟ ଦ୍ୱାରା ସେମାନଙ୍କ ପରିବାର ପୋଷୁଥିବା ବେଳେ ଜିଲ୍ଲାର ଅନ୍ୟ କୌଣସି ସ୍ଥାନରେ ଏହା ଆଉ ଦେଖାଯାଉ ନାହିଁ। ଫଳରେ ମହାନଦୀକୁ ନବଞ୍ଚାଇଲେ ଆଗାମୀ ଦିନରେ ଭୟାଭୟ ପରିସ୍ଥିତି ସୃଷ୍ଟି ହେବ ବୋଲି ମତ ପ୍ରକାଶ ପାଉଛି।

## ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍‌ରେ ନୟାଗଡ଼




ଭାପୁର, ୫।୬(ସମିସ): ୩୭ତମ ସିନିୟର ରାଜ୍ୟସ୍ତରୀୟ ବାଳକ ଓ ବାଳିକା ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ନୟାଗଡ଼ ଜିଲ୍ଲା ଭାଗନେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ଦଳ ୬ ତାରିଖ ଗୁରୁବାର ନୟାଗଡ଼ ଛାଡ଼ିବେ। ରାଜ୍ୟ ହ୍ୟାଣ୍ଡବଲ ଆସୋସିଏସନ ତରଫରୁ ଆୟୋଜିତ ହେବାକୁ ଥିବାବେଳେ କେନ୍ଦୁଝର ହ୍ୟାଣ୍ଡବଲ ଆସୋସିଏସନ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ୭ ତାରିଖରୁ ଆରମ୍ଭ ହୋଇ ୯ ତାରିଖରେ ସମାପ୍ତ ହେବ। ଏଥିପାଇଁ ନୟାଗଡ଼ ଜିଲ୍ଲାରୁ ଅଧିନାୟକ କାହ୍ନୁଚରଣ ମହାରଣାଙ୍କ ନେତୃତ୍ୱରେ ଏକ ୧୬ ଜଣିଆ ଟିମ ସହ କୋଚ୍ ଭାବେ ଆସୋସିଏସନର ସମ୍ପାଦକ ବିଷ୍ଣୁ ପ୍ରସାଦ ପଟ୍ଟନାୟକ, ଟିମ୍ ମ୍ୟାନେଜର ଭାବେ ବିଶ୍ୱଭୂଷଣ ପଟ୍ଟନାୟକ ଯାତ୍ରା କରିବେ।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

ନୟାଗଡ଼, ୫।୬(ସମିସ): ନୟାଗଡ଼ ଜିଲ୍ଲା ଟାଉନଥାନା ଅନ୍ତର୍ଗତ ଘଡୁଆଳ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ମଙ୍ଗୁଳି ଭଟ୍ଟ। ଗତକାଲି ବର୍ଷା ପବନ ପାଇଁ ବିଦ୍ୟୁତ୍ ତାର ଛିଣ୍ଡି ତଳ ପଡ଼ିଥିଲା। ଆଜି ସକାଳୁ ସେ ଗାଁ ପୋଖରୀକୁ ଶୌଚ ପାଇଁ ଯିବା ସମୟରେ ବିଦ୍ୟୁତ୍ ତାର କୁଦି ଦେଇଥିଲେ। ତାଙ୍କୁ ଅଚେତ ଅବସ୍ଥାରେ ନୟାଗଡ଼ ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଉନଥାନା ପୁଲିସ ଶବ ବ୍ୟବଚ୍ଛେଦ କରାଇଥିବା ବେଳେ ଘଟଣାର ତଦନ୍ତ ଜାରି ରଖିଛି।

## ବିଶ୍ୱ ପରିବେଶ ଦିବସ ପାଳିତ

ଭାପୁର, ୫।୬(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠରେ ତାଲୁକ ସେବା ପ୍ରାଧିକରଣ ତରଫରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଭାପୁର ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ଭାପୁର ପ୍ରଥମ ଶ୍ରେଣୀ ବିଚାରପତି ବନୀଲ କୁମାର ଖଟାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସ, ସରକାରୀ ଓକିଲ କେଦାର ନାଥ ସାହୁ, କୈଳାସ ଚନ୍ଦ୍ର ସାହୁ, ବରିଷ୍ଠ ଓକିଲ ପ୍ରଶାନ୍ତ କୁମାର ବାରିକ, ସନାତନ ଷଡଙ୍ଗୀ, କୂଳମଣୀ ବେହେରା, ଭାପୁର ବନପାଳ ବନମାଳୀ ରାଉତ ଓ ସୁବାସ ଚନ୍ଦ୍ର ନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ବୃକ୍ଷରୋପଣ ଓ ପରିବେଶର ସୁରକ୍ଷା ନେଇ ସଚେତନ କରାଯାଇଥିଲା। ବିଚାରପତି ବିଦ୍ୟାଳୟ ପରିସରରେ ଅଁଳା, ବାହାଡା ଓ ଜାମୁ ଗଛ ଲଗାଇଥିଲେ। ତାଲୁକ ଆଇନସେବା ପ୍ରାଧିକରଣର କର୍ମଚାରୀ ସୁଶାନ୍ତ କୁମାର ଜେନା ଏହି କର୍ମଶାଳାକୁ ପରିଚାଳନା କରିଥିଲେ।

**ଖଣ୍ଡପଡ଼ା**: ସମଗ୍ର ବିଶ୍ୱରେ ଜୁନ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି। ଏହା ପ୍ରତ୍ୟେକଙ୍କ ଗୁରୁତ୍ୱପୂର୍ଣ୍ଣ ଦିନ। ମନୁଷ୍ୟ ସୁସ୍ଥ ଭାବେ ବଞ୍ଚି ରହିବା ପାଇଁ ଏକ ଉତ୍ତମ ପରିବେଶ ଆବଶ୍ୟକ। ବର୍ତ୍ତମାନ ଆମର ଏ ସୁନ୍ଦର ପରିବେଶ ଦୂଷିତ ହେବାରେ ଲାଗିଛି। ବିଲୁପ୍ତ ପ୍ରାୟ ଗଛଲତାର ସୁରକ୍ଷା, ବନ୍ୟ ପଶୁପକ୍ଷୀଙ୍କର ଖାଦ୍ୟ ଉପଯୋଗୀ ଗଛଲତା ସୁରକ୍ଷା, ଚାରାରୋପଣ, ଚାରା ବଣ୍ଟନ, ଜଙ୍ଗଲ ପୋଡ଼ି ରୋକିବା ନିମନ୍ତେ ଲୋକମାନଙ୍କ ସହଯୋଗ ଏବଂ ସଚେତନତା କାର୍ଯ୍ୟକ୍ରମ ଜରୁରୀ ଅଟେ ବୋଲି ଜଣାପଡ଼ିଛି। ଏନେଇ ଆଜି ଅପରାହ୍ନରେ ଖଣ୍ଡପଡ଼ା ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଏନଏସି ଅଧୀନ ଟାଉନ ମଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳନ କରାଯିବା ସହ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଦେୱାନୀ ଜଜ୍ ବିଭୂତି ଭୂଷଣ ନାୟକ, ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ଶିକ୍ଷାବିତ ଆର୍ତ୍ତବନ୍ଧୁ ମିଶ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇ ବିଶ୍ୱକୁ କିପରି ସୁସ୍ଥ ରଖାଯିବ ସେ ନେଇ ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ ଏବଂ ସହରାଞ୍ଚଳବାସୀଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବନରକ୍ଷୀ ସନାତନ ସ୍ୱାଇଁ, କୈଳାସ ଚନ୍ଦ୍ର ପ୍ରଧାନ, ଅଶୋକ କୁମାର ଗୁରୁ, ଲିଲି ବାରିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରାଇଥିଲେ।




## ଦୁଇ ଭାଇଙ୍କ ମଧ୍ୟରେ ମାର୍‌ପିଟ୍; ଜଣେ ଗିରଫ

ନୟାଗଡ଼, ୫।୬(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ଅରାସାହି ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଦୁଇ ଭାଇ ମଧ୍ୟରେ ମାଡ଼ପିଟି ଘଟିଛି। ଉକ୍ତ ଗ୍ରାମର ସୁଦାମ ବେହେରାଙ୍କୁ ତାଙ୍କ ଭାଇ ମେଳିଆ ବେହେରା ମାଡ଼ ମାରିଛନ୍ତି। ଏହି ଘଟଣାକୁ ନେଇ ସୁଦାମଙ୍କ ପତ୍ନୀ ଇଟାମାଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମେଳିଆକୁ ଗିରଫ କରିଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଇଟାମାଟି ଥାନା ଅଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

## ଭଗ୍ନ ଅବସ୍ଥାରେ ଦୁଇଶହ ବର୍ଷର ମହିମାମେରୁ ମଠ

ଖଣ୍ଡପଡ଼ା, ୫।୬(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକରେ ରହିଛି ଅନେକ ପୁରୁଣା ମଠ ମନ୍ଦିର। ବର୍ଷେ କି ଦୁଇ ବର୍ଷ ନୁହେଁ ଶତାଧିକ ବର୍ଷ ଧରି ଲୋକଙ୍କ ଭକ୍ତି ଭାବନାକୁ ବାନ୍ଧି ରଖିଛି ଅନେକ ଧାର୍ମିକ ପୀଠ। ପ୍ରତ୍ୟକ୍ଷରେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଥିଲେ ସ୍ଥାନୀୟ ଖଣ୍ଡପଡ଼ା ରାଜା। ମାତ୍ର ଦେଶ ସ୍ୱାଧୀନ ହେବା ପରେ ଶାସନର ବ୍ୟବସ୍ଥା ଭିତରେ କିଛି ମଠ ମନ୍ଦିର ଏବଂ ଠାକୁରଙ୍କ ଖଞ୍ଜା ଓ ସମ୍ପତ୍ତି ପ୍ରଶାସନିକ ଅଧୀନକୁ ଚାଲି ଯାଇଥିବା ବେଳେ ଆଉ କିଛି ସ୍ଥାନୀୟ ରାଜପରିବାର ଅଧୀନରେ ରହିଯାଇଛି।

ସୂଚନା ଅନୁଯାୟୀ, ଦୀର୍ଘ ବର୍ଷ ଧରି ଦେବୋତ୍ତର ଅଧୀନରେ ଥିବା ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ସମ୍ମୁଖରେ ଥିବା ମହିମାମେରୁ ମଠଟି ଦୀର୍ଘବର୍ଷ ଧରି ଭଗ୍ନ ଅବସ୍ଥାରେ ପଡ଼ିରହିଛି। ଏହି ମଠରେ ମହିମାମେରୁ ଭାବେ ଭକ୍ତଙ୍କ ହୃଦୟରେ ପୂଜା ପାଉଥିବା ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଦର୍ଶନ କଲେ ଭିନ୍ନ ଏକ ଅନୁଭବ ହୋଇଥାଏ। ପାରମ୍ପରିକ ରୀତିନୀତି ଅନୁଯାୟୀ ବିଗ୍ରହଙ୍କ ପୂଜାର୍ଚ୍ଚନା କରାଯାଉଥିଲେ ମଧ ଭକ୍ତ ଏବଂ ଏ ଅଞ୍ଚଳର ବୁଦ୍ଧିଜୀବୀମାନେ ମହିମାମେରୁ ମଠ ଦୁର୍ବଳ ଅବସ୍ଥାକୁ ନେଇ ଚିନ୍ତିତ ହେବା ସହ ଦାୟିତ୍ୱରେ ଥିବା ପ୍ରଶାସନର ଅବହେଳା ଉପରେ ପ୍ରଶ୍ନ ଉଠାଇଛନ୍ତି। କେବଳ ସେତିକି ନୁହେଁ ବିଗ୍ରହଙ୍କ ସୁରକ୍ଷା ପ୍ରତି କାହାର ଦୃଷ୍ଟି ପଡୁନଥିବା ଏକ ଚିନ୍ତାଜନକ ବିଷୟ ପାଲଟିଛି। ଖଣ୍ଡପଡ଼ା ସହରାଞ୍ଚଳର ମୁଖ୍ୟ ରାସ୍ତା ତଥା ପୁରୁଣା ବସଷ୍ଟାଣ୍ଡ ନିକଟରେ ଏହି ମଠଟି ରହିଥିବାରୁ ଠାକୁରଙ୍କୁ ଯିଏ ଦର୍ଶନ କରିବାକୁ ଯାଉଛି ସିଏ ଭଗ୍ନ ମଠକୁ ନେଇ ବିଭିନ୍ନ ସମାଲୋଚନା କରୁଛନ୍ତି। ମୁଖ୍ୟତଃ ରୋଷ ଘର,



ଷ୍ଟୋର ରୁମ, ମୁଖଶାଳା ଏବଂ ସୁରକ୍ଷା ପ୍ରାଚୀର ଦୀର୍ଘବର୍ଷ ତଳୁ ମାଟିରେ ମିଶି ଥିବା ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ ବିଦ୍ୟୁତ ନଥିବା ଯୋଗୁଁ ରାତ୍ରରେ ମଠ ପରିସରରେ ସାପ ଚଳପ୍ରଚଳ କରୁଥିବାରୁ ଜୀବନପ୍ରତି ବିପଦ ଥିବା ଅଭିଯୋଗ କରିଛନ୍ତି ବର୍ଷିୟାନ ପୂଜାରୀ ଲକ୍ଷ୍ମଣ ମହାପାତ୍ର। ଏତତ୍ ବ୍ୟତୀତ ଠାକୁରଙ୍କ ପୂଜାର୍ଚ୍ଚନା ନିମନ୍ତେ ପାନୀୟ ଜଳ ବ୍ୟବସ୍ଥା ନଥିବା ଆଉ ଏକ ମୁଖ୍ୟ ସମସ୍ୟା ଜଣାପଡ଼ିଛି। ଚତୁର୍ପାର୍ଶ୍ୱ ପ୍ରାଚୀର ନଥିବାରୁ ଲୋକମାନେ ଭିତରେ ମଦ୍ୟପାନ କରୁଥିବା ସ୍ଥାନୀୟ ପୂଜାରୀ ଅଭିଯୋଗ କରିଛନ୍ତି। ନୂତନ ମନ୍ଦିର କିମ୍ବା ମଠର ପୁନରୁଦ୍ଧାର ପାଇଁ ଦେବୋତ୍ତର ବିଭାଗ ଜିଲ୍ଲା ପ୍ରଶାସନକୁ ଅବଗତ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତଥ୍ୟ ଅନୁଯାୟୀ ବର୍ତ୍ତମାନ ଦେବୋତ୍ତର ବିଭାଗରେ

### କେବେ ପଡ଼ିବ ପ୍ରଶାସନର ନଜର

୧୪ଟି ମନ୍ଦିର ରହିଥିବା ବେଳେ ପ୍ରାୟ ଦୁଇ ହଜାର ଏକର ଜମି ଖଜଣା ଦିଆଯାଇଥିବା ସୂଚନା ମିଳିଛି। ତନ୍ମଧ୍ୟରୁ ମହିମାମେରୁଙ୍କ ପ୍ରାୟ ୮୦ ଏକରରୁ ଊର୍ଦ୍ଧ୍ୱ ଜମି ମଧ ଖଞ୍ଜା ଦିଆଯାଇଛି। ଜମି ଦଖଲରେ ଥିବା ଲୋକଙ୍କଠାରୁ ଯେଉଁ ଖଜଣା ଆଦାୟ ହେଉଛି ସେସବୁ କେଉଁ ବାବଦରେ ଖର୍ଚ୍ଚ ହେଉଛି ଏନେଇ ସାଧାରଣ ଲୋକଙ୍କ ମନ ଭିତରେ ପ୍ରଶ୍ନ ଉଙ୍କି ମାରିଛି। ନିୟମ ଅନୁଯାୟୀ ଠାକୁରଙ୍କ ସମ୍ପତ୍ତିରୁ ଯେଉଁ ଖଜଣା ଆଦାୟ ହେବ ସେଥିରେ ମନ୍ଦିରର ରକ୍ଷଣାବେକ୍ଷଣ ସହ ବର୍ଷ ଯାକର ଯାନିଯାତ୍ରା ହେବା କଥା। ମାତ୍ର ବର୍ଷ ବର୍ଷ ଧରି ଦାୟିତ୍ୱରେ ଥିବା ସ୍ଥାନୀୟ ପ୍ରଶାସନ ଯାନିଯାତ୍ରାକୁ ଛାଡିଦେଲେ ମନ୍ଦରର ସ୍ଥାୟିତ୍ୱ ପ୍ରତି ଆଖି ବୁଜି ଦେଇଥିବା ସାଧାରଣରେ ଅଭିଯୋଗ ହୋଇଛି। ଦୁଇଶହ ବର୍ଷରୁ ଊର୍ଦ୍ଧ୍ୱ ମହିମାମେରୁଙ୍କ ମଠଟି ପୁନରୁଦ୍ଧାର ପାଇଁ ତହସିଲ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟିଗୋଚର କରିବା ପାଇଁ ସାଧାରଣରେ ଦାବି ହେଉଛି।

## ହାଇୱା ମଡ଼ାଇ ହତ୍ୟା ଉଦ୍ୟମ

ଭାପୁର, ୫।୬(ସମିସ): ସାଧାରଣ ନିର୍ବାଚନ ପରବର୍ତ୍ତୀ ଗଣ୍ଡଗୋଳ ଓ ପ୍ରତିହିଂସା ପରାୟଣ ଭାପୁର ବ୍ଲକରେ ଦେଖିବାକୁ ମିଳିଛି। ଜଣେ ହାଇୱା ଗାଡ଼ିଚାଳକ କିଛି ବ୍ୟକ୍ତିଙ୍କୁ ଗାଡି ମଡାଇ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏପରି ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବିଜିପୁର ଗ୍ରାମରେ। ବିଜିପୁର ଗ୍ରାମର ରବିନାରାୟଣ ମହାପାତ୍ର ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଯେ ସେ ବୁଧବାର ସକାଳ ୯ଟା ସମୟରେ ବିଜିପୁର ବଜାରରେ ତାଙ୍କର ଲୁନାଟି ରଖି ପନିପରିବା ଓ ଗ୍ରୋସରୀ ସଉଦା କିଣିବା ପାଇଁ ଠିଆ ହୋଇଥିଲେ। ଏହି ସମୟରେ ତାଙ୍କ ଗ୍ରାମର ଜଣେ ହାଇୱା ଡ୍ରାଇଭର ତାଙ୍କ ନିକଟରେ ହାଇୱା ଅଟକାଇ ତାଙ୍କ ଆଡକୁ ଦ୍ରୁତଗତିରେ ପଛୁଆ ଗାଡି ଆଣିଥିଲା। ସେ ଜୀବନ ବିକଳରେ ଗାଡି ଛାଡି ପଳାଇବାକୁ ସକ୍ଷମ ହୋଇଥିଲା ବେଳେ ତାଙ୍କ ଲୁନା ଉପରେ ଗାଡି ମାଡି ଯାଇଥିଲା। ସେହିପରି ଅନ୍ୟ କେତେ ଜଣଙ୍କୁ ଗାଡି ମଡାଇବାକୁ ମଧ ଗାଡିଚାଳକ ଚେଷ୍ଟା କରିଥିଲା। ଏ ନେଇ ସେ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଭାପୁର ଫାଣ୍ଡି ଅଧିକାରୀ ସଞ୍ଜୟ କୁମାର ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

## ନାବାଳିକା ନିଖୋଜ ନେଇ ଥାନାରେ ଅଭିଯୋଗ

ଓଡ଼ଗାଁ, ୫।୬(ସମିସ): ଓଡ଼ଗାଁ ଆଦର୍ଶ ଥାନା ଗୋଡ଼ିପାଟଣା ଗ୍ରାମର ଜଣେ ନାବାଳିକା ଚାରିଦିନ ହେବ କେଉଁଆଡ଼େ ନିଖୋଜ ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗୋଡ଼ିପାଟଣା ଗ୍ରାମର ନାବାଳିକା ଝିଅ ଗତ ୧ ତାରିଖ ଦିନ ସନ୍ଧ୍ୟାରେ ଘରୁ କୁଆଡ଼େ ନିଖୋଜ ହୋଇଯାଇଛନ୍ତି। ଝିଅକୁ ପରିବାର ଲୋକେ ବନ୍ଧୁବାନ୍ଧବ, ସମ୍ପର୍କୀୟ ସବୁଆଡେ ଖୋଜାଖୋଜି କରିଥିଲେ ମଧ କୌଣସି ସନ୍ଧାନ ନପାଇବାରୁ ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଯଦି କେହି ସନ୍ଧାନ ପାଆନ୍ତି ତେବେ ଓଡ଼ଗାଁ ଥାନାକୁ ସୂଚନା ଦେବାକୁ କୁହାଯାଇଛି।



# 'କିଙ୍ଗ୍'ର ସୁଟିଂ ଆରମ୍ଭ କଲେ ଶାହାରୁଖ୍

## ସ୍ପେନ୍ ଫିଲ୍ମ ସେଟ୍‌ରୁ ଫଟୋ ଲିକ୍



ବଲିଉଡ୍ ବାଦଶାହ ଶାହାରୁଖ୍ ଖାନ୍‌ଙ୍କର ଆଗାମୀ ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ଅନେକ ଦିନରୁ ଅପେକ୍ଷା କରି ରହିଛନ୍ତି। ତେବେ ଶାହାରୁଖ୍‌ଙ୍କ ଆଗାମୀ ଫିଲ୍ମ 'କିଙ୍ଗ୍' ହେବ। ଏଥିରେ ସେ ତାଙ୍କ ଝିଅ ସୁହାନା ସହ ପ୍ରଥମ ଥର ପାଇଁ ବଡ଼ ପରଦାରେ ଏକାଠି କାମ କରିବାକୁ ଯାଉଛନ୍ତି। ଶାହାରୁଖ୍ ଏହାର ସୁଟିଂ ଆରମ୍ଭ କରିଛନ୍ତି। ଇତିମଧ୍ୟରେ ସୁଟିଂ ସେଟ୍‌ର କିଛି ଫଟୋ ଭାଇରାଲ ହୋଇଛି। ଶାହାରୁଖ୍ ଏବେ ଏହାର ସୁଟିଂ ପାଇଁ ସ୍ପେନ୍‌ରେ ଅଛନ୍ତି। ଭାଇରାଲ୍ ହୋଇଥିବା ଫଟୋଟିରେ କିଙ୍ଗ୍ ଖାନ୍ ନୀଳ ରଙ୍ଗର ଏକ ସୁଟ୍ ପିନ୍ଧିଥିବାର ଦେଖାଯାଇଛନ୍ତି। ଶାହାରୁଖ୍‌ଙ୍କ ସହ ଆଉ କିଛି ଲୋକ ମଧ୍ୟ ବସିଛନ୍ତି। କିନ୍ତୁ ଏହି ଫଟୋରେ ସୁହାନା ଦେଖାଯାଉ ନାହାନ୍ତି। ସୁହାନା ଜୋୟା ଅଖତାର୍‌ଙ୍କ ଫିଲ୍ମ ' ଦ ଆର୍ଚିସ୍'ରୁ ବଲିଉଡ୍‌ରେ ଡେବ୍ୟୁ କରିଛନ୍ତି। ସେହିଭଳି ଶାହାରୁଖ୍‌ଙ୍କ ପୁଅ ଆର୍ୟନ୍ ଖାନ୍ ମଧ୍ୟ 'ଷ୍ଟାରଡମ୍' ଫିଲ୍ମରେ ନିର୍ଦ୍ଦେଶନା ଦେଇଛନ୍ତି।

## ଆଜିର ଇତିହାସ

- ୧୬୭୪- ଛତ୍ରପତି ଶିବାଜୀ ମହାରାଜାଙ୍କ ରାଜ୍ୟାଭିଷେକ ସଂପନ୍ନ।
- ୧୭୫୨-ମସ୍କୋରେ ଅଗ୍ନିକାଣ୍ଡ କାରଣରୁ ୧୮,୦୦୦ ଲୋକଙ୍କର ମୃତ୍ୟୁ।
- ୧୮୦୮-ନେପୋଲିଅନ୍‌ଙ୍କ ଭାଇ ଜୋସେଫ୍ ସ୍ପେନ୍‌ରେ ରାଜା ହେଲେ।
- ୧୯୬୭- ଇସ୍ରାଏଲ୍ ସେନା ଗାଜା ଉପରେ ଆକ୍ରମଣ କଲା।
- ୨୦୦୪- ପୂର୍ବତନ ଆମେରିକା ରାଷ୍ଟ୍ରପତି ରୋନାଲ୍ଡ ରେଗାନ୍‌ଙ୍କ ଦେହାନ୍ତ।
- ୨୦୦୫- ଇରାନ୍ ଗ୍ୟାସ୍ ପାଇପ୍ ଲାଇନ୍ ଯୋଜନା ଉପରେ ଭାରତ- ପାକିସ୍ତାନର ସହମତି।

## ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପର୍ବ

# ସାବିତ୍ରୀ ଅମାବାସ୍ୟା



ସାବିତ୍ରୀ ବ୍ରତ ଓଡ଼ିଶାରେ ସଧବା ନାରୀମାନଙ୍କ ପାଳିତ ଏକ ଓଷା। ସାବିତ୍ରୀ ସ୍ୱାଧୀ ନାରୀଙ୍କର ଆଦର୍ଶ; ତେଣୁ ସ୍ୱାମୀଙ୍କର ଦୀର୍ଘ ଆୟୁଷ କାମନା କରି ଜ୍ୟେଷ୍ଠ ଅମାବାସ୍ୟାରେ ନିଷ୍ଠାର ସହ ଏହି ବ୍ରତ ପାଳନ କରିଥାନ୍ତି ପ୍ରତ୍ୟେକ ମହିଳା। ଏହି ଦିନ ସଧବା ନାରୀମାନେ ପ୍ରତ୍ୟୁଷରୁ ସ୍ନାନ କରି ନୂଆ ବସ୍ତ୍ର ପରିଧାନ କରିବା ସହ ନୂଆ ଶଙ୍ଖା, ଚୁଡ଼ି ପିନ୍ଧିଥାନ୍ତି। ଏହାପରେ ଫଳମୂଳ ସହ ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର, ବ୍ରତ,ଧୂପକାଠି, କାଠପାନିଆ, କଳାମାଳି, ଆଇନା ଆଦିକୁ ଥାଳିରେ ସଜାଇ ପୂଜା ପାଇଁ ପ୍ରସ୍ତୁତି କରିଥାନ୍ତି। ଆମ ଓଡ଼ିଶାରେ ସାବିତ୍ରୀ ଓଷାକୁ ବିଭିନ୍ନ ଢଙ୍ଗରେ ପାଳନ କରାଯାଏ। କେତେକ ସ୍ଥାନରେ ସ୍ତ୍ରୀଲୋକମାନେ ଏକତ୍ର ହୋଇ ତୁଳସୀ ଚଉଁରା ମୂଳେ ପୂଜା କରିଥାନ୍ତି। ଆଉ କେତେକ ସ୍ଥାନରେ ମହିଳାମାନେ ମନ୍ଦିରକୁ ଯାଇ ପୂଜା କରାଇଥାନ୍ତି। ଘରେ ଶିଳପୁଆରେ ମଧ୍ୟ କେହି କେହି ସାବିତ୍ରୀ ବ୍ରତ ପୂଜା କରିଥାନ୍ତି। ଶିଳପୁଆକୁ ପଞ୍ଚାମୃତ ଜଳରେ ସ୍ନାନ କରାଇ, ନୂତନ ବସ୍ତ୍ର ଅଳଙ୍କାରରେ ସଜାଇ ଦେବୀ ସାବିତ୍ରୀ ରୂପେ ସ୍ଥାପନ କରି ପୂଜାର୍ଚ୍ଚନା କରିଥାନ୍ତି। ପୂଜା ହୋଇଥିବା ଶାଢ଼ି, ସିନ୍ଦୂର, ଶଙ୍ଖା ଓ ବ୍ରତକୁ ପିନ୍ଧି ସ୍ୱାମୀଙ୍କୁ ଫୁଲ, ଚନ୍ଦନ ଦେଇ ପୂଜା କରନ୍ତି ଏବଂ ଶେଷରେ ସ୍ୱାମୀଙ୍କ ଚରଣ ଛୁଇଁ ପ୍ରଣାମ କରିଥାନ୍ତି। ସ୍ୱାମୀଙ୍କ ଦୀର୍ଘାୟୁ ଜୀବନର କାମନା କରିବା ସହ ପରିବାରର ମଙ୍ଗଳ ପାଇଁ ପ୍ରାର୍ଥନା କରିଥାନ୍ତି। ଏହି ପର୍ବରେ ବିଶେଷ କରି ବିଭିନ୍ନ ପ୍ରକାର ଫଳମୂଳ, ଯେପରି ପାଚିଲା ଆମ୍ବ, ପାଚିଲା ପଣସ, ସପୁରି, ତାଳସଜ, ନଡ଼ିଆ, କଦଳୀ, ଲିଚୁ, ଜାମୁକୋଳି ଆଦି ଭୋଗ କରାଯାଇଥାଏ। ତେବେ ପୂଜା ଶେଷ ହେବାପରେ ମହିଳାମାନେ ଭୋଗକୁ ଖାଇ ନିର୍ଜଳା ଉପବାସ ଭାଙ୍ଗିଥାନ୍ତି। ଦିନସାରା କେବଳ ଫଳାହାର ସହ ପଣା ପିଇ ରହିଥାନ୍ତି। ସମ୍ପୂର୍ଣ୍ଣ ସାତ୍ତ୍ୱିକ ଭାବେ ଦିନଟିକୁ କଟାଇଥାନ୍ତି ଏବଂ ରାତ୍ରିରେ ନଖାଇବାର ପରମ୍ପରା ରହିଛି। ଯେଉଁ ନାରୀ ଏହି ବ୍ରତ କରେ, ସେ ଆଜୀବନ ସଧବା ଏବଂ ପୁତ୍ରବତୀ ହୋଇ ମୃତ୍ୟୁ ପରେ ବୈକୁଣ୍ଠପ୍ରାପ୍ତି କରେ ବୋଲି ବିଶ୍ୱାସ ରହିଛି। କିମ୍ବଦନ୍ତୀ ଅନୁଯାୟୀ,ମଦ୍ରଦେଶର କନ୍ୟା ସାବିତ୍ରୀ ଅପରୂପ ସୌନ୍ଦର୍ଯ୍ୟର ଅଧିକାରିଣୀ ଥିଲେ। ସାବିତ୍ରୀଙ୍କ ବିବାହ ଶାଲ୍ୱଦେଶର ରାଜା ଦ୍ୟୁମତସେନଙ୍କର ପୁତ୍ର ସତ୍ୟବାନଙ୍କ ସହ ହୋଇଥିଲା। ସତ୍ୟବାନ ଅଳ୍ପାୟୁ ହୋଇଥିବା ଜାଣି ମଧ୍ୟ ତାଙ୍କୁ ବିବାହ କରିଥିଲେ। ସାବିତ୍ରୀ ପ୍ରତିଦିନ ସେହି କାଳଦିନକୁ ଗଣନା କରୁଥାନ୍ତି। ସତ୍ୟବାନଙ୍କ ମୃତ୍ୟୁକୁ ଚାରିଦିନ ବାକି ଥାଏ, ସାବିତ୍ରୀ ଅନ୍ନତ୍ୟାଗ କରି ଲକ୍ଷ୍ମୀ ନାରାୟଣଙ୍କ ଶରଣ ପଶିଲେ। ଜ୍ୟେଷ୍ଠ ଅମାବାସ୍ୟା ଦିନ ସେହି ଶେଷ କାଳ ଦିନ ପହଞ୍ଚିଲା। ସତ୍ୟବାନ ଫଳମୂଳ ଓ କାଠ ସଂଗ୍ରହ ପାଇ ଜଙ୍ଗଲକୁ ଯାଇଥିବାବେଳେ ସାବିତ୍ରୀ ତାଙ୍କ ସାଙ୍ଗରେ ଯାଇଥିଲେ। ସେଠାରେ ସତ୍ୟବାନ ନିଜକୁ ଅସ୍ୱସ୍ତି ବୋଧ କରିବାରୁ ସାବିତ୍ରୀଙ୍କ କୋଳରେ ମୁଣ୍ଡ ଦେଇ ଶୋଇ ପଡ଼ିଲେ ଏବଂ ସେହି ନିଦ୍ରା ସତ୍ୟବାନଙ୍କର ଶେଷନିଦ୍ରା ଥିଲା। ମାତ୍ର ସାବିତ୍ରୀ ସତ୍ୟବାନଙ୍କୁ କୋଳରେ ଧରି ସେମିତି ବଣରେ ବସି ରହିଥିଲେ। ଯମଦୂତମାନେ ସତ୍ୟବାନଙ୍କ ଜୀବ ନେବା ପାଇଁ ଆସି ସାବିତ୍ରୀଙ୍କ ନିକଟରୁ ନିରାଶ ହୋଇ ଯାଇଥିଲେ। ଶେଷରେ ନିଜେ ଯମ ଆସି ସେଠାରୁ ସତ୍ୟବାନଙ୍କ ଜୀବ ଧରି ବାହାରିଲେ। ସାବିତ୍ରୀ ମଧ୍ୟ ଯମଙ୍କୁ ଅନୁଗମନ କଲେ। ଯମରାଜ ସାବିତ୍ରୀଙ୍କ ପତିଭକ୍ତି ଏବଂ ସ୍ତୁତିପାଠରୁ ତଜଷ୍ଟ ହୋଇ ସତ୍ୟବାନଙ୍କ ବଦଳରେ ୩ଟି ବର ଦେବାକୁ ସର୍ତ୍ତ ରଖିଲେ। ଏହି କ୍ରମରେ ପ୍ରଥମ ବରରେ ଶ୍ୱଶୁରଙ୍କ ନଷ୍ଟ ଚକ୍ଷୁ ଓ ହୃତ ରାଜ୍ୟ ପୁନଃ ପ୍ରାପ୍ତି। ଦ୍ୱିତୀୟରେ ନିଜ ପିତାଙ୍କ ପାଇଁ ଏକ ପୁତ୍ର ସନ୍ତାନ ଏବଂ ତୃତୀୟରେ ନିଜ ଗର୍ଭରୁ ଶତପୁତ୍ର କାମନା କଲେ। ସେହି ସମୟରେ ଯମ 'ତଥାସ୍ତୁ' କହି ଫେରି ଯିବା ବେଳେ , ସାବିତ୍ରୀ ସ୍ୱାମୀଙ୍କ ବିନା କିଭଳି ଶତପୁତ୍ର ସମ୍ଭବ ବୋଲି ପଚାରିଥିଲେ। ତା'ପରେ ଯମ ଉପାୟ ଶୂନ୍ୟ ହୋଇ ପୁନର୍ବାର ସତ୍ୟବାନଙ୍କୁ ଜୀବିତ କରାଇ ଆୟୁଦାନ କରାଇଥିଲେ। ଓଡ଼ିଆ ଘରେ ସାବିତ୍ରୀ ପାଇଁ ବିବାହିତ ନାରୀମାନଙ୍କ ବାପଘରୁ ଭାର ଆସିବାର ପରମ୍ପରା ରହିଛି। ତେଣୁ ସାବିତ୍ରୀ ବ୍ରତ ପୂର୍ବରୁ ଏହି ଭାରରେ ଆସିଥାଏ ନୂତନ ଶାଢ଼ିଠାରୁ ଆରମ୍ଭ କରି ଶଙ୍ଖା, ସିନ୍ଦୂର ଓ ଫଳମୂଳ। ଆଉ ଏହାକୁ ନେଇ ନାରୀଟିଏ ପୂଜା କରିଥାଏ।

# ସବୁଠୁ ଓଜନିଆ ବାଇକ୍

## ନିର୍ମାଣ ହେବାକୁ ଲାଗିଥିଲା ୨୦୮ ଦିନ



ଯୁବପିଢ଼ି ଟ୍ରେଣ୍ଡରେ ରହିଥିବା ଷ୍ଟାଇଲିଶ୍ ବାଇକ୍ ଓ ବୁଲେଟ୍ ଚଳାଇବାକୁ ସଉକ ରଖିଥାନ୍ତି। ଜର୍ମାନର ଜିଲିରେ ହାର୍ଜର ବାଇକ୍ ମୋଟରସାଇକଲ ଶୋ ରୁମ୍ ରହିଛି। ଏହି ଶୋରୁମ୍‌ର ମାଲିକ ଟିଲେ ଏବଂ ୱିଲ୍‌ଫ୍ରେଡ୍ ନିବେଲ ନାମକ ଦୁଇ ଭାଇ। ୨୦୦୩ରେ ସେମାନେ ଭଙ୍ଗା ଓ ପୁରୁଣା ଜିନିଷରୁ ମୋଟର ସାଇକଲ ତିଆରି କରିବା ନିଷ୍ପତ୍ତି ନେଲେ। ଏହି ସମୟରେ ସେମାନଙ୍କୁ ସୋଭିଏତ୍ ଟି-୫୫ ଟ୍ୟାଙ୍କର ଏକ ଇଞ୍ଜିନ୍ ମିଳି ଯାଇଥିଲା। ସେମାନେ ତାକୁ ଘରକୁ ନେଇ ଆସିଥିଲେ। ଏହାପରେ ସେମାନେ ଏଥିରେ ବାଇକ୍ ତିଆରି କରିବାକୁ ଭାବିଲେ। ଲଗାତାର ୨୦୮ ଦିନ ଅକ୍ଳାନ୍ତ ପରିଶ୍ରମ କରି ସେମାନେ ବିଶ୍ୱର ସବୁଠୁ ଭାରୀ ବାଇକ୍ ତିଆରି କରିଥିଲେ। ଏଥିରେ ୩୮ ହଜାର ସିସିର ଟି-୫୫ ଇଞ୍ଜିନ୍ ଲାଗିଥିଲା। ଏହି ବାଇକ୍‌ର ଓଜନ ୪.୭ ଟନ୍ ଥିଲା। ତେବେ ଏହି ବାଇକ୍‌ରେ ବ୍ୟବହୃତ ହୋଇଥିବା ଅଧିକାଂଶ ଜିନିଷ ସୈନିକଙ୍କ ପାଇଁ ଉଦ୍ଦିଷ୍ଟ ଜିନିଷଗୁଡ଼ିକରୁ ନିର୍ମାଣ କରାଯାଇଥିଲା। ତେବେ ଏହି ବାଇକ୍‌ର ଇଞ୍ଜିନ୍ ଏତେ ଜୋରରେ ଶବ୍ଦ କରିଥାଏ ଯେ, ଏହା ଅନେକ ଦୂର ପର୍ଯ୍ୟନ୍ତ ଶୁଣାଯାଏ। ୨୦୦୭ରେ ଏହା ବିଶ୍ୱର ସବୁଠୁ ଭାରୀ ବାଇକ୍ ଭାବେ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଥିଲା।



# ୬୬୭ କେଜି ନୁଡୁଲ୍ ପ୍ରସ୍ତୁତ କରି ବିଶ୍ୱ ରେକର୍ଡ

ସାଧାରଣତଃ ସବୁ ବୟସର ଲୋକେ ନୁଡୁଲ୍ ଖାଇବାକୁ ପସନ୍ଦ କରନ୍ତି। ଖାସ୍ ସେଥିପାଇଁ ବଜାରରେ ବିଭିନ୍ନ ପ୍ରକାର ଓ ଭିନ୍ନ ସ୍ୱାଦର ନୁଡୁଲ୍ ଉପଲବ୍ଧ ହେଉଛି। ନିକଟରେ ମାଲେସିଆର ସେଫ୍‌ମାନେ ଅଧ ଟନ୍ ନୁଡୁଲ୍ ପ୍ରସ୍ତୁତ କରି ବିଶ୍ୱ ରେକର୍ଡ କରିଛନ୍ତି। ବିଶ୍ୱ ଶେଫ୍ ଚାମ୍ପିୟନସିପ୍‌ରେ ପ୍ରତିଯୋଗୀଭାବେ ୮୬ ଜଣ ସେଫ୍ ଅଂଶଗ୍ରହଣ କରି ୬୬୭ କେଜି ନୁଡୁଲ୍ ପ୍ରସ୍ତୁତ କରିଥିଲେ। ଏହି ପ୍ରତିଯୋଗିତା ମାଲେସିଆର ଜୋହର ରାଜ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସେଫ୍‌ମାନେ 'ମି ଗୋରେଙ୍ଗେ ଜୋହର' ଷ୍ଟାଇଲରେ ଫ୍ରାଏଡ୍ ନୁଡଲ୍ସ ତିଆରି କରିବାର ନିଷ୍ପତ୍ତି ନେଇଥିଲେ। ଏହାକୁ ପ୍ରସ୍ତୁତ କରିବାପାଇଁ ୫୦୦ କେଜିର ନୁଡୁଲ୍, ୨୦ କିଲୋ ବନ୍ଧାକୋବି, ୨୦୦ ଖଣ୍ଡ ଟୋଫୁର ବ୍ୟବହାର କରାଯାଇଥିଲା। ଏଥି ସହିତ ୨୦ ଟବ୍ ଗାର୍ଲିକ ଚିଲ୍ଲି ସସ୍, ଟମାଟୋ, ସୋୟାସସ୍ ଓ ତେଲର ବ୍ୟବହାର କରାଯାଇଥିଲା। ନୁଡୁଲ୍‌କୁ ପ୍ରସ୍ତୁତ କରିବା ପାଇଁ ୨୦ଟି ହାଣ୍ଡି ରଖାଯାଇ ସେଫ୍‌ମାନଙ୍କୁ ସେହି ଅନୁସାରେ ଭାଗ କରାଯାଇଥିଲା। ଏହି ସମୟରେ ସେଠାରେ ଗିନିଜ୍ ବିଶ୍ୱ ରେକର୍ଡର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାପରେ ପ୍ରସ୍ତୁତ କରାଯାଇଥିବା ନୁଡୁଲ୍‌ଗୁଡ଼ିକୁ ନଅଟି ବଡ଼ କଣ୍ଟେନର୍‌ରେ ରଖାଯାଇଥିଲା। ଏହି ନୁଡୁଲ୍‌କୁ ସେଠାରେ ଉପସ୍ଥିତ ଦର୍ଶକଙ୍କୁ ଦିଆଯିବା ସହ ପରେ ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ଦାନ କରାଯାଇଥିଲା। ବିଶ୍ୱ ଶେଫ୍ ଚାମ୍ପିୟନ୍‌ସିପ୍‌ରେ ସାରା ବିଶ୍ୱର ୧୪୦୦ରୁ ଅଧିକ ଶେଫ୍ ଭାଗ ନେଇଥିଲେ। ଗତବର୍ଷ ଏହି ଚାମ୍ପିୟନ୍‌ସିପ୍‌ରେ ପ୍ରସ୍ତୁତ ଫ୍ରାଏ ନୁଡୁଲ୍ ବିଶ୍ୱ ରେକର୍ଡ କରିଥିଲା। ଏହାର ଓଜନ ଥିଲା ୩୬୫.୮ କେଜି। ଏହାକୁ ୪୪ ଜଣ ଶେଫ୍ ଏକାଠି ପ୍ରସ୍ତୁତ କରିଥିଲେ।

# ନିଆରା ପରମ୍ପରା

## ଘୋଷ୍ଟ ୱେଡିଙ୍ଗ୍




ବିଶ୍ୱର ବିଭିନ୍ନ ସ୍ଥାନରେ ଭିନ୍ନ ପରମ୍ପରା ପ୍ରଚଳିତ ହୋଇଆସୁଛି। ଯାହାକୁ ସେଠାର ଲୋକମାନେ ପିଢ଼ି ପରେ ପିଢ଼ି ଅନୁକରଣ କରି ଆସିଥାନ୍ତି। ଏହି କ୍ରମରେ ଚୀନ୍‌ରେ ଏକ ଅଜବ ପରମ୍ପରା ରହିଛି। ଏହାକୁ ଘୋଷ୍ଟ ୱେଡିଙ୍ଗ୍ କୁହାଯାଏ। ୩୦୦୦ ବର୍ଷ ପୂର୍ବରୁ ଏଠାରେ ଏହି ପରମ୍ପରା ରହିଛି। ପରମ୍ପରା ଅନୁସାରେ ଯେଉଁ ଯୁବକ ବା ଯୁବତୀଙ୍କର ବିବାହ ପୂର୍ବରୁ ମୃତ୍ୟୁ ହୋଇଯାଇଥାଏ, ସେମାନଙ୍କର ମୃତ୍ୟୁ ପରେ ବିବାହ କରାଯାଇଥାଏ। ଏନେଇ ସ୍ଥାନୀୟ ଲୋକଙ୍କ କହିବା କଥା, ଏପରି କରିବା ଦ୍ୱାରା ଅବିବାହିତ ଲୋକ ମୃତ୍ୟୁ ପରେ ଏକାକୀ ରହି ନଥାନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ଏଠାରେ ମୃତ ଲୋକଙ୍କ ବାହାଘର ଜୀବିତ ଲୋକ କରାଇଥାନ୍ତି। ଏଥି ସହିତ ଯାନିଯୌତୁକ ଓ ଉପହାରର ମଧ୍ୟ ନେଣଦେଣ ହୋଇଥାଏ। ସେହିପରି ବାହାଘରରେ ଯେପରି ବରକନିଆଙ୍କର ଜାତକ ମେଳ କରାଯାଇଥାଏ, ଠିକ୍ ସେହିପରି ମୃତ ଯୁବକ ଯୁବତୀଙ୍କର ମଧ୍ୟ ଜାତକ ମେଳ କରାଯାଇଥାଏ। ବାହାଘର ଠିକ୍ ହୋଇଯିବା ପରେ ପ୍ରଥା ଅନୁଯାୟୀ ବରଘର ଲୋକେ ସୁନା ରୁପା, ଟଙ୍କା, ଆଦି ଯୌତୁକ ଭାବେ ଦାବି କରିଥାନ୍ତି। ତେବେ ଏସବୁ କେବଳ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ କାଗଜରେ ଲିପିବଦ୍ଧ ହୋଇ ରହିଥାଏ। କିନ୍ତୁ ବାସ୍ତବରେ କୌଣସି ନେଣଦେଣ ହୋଇନଥାଏ। ଫିଜି ଓ ଇଣ୍ଡୋନେସିଆରେ ମଧ୍ୟ ଏହି ପରମ୍ପରା ପ୍ରଚଳିତ।

## ଏହି ଦିଗରେ

# ଟଙ୍ଗାନ୍ତୁନି ଘଣ୍ଟା

**ସମୟ ଦେଖିବା ପାଇଁ ସାଧାରଣତଃ ଘରର କାନ୍ଥଗୁଡ଼ିକରେ ଘଣ୍ଟା ଲଗାଯାଇଥାଏ। କୁହାଯାଏ ଯେ, ଯଦି ଘଣ୍ଟା ଘରେ ଠିକ୍ ଭାବରେ ଚାଲୁଥାଏ, ତେବେ ଜୀବନ ମଧ୍ୟ ସମାନ ମାର୍ଗରେ ଆଗକୁ ବଢ଼ି ଚାଲିଥାଏ। ବାସ୍ତୁ ଅନୁସାରେ, କାନ୍ଥରେ ଟଙ୍ଗା ଯାଇଥିବା ଘଣ୍ଟା ମଧ୍ୟ ଜୀବନରେ ପ୍ରଭାବ ପକାଇଥାଏ। ତେଣୁ ଘରେ କିମ୍ବା ଅଫିସ୍‌ରେ ଘଣ୍ଟା ଟାଙ୍ଗୁଥିବାବେଳେ ବାସ୍ତୁ ନିୟମଗୁଡ଼ିକୁ ଅନୁସରଣ କରିବା ଆବଶ୍ୟକ।**




- ଘରର ଦ୍ୱାରରେ କିମ୍ବା ଘର ପ୍ରବେଶ ସ୍ଥାନରେ ଘଣ୍ଟା ରଖିବା ଅନୁଚିତ। ଶଯ୍ୟା ନିକଟ କିମ୍ବା ଖଟ କାନ୍ଥରେ ଘଣ୍ଟା ରଖିବା ଭଲ ବୋଲି ବିବେଚନା କରାଯାଏ ନାହିଁ।
- ଘଣ୍ଟାକୁ ଘରର ଉତ୍ତର କିମ୍ବା ପୂର୍ବ ଦିଗ କାନ୍ଥରେ ଟାଙ୍ଗିବା ଆବଶ୍ୟକ। କୁହାଯାଏ, ଏହା ସକାରାତ୍ମକ ଶକ୍ତିକୁ ବଢ଼ାଇ ଦେଇଥାଏ।
- ସେହିଭଳି ଘରର ଦକ୍ଷିଣ ଦିଗରେ ଘଣ୍ଟା ଲଗାଇବା ଅନୁଚିତ। ଏହା ଯମଙ୍କ ଦିଗ କୁହାଯାଏ। ଏହି ଦିଗରେ ଘଣ୍ଟା ଲଗାଇବା ଦ୍ୱାରା ବ୍ୟବସାୟ ମାର୍ଗରେ ବାଧା ଆସିଥାଏ।
- ସେହିଭଳି ବାସ୍ତୁ ଅନୁସାରେ ଏକ କ୍ରମାଗତ ଚଳପ୍ରଚଳ ଘଣ୍ଟା ଏକ ନିରନ୍ତର ଚଳପ୍ରଚଳ ଜୀବନ ସହିତ ଜଡିତ ଥିବା ଦେଖାଯାଏ। ସେହିଭଳି, ଏକ ବନ୍ଦ ଘଣ୍ଟା ଜୀବନରେ ବାଧା ସୃଷ୍ଟି କରିଥାଏ ବୋଲି ବିଶ୍ୱାସ କରାଯାଏ। ବାସ୍ତୁ ଅନୁଯାୟୀ, ଭାଙ୍ଗିଯାଇଥିବା, ନଷ୍ଟ ହୋଇଯାଇଥିବା କିମ୍ବା ବନ୍ଦ ହୋଇଥିବା ଘଣ୍ଟା ଘରେ ରଖିବା ଉଚିତ ନୁହେଁ। ବିଶେଷକରି କାଚ ଫାଟିଯାଇଥିବା ଘଣ୍ଟାକୁ ଘରେ ନ ରଖିବାକୁ ପରାମର୍ଶ ଦିଆଯାଇଛି। ଏହାବାଦ୍ ସମୟ ସମୟରେ ଘଣ୍ଟା ସଫା କରାଯିବା ଉଚିତ।
- ବାସ୍ତୁ ଅନୁଯାୟୀ ଗୋଲାକାର ଆକୃତିର ଘଣ୍ଟା ଘର ପାଇଁ ଭଲ ଅଟେ। ସେଥିପାଇଁ ବିଭିନ୍ନ ଆକାରର ଘଣ୍ଟା କିଣିବା ପରିବର୍ତ୍ତେ ଘରର କାନ୍ଥରେ ଏକ ଗୋଲାକାର ଘଣ୍ଟା ରଖାଯାଏ।
- ସେହିଭଳି ଘଣ୍ଟାର ସମୟକୁ ଆଗ ପଛ ନ କରି ସଠିକ୍ ସମୟ ଉପରେ ଧ୍ୟାନ ଦେବା ଆବଶ୍ୟକ।
- ଘଣ୍ଟାକୁ ମଧ୍ୟ କାହାକୁ ଉପହାର ସ୍ୱରୂପ ଦେବା ଉଚିତ ନୁହେଁ।

# ୬ ଲକ୍ଷରେ ବିକ୍ରି ହେଲା ଦୁଇବର୍ଷ ଶିଶୁର ପେଣ୍ଟିଂ

ପ୍ରତିଭା ପରିପ୍ରକାଶ ପାଇଁ କୌଣସି ନିର୍ଦ୍ଦିଷ୍ଟ ବୟସ ନଥାଏ। କଳାକାରମାନଙ୍କୁ ନାଁ କମାଇବାକୁ ବର୍ଷ ବର୍ଷ ଲାଗି ଯାଉଥିବାବେଳେ ଜର୍ମାନୀର ଜଣେ ଦୁଇ ବର୍ଷର ଶିଶୁ କଳା ଜଗତରେ ବେଶ୍ ଧୁମ୍ ମଚାଇବାରେ ଲାଗିଛି। ଜର୍ମାନୀରେ ରହୁଥିବା ଏହି ଶିଶୁଟିର ନାମ ଲରେଣ୍ଟ ସାର୍ଜ। ଲରେଣ୍ଟ ଏପରି ଏକ ପେଣ୍ଟିଂ ତିଆରି କରିଛି, ଯାହାକି ୬ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ନ୍ୟୁୟର୍କ ଏକ ଆର୍ଟ ଗ୍ୟାଲେରୀରେ ଲରେଣ୍ଟଙ୍କ ଏହି ଚିତ୍ର ସ୍ଥାନ ପାଇଥିଲା। ଯଦିଓ ତା'ର ପେଣ୍ଟିଂ ଏତେ ସ୍ପଷ୍ଟ ହୋଇ ନାହିଁ, କିନ୍ତୁ ଭଲ ଭାବେ ଦେଖିଲେ ଏଥିରେ ପଶୁମାନଙ୍କ ଚିତ୍ର ଦେଖିବାକୁ ମିଳେ। ଲରେଣ୍ଟର ପେଣ୍ଟିଂରେ ହାତୀ, ଘୋଡ଼ା ଡାଇନୋସର୍ ଆଦି ପଶୁ ଦେଖାଯାଇଛନ୍ତି। ପିଲାଟିର ଏହି ପ୍ରତିଭାକୁ ଲୋକେ ପ୍ରଶଂସା କରିଛନ୍ତି। ଲରେଣ୍ଟର ମା' ଲିସାଙ୍କର କହିବା ଅନୁଯାୟୀ, ଏକଦା ସେ ଛୁଟି କାଟିବା ପାଇଁ ଏକ ରିସର୍ଟକୁ ଯାଇଥିଲେ, ସେବେଠାରୁ ଲରେଣ୍ଟର ଚିତ୍ରକଳା ପ୍ରତି ଆକର୍ଷଣ ଦେଖିବାକୁ ମିଳିଥିଲା। ଲରେଣ୍ଟଙ୍କର ଇନ୍‌ଷ୍ଟାଗ୍ରାମ୍‌ରେ ୨୯ ହଜାରରୁ ଅଧିକ ଅନୁଗାମୀ ଅଛନ୍ତି। ଲରେଣ୍ଟଙ୍କ ଭଳି ଘାନାର ଜଣେ ଶିଶୁ ମଧ୍ୟ ବେଶ୍ କମ୍ ବୟସରୁ ନିଜ ପ୍ରତିଭା ପାଇଁ ଚର୍ଚ୍ଚା ସାଉଁଟୁଛି। ସେ ଛଅ ମାସ ବୟସରୁ ପେଣ୍ଟିଂ କରିବା ଆରମ୍ଭ କରିଛି।



## ଆଜିର ରାଶିଫଳ

**ମେଷ:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ଖର୍ଚ୍ଚକୁ ନିୟନ୍ତ୍ରଣ କରନ୍ତୁ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଲାଙ୍କ ସଫଳତାରେ ଅଭିଭାବକ ଖୁସି ହେବେ।

**କର୍କଟ:** ପରିବାର ଲୋକଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ସାହିତ୍ୟ ଓ କଳା ପ୍ରତି ରୁଚି ବଢ଼ିବ। ମାନସମ୍ମାନ ବୃଦ୍ଧି ପାଇପାରେ।

**ସିଂହ:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଅଚାନକ ଖୁସି ଖବର ପାଇପାରନ୍ତି। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବନ୍ଧୁଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ। ଗୁରୁଜନଙ୍କ କଥା ମାନି ଚଳିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଜମିଜମା ବିବାଦର ଅନ୍ତ ଘଟିବ। ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବେ।

**ଧନୁ:** ନିବେଶରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ପରିବାରରେ ମାଙ୍ଗଳିକ କାର୍ଯ୍ୟ ହେବ। ପଡୋଶୀଙ୍କ ସହ ମତାନ୍ତର ଦେଖାଦେଇପାରେ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ଅଫିସ୍‌ରେ କର୍ମଚାରୀଙ୍କ ସହାୟତା ମିଳିବ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ନୂତନ ଜମି କ୍ରୟ କରିପାରନ୍ତି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ।

ଛାୟାଗୀତି



୫

# ନୃତ୍ୟ ଗୀତିକା

ଏଥର ଆମେ ଲୋକଗୀତିକାଧାରାର ଏକ ଅନ୍ୟତମ ପର୍ଯ୍ୟାୟକୁ ଯିବା, ଯାହା ଦ୍ୱିତୀୟ ପର୍ଦ୍ଦର ସିନେଗୀତରେ ଅଧିକାଂଶ ଭାବରେ ପ୍ରୟୋଗ ହୋଇଛି । ତାହା ହେଉଛି ନୃତ୍ୟ ଗୀତିକା । ଓଡ଼ିଆ ଲୋକାୟତର ପରମ୍ପରାରେ ସୁଶୋଭିତ ମନୋରମ ଭଙ୍ଗୀର ଯେଉଁ ନୃତ୍ୟ ରହିଛି ତାହା ଜୀବନର ମନୋହରଣକୁ ସୂଚାଇଦିଏ । ଉତ୍ସବ ଓ ପର୍ବର ଅବକାଶରେ ମନସ୍ପର୍ଶୀ ଗୀତି ସହ ନାଚ ହୁଏ । ଯେଉଁ ନୃତ୍ୟଗୀତିକା ସବୁ ଓଡ଼ିଶାରେ ରହିଛି ତାହାକୁ ତିନିଟି ପ୍ରକାରରେ ଭେଦ କରାଯାଇପାରେ । ଦଣ୍ଡନାଟ, ଢେଙ୍କାନାଲିଆ ନାଚ ଓ ଚୈତିଘୋଡ଼ା ନାଚ । ଦଣ୍ଡନାଟର ପତରସଉରା, ଚଢ଼େୟା, ଯୋଗୀଯୋଗିଆଣୀ ବା ବହିଖେଳ ଗୀତରେ ଯୌନଜୀବନର ସାଫଲ୍ୟ ଓ ବିଫଳତା ସଂପର୍କିତ ସଂକେତ ରହେ, ପରକୀୟା ପ୍ରୀତିର ଆଦର୍ଶ ବର୍ଣ୍ଣନା ହୁଏ ଓ ପୁଣି ପ୍ରେମରେ ବାନ୍ଧି ହେବାର ବୋଲି ଥାଏ । ଓଡ଼ିଆ ସିନେମା ଏହି ସବୁ ଗୀତକୁ ଛାଞ୍ଚ କରି ଭଲ ବାନ୍ଧିଛି । ଲୋକାୟତର ଯେଉଁ ପ୍ରେମ ପ୍ରୀତି 'ନୃତ୍ୟ ଗୀତିକା'ରେ ଛନ୍ଦା ସେଠାରେ ପ୍ରେମର ତାତ୍ତ୍ୱିକ ବ୍ୟାଖ୍ୟା ନଥାଏ । ସାମାଜିକ ନୀତି ନିୟମ, ବାଧା ବନ୍ଧନର ଭ୍ରୂକ୍ଷେପ ନଥାଏ ।

ଓଡ଼ିଆ ସିନେମାର ନୃତ୍ୟ ଗୀତିକାରେ ତାହା କେମିତି ଆସିଛି ଦେଖନ୍ତୁ; "ଗେଲେ ଗେଲେ ଗେଲେ ଗେଲେ ଗୋରୀ, ମାରୁଛୁରୀ ତେରଛି ନଜରେ / ଘାଏଲା କରିଲୁ" (ଅଦିନ ମେଘ,୧୯୭୦), "ମାରନା ଆଖି ଛୁରୀରେ/ ମଲିଣି ମୁଁ ଚାନ୍ଦ ଗୋରୀରେ" (ମାଣିକଯୋଡ଼ି, ୧୯୭୩), "ଫୁଲେଇରାଣୀ ସଜଫୁଲ ଗୁଲୁଗୁଲିଆ" (କିଏ କାହାର, ୧୯୬୮), "ମୋ ସାଙ୍ଗେ ଲାଗନାରେ", "ମୋତେ ତୁ ଛୁଂନାରେ, ସାରା ରାତି କାଲି କର" (ଘର ବାହୁଡ଼ା, ୧୯୭୩) । ଏ ସବୁ ଗୀତର ତର୍ଜମା ପର୍ଯ୍ୟାୟକୁ ଏବେ ଆସନ୍ତୁ । ଏହି ସବୁ ସିନେ ଗୀତିରେ ପ୍ରେମ ଭାବ ପ୍ରକାଶ କରିବା ଅବସରରେ ଦାମ୍ପତ୍ୟ ଜୀବନର ସୁଖଦୁଃଖ ଅଛି, ଯେମିତି 'ଘରବାହୁଡ଼ା' ଗୀତର ଅନ୍ତରାକୁ ଦେଖନ୍ତୁ : "ସାରା ରାତି କାଲି, ଛଟପଟ ହେଲି ଚାହିଁ ଚାହିଁ ବାଟ ତୋର, ଏଣେ କିଛୁ ବର ଯାଉଛି ଶଶୁର ଘର, ଶଶୁର ଘରେ ଶାଳୀ ଅଛି, ଶାଳୀ ଉପରେ ତା'ର ନଜର ।" ଏହି ନିଛକ, ନିଷ୍କପଟ ଅଭିବ୍ୟକ୍ତି ହିଁ ଲୋକଗୀତର ପ୍ରାଣ । ଏହା ଦେବଦାସ ଛୋଟରାୟଙ୍କ ଲେଖା, ଅକ୍ଷୟ ଓ ସିପ୍ରାଙ୍କ ଗାୟନ ଏବଂ ଅକ୍ଷୟଙ୍କ ସ୍ୱର ମଧ୍ୟ । ଦାମ୍ପତ୍ୟ ଜୀବନର ଆଉ ଏକ ଚିତ୍ର ରହିଥିଲା 'ବନ୍ଧନ' (୧୯୬୯) ସିନେମାର ଗୀତରେ: "ନାନା ନାରେ ମନ ମାରିଦେନା, ତୁ ମନ ମାରିଲେ ଜଳେ ମୋ ଦୁନିଆ ।" ଉତ୍ତରରେ ସ୍ତ୍ରୀ କହୁଛି- "ନାନାନାରେ ମୋତେ ତୁ ରଗାନା, ରାଗିଲେ ମୁଁ ଥରେ ହେବୁରେ ଛାନିଆ ।" ଏହି ରୁଷାରୁଷି ରାଗରୁଗିର ପର୍ଯ୍ୟାୟରେ ବି ଦାମ୍ପତ୍ୟ ଜୀବନର ଚିତ୍ର କେମିତି ଆସିଛି ଦେଖନ୍ତୁ: "ଘର ଭରି ଯେବେ ଘର ନ ହସିଲା, ସେ ଘରେ ଆଉ କି ମହତ ରହିଲା ।" ଏକ୍ଷିପ୍ର ଡଗ ପରି ପଦ ସଂଯୋଗ ହୋଇଥିବା ଏହି ଗୀତ, ଲୋକଗୀତର ଶୁଦ୍ଧ ନମୁନା । ରଚନା: ନରସିଂହ ମହାପାତ୍ର, ଗାୟନ: ସିକନ୍ଦର ଓ ସିପ୍ରା, ସଂଗୀତ; ଭୁବନେଶ୍ୱର ମିଶ୍ର । 'କିଏ କାହାର' ସିନେମାରେ ଗୁରୁକୃଷ୍ଣ ଗୋସ୍ୱାମୀ ଲେଖିଥିବା 'ଫୁଲେଇରାଣୀ ସଜଫୁଲ' ଗୀତରେ ଲୋକାୟତ ପରମ୍ପରାର 'ଚଢ଼େୟା- ଚଢ଼େୟାଣୀ' ଶୈଳୀରେ ଅଣାଯାଇଛି । ଅକ୍ଷୟ ମହାନ୍ତିଙ୍କ ସଂଯୋଜନାର ଏହି ଗୀତକୁ ଶୁଣନ୍ତୁ, ପୁରୁଷ କେମିତି ମାଇପର ଖୁଣ ଖୁଣୁଛି ଓ ପାଇପ କେମିତି ପୁରୁଷର, ତାହା ସହଜରେ ଜାଣିଯିବେ । ଅନ୍ତରାର ଉଦାହରଣ ନିଅନ୍ତୁ : ମାଇପ କହୁଛି "ମିଠା କଥା କହୁ ତୁହି ବଡ଼ ମିଛୁଆ / ତୋ କଥାରେ ବାଇସ ନାହିଁ ବଡ଼ ବେହିଆ ।" ପୁରୁଷର ଉତ୍ତର : "ହାଏରେ ହାଏ ଲାଂଜିଟଣା ବିଲେଇ ଆଖି, ନୂଆ ନୂଆ ଶିକାର ଖୋଜୁ ମଉକା ଦେଖି ।" 'ଅଦିନ ମେଘ'ର ନାରାୟଣ ପ୍ରସାଦ ସିଂହଙ୍କ ଲେଖା "ଗେଲେ ଗେଲେ ଗେଲେ ଗୋରୀ" (ଅକ୍ଷୟ ଓ ସିପ୍ରାଙ୍କ କଣ୍ଠ) ବା ମାଣିଯୋଡ଼ିର 'ମାରନା ଆଖି ଛୁରୀରେ' (କବିଚନ୍ଦ୍ରଙ୍କ ରଚନା, ସିକନ୍ଦର ଓ ସିପ୍ରାଙ୍କ ଗାୟନ)ରେ ମଧ୍ୟ ସେହି ଭାବକୁ ଭିନ୍ନ ପ୍ରକାରେ ଶୁଣିହେବ । ଲୋକଗୀତି ପର୍ଯ୍ୟାୟରେ ଆସିଥିବା ଓଡ଼ିଆ ସିନେ ଗୀତର ପ୍ରେମରେ ଅଛି ବାସ୍ତବବାଦର ଛିଟା । ଦାର୍ଶନିକତା ଓ ଅତିନ୍ଦ୍ରିୟ ଚେତନାରେ ସେହି ପ୍ରେମ ଜମାରୁ ଆଚ୍ଛନ୍ନ ନୁହେଁ । ସ୍ୱଷ୍ଟ ଭାବରେ ଗୀତ ଗାଇ ପାତ୍ରପାତ୍ରୀ ନିଜର ଆକୁଳ ଅନ୍ତରକୁ ଭାରମୁକ୍ତ କରିଛନ୍ତି । ଜୀବନର ଚଉକାଠ ଭିତରେ ବାସ୍ତବ କଥା କହିବାକୁ ଓ ଶୁଣିବାକୁ ଯେଉଁ ଗୀତ ରଚାଯାଏ, ତାହା ଲୋକଗୀତ । ପ୍ରେମ ହେଉ ବା ବିଷାଦ ବା ଜୀବନ, ଲୋକଗୀତରେ ଛନ୍ଦ, ଏହି ଭାବ ଲୋକଙ୍କ ବିଶ୍ୱାସ, ଚିନ୍ତନ ଓ ଅନୁଭୂତିର ପ୍ରତିନିଧିତ୍ୱ କରେ । ସ୍ୱର ପ୍ରବାହରେ ସ୍ତ୍ରୀ ସ୍ୱରରେ ଆରୋହ ଗତି ମନ୍ଥର ଏବଂ ପୁରୁଷ ସ୍ୱରରେ ଆବରୋହରେ ଉଗ୍ରଗତି ରହିଛି । ସ୍ତ୍ରୀର ଅଧିକାଂଶ ଗୀତ ଅବସରର ସୃଷ୍ଟ, ପୁରୁଷ ଗୀତ ବହୁଳାଂଶ କର୍ମର ସାଥୀ ଏବଂ ଏହା ଯେବେ ସିନେମାର ରୁପେଲି ପର୍ଦ୍ଦାରେ ଗୀତ ହୋଇ ଆସିଛି, ତାହାର ଭାବ ଓ ସ୍ୱର କ୍ଷୁଣ୍ଣ ହୋଇନାହିଁ । ଓଡ଼ିଆ ସିନେମାର ଦ୍ୱିତୀୟ ପର୍ଦ୍ଦ ୧୯୪୮ ରୁ ୧୯୭୩ରେ ଏହା ଜମାରୁ ହୋଇନାହିଁ । ବରଂ ଏହା ଉଲ୍ଲାସ ଆଣିଛି, ଆମୋଦ ଦେଇଛି ଏବଂ ମନକୁ ରସାଇ ଦେଇଛି । ■




'କଇଁଚି କାକୁଡ଼ି ନଳିତା ପିତା' ଗୀତିଦୃଶ୍ୟରେ ଅଭିନେତ୍ରୀ ଝରଣା ଦାସ

## ଫ୍ରାଇଡେ ରିଲିଜ୍

୦୭ ଜୁନ୍, ଶୁକ୍ରବାର (ହିନ୍ଦୀ)

### ବଜରଙ୍ଗ ଔର୍ ଅଲୀ





ନିର୍ଦ୍ଦେଶକ : ଜୟବୀର ଶର୍ମା
ପ୍ରଯୋଜକ : ସୁରେଶ ଶର୍ମା
କଳାକାର : ସଚିନ ପାରିଖ, ଜୟବୀର ଶର୍ମା, ରିଦ୍ଧି ଗୁପ୍ତା

### ବ୍ଲାକ୍ଆଉଟ୍





କାହାଣୀ ଓ ନିର୍ଦ୍ଦେଶନା: ଦେବାଂ ଶଶିନ୍
ପ୍ରଯୋଜକ: ଜ୍ୟୋତି ଦେଶପାଣ୍ଡେ ଏବଂ ନୀରଜ କୋଠାରୀ
କଳାକାର: ବିକ୍ରାନ୍ତ ମେସି, ମୌନୀ ରୟ, ସୁନୀଲ ଗ୍ରୋଭର

## ରେଖା ଜୀବନରେ ପ୍ରେମର ବର୍ଷା



ଜି ସାର୍ଥକର ଲୋକପ୍ରିୟ ଧାରାବାହିକ 'ଭାଗ୍ୟ ରେଖା'ର କାହାଣୀକୁ ଦର୍ଶକେ ପସନ୍ଦ କରୁଛନ୍ତି । ଗୋଟେ ପଟେ ଭାଗ୍ୟ ରେଖାକୁ ପସନ୍ଦ କରୁଥିବା ବେଳେ ଏବେ ରେଖା ଜୀବନରେ ହେବାକୁ ଯାଉଛି ପ୍ରେମର ବର୍ଷା । ଏ କଥା ଧାରାବାହିକର ପ୍ରମୋ ଭିଡିଓରୁ ଜଣାପଡ଼ିଛି । ରେଖା ଜଣେ ଜ୍ୟୋତିଷଙ୍କ ପାଖରେ ନିଜ ହାତ ଦେଖାଇ ନିଜ ଭାଗ୍ୟ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିଛି । ଅବଶ୍ୟ ଜ୍ୟୋତିଷ ଜଣକ ରେଖାକୁ ତା' ଭଲପାଇବା ପାଖକୁ ଆସୁଥିବା କହିଛନ୍ତି । କେହି ଜଣେ ରେଖାର ଜୀବନକୁ ସ୍ନେହ ଆଦରରେ ଭରି ଦେବ । ଏ କଥା ଶୁଣିବା ପରେ ରେଖା ଖୁସିରେ ରାସ୍ତାରେ ନାଚୁଛି ଏବଂ ସେତିକି ବେଳେ ଭାଗ୍ୟ ସାଇକଲରେ ଆସୁଛି । ଇତିମଧ୍ୟରେ ବର୍ଷା ହେଉଛି ଏବଂ ପବନରେ ରେଖାର ଓଢ଼ଣି ଉଡ଼ି ଭାଗ୍ୟ ଉପରେ ଯାଇ ପଡୁଛି । ଦୁର୍ଘଟଣାବଶତଃ ଏହିପରି ଭାବେ ଦୁହିଁଙ୍କ ଭେଟ ହେଉଛି । ଗୋଟିଏ ପଟେ ଭାଗ୍ୟ ରେଖାକୁ ପସନ୍ଦ କରୁଥିବା ବେଳେ ପ୍ରକୃତରେ କ'ଣ ଜ୍ୟୋତିଷଙ୍କ କଥା ସତ ହେବ? ସତରେ କ'ଣ ଭାଗ୍ୟ ଓ ରେଖା ପରସ୍ପରର ନିକଟତର ହେବେ? ତାହା ଆଗାମୀ ଅଧ୍ୟାୟରେ ଜଣାପଡ଼ିବ । ଧାରାବାହିକର 'ରେଖା' ଚରିତ୍ରରେ ନଜର ଆସିଛନ୍ତି ଅଭିନେତ୍ରୀ ସୁମନ ଏବଂ 'ଭାଗ୍ୟ' ଚରିତ୍ରରେ ଅଛନ୍ତି ଅଭିନେତା ଜୟଜିତ୍ । ■

## ବାପା ହେଲେ ବରୁଣ



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ବରୁଣ ଧାୱନ ବାପା ହୋଇଛନ୍ତି । ତାଙ୍କ ପତ୍ନୀ ନତାଶା ଦଲାଲ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି । ତେବେ ନତାଶା ଏବଂ ବରୁଣ ବାପା ମାଆ ହେବା ପରେ ଖୁବ୍ ଖୁସି ଅଛନ୍ତି । ହିନ୍ଦୁଜା ହସ୍ପିଟାଲ ବାହାରେ ବରୁଣ ଓ ତାଙ୍କ ବାପା ଡେଭିଡ୍ ଧାୱନ ପାପାରାଜିଙ୍କୁ ସାମ୍ନା କରିଥିଲେ । ସେମାନଙ୍କୁ ଏହି ଖୁସି ଖବର ଦେବା ସହ ପାପାରାଜିଙ୍କୁ ମିଠା ବାଣ୍ଟିଛନ୍ତି । ସେହିପରି ଏହି ଖୁସି ଖବର ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ବରୁଣଙ୍କ ପ୍ରଶଂସକମାନେ ତାଙ୍କୁ ଶୁଭକାମନା ଜଣାଇଛନ୍ତି । ଚଳିତବର୍ଷ ଫେବୃଆରୀରେ ନତାଶା ଗର୍ଭବତୀ ଥିବା ବରୁଣ ଘୋଷଣା କରିଥିଲେ । ତିନିବର୍ଷ ତଳେ ଜାନୁଆରୀ ୨୨ରେ ବରୁଣ ଏବଂ ନତାଶା ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ■

## ସୋନାଲିଙ୍କ ଫିଲ୍ମରେ ରାଣୀ



ବଲିଉଡ୍ ଅଭିନେତ୍ରୀ ରାଣୀ ମୁଖାର୍ଜୀଙ୍କୁ ଶେଷଥର ପାଇଁ 'ମିସେସ୍ ଚାଟାର୍ଜୀ ଭର୍ସେସ୍ ନରୱେ'ରେ ଦେଖିବାକୁ ମିଳିଥିଲା । ଏହା ପରେ ସେ ଫିଲ୍ମ 'ମର୍ଦାନୀ' ସିକ୍ୱେଲରେ ନଜର ଆସିବା ନେଇ ଚର୍ଚ୍ଚା ଲାଗି ରହିଛି । ଏହାରି ଭିତରେ ରାଣୀ ସୋନାଲି ବୋଷଙ୍କ ନିର୍ଦ୍ଦେଶିତ ନୂଆ ସିନେମାରେ ଅଭିନୟ କରିବା ସ୍ପଷ୍ଟ ହୋଇଛି । ଦୁଇ ବର୍ଷ ହେବ ରାଣୀ ବିଭିନ୍ନ କାହାଣୀ ପଢ଼ି ଆସୁଥିଲେ । ଶେଷରେ ସୋନାଲୀଙ୍କ ପାରିବାରିକ କାହାଣୀ ରାଣୀଙ୍କୁ ପସନ୍ଦ ଆସିଥିବାରୁ ସେ ଏହି ସିନେମା ପାଇଁ ସମ୍ମତି ଦେଇଥିବା କହିଛନ୍ତି । ସେହିପରି ଫିଲ୍ମ ଲାଗି ରାଣୀ ହଁ କହିଥିବା ବେଳେ ଅଭିନେତା ଖୋଜା ପଡ଼ିଛନ୍ତି । ଜଙ୍ଗଲୀ ଫିଲ୍ମ ପ୍ରଡକ୍ସନ ହାଉସ୍ ଏବେ ଜଣେ ଲୋକପ୍ରିୟ ଅଭିନେତାଙ୍କ ସନ୍ଧାନ କରୁଛି । ଅଭିନେତା ମିଳିବା ପରେ ହିଁ ଫିଲ୍ମର ସୁଟିଂ ସେପ୍ଟେମ୍ବରରେ ଆରମ୍ଭ ହୋଇ ଏହି ବର୍ଷ ଶେଷ କରାଯିବ ବୋଲି କୁହାଯାଇଛି । ଆସନ୍ତା ୨୦୨୫ରେ ଏହା ପ୍ରେକ୍ଷାଳୟକୁ ଆସିବ । ■

## ୨୫ ବର୍ଷ ପରେ ଜ୍ୟୋତିକାଙ୍କ ଲେଉଟାଣି



ଦକ୍ଷିଣ ଭାରତୀୟ ଫିଲ୍ମର ସୁନ୍ଦରୀ ତଥା ଲୋକପ୍ରିୟ ଅଭିନେତ୍ରୀ ହେଲେ ଜ୍ୟୋତିକା । ସେ 'ସଇତାନ' ଏବଂ 'ଶ୍ରୀକାନ୍ତ' ଫିଲ୍ମ ମାଧ୍ୟମରେ ୨୫ ବର୍ଷ ପରେ ବଲିଉଡ୍‌କୁ ଫେରିଛନ୍ତି । ପ୍ରତ୍ୟାବର୍ତ୍ତନକୁ ନେଇ ସେ ଖୁବ୍ ଖୁସି ଥିବା କହିଛନ୍ତି । ସେ କହିଛନ୍ତି, ଏ ପ୍ରତ୍ୟାବର୍ତ୍ତନ ତାଙ୍କ ପାଇଁ ଖୁବ୍ ଆଶ୍ଚର୍ଯ୍ୟଜନକ । ୨୫ ବର୍ଷ ଧରି କେହି ବି ତାଙ୍କ ସହ ଯୋଗାଯୋଗ କରି ନ ଥିଲେ । ଅବଶ୍ୟ ଏହି ସମୟ ମଧ୍ୟରେ ସେ ଦକ୍ଷିଣ ସିନେମାରେ ନିଜକୁ ବ୍ୟସ୍ତ ରଖିଥିଲେ । ତେବେ ଭାରତୀୟ ସିନେମାର ଭଲ ସମୟରେ ଜ୍ୟୋତିକା ଲେଉଟାଣି କରିଥିବାରୁ ଗର୍ବ ଅନୁଭବ କରୁଥିବା କହିଛନ୍ତି । ଅନ୍ୟପଟେ ଜ୍ୟୋତିକାଙ୍କୁ 'ସଇତାନ' ଏବଂ 'ଶ୍ରୀକାନ୍ତ' ସିନେମାର କାହାଣୀ ପସନ୍ଦ ଆସିଥିବାରୁ ସେ ଏଥିରେ ଅଭିନୟ କରିଥିବା କହିଛନ୍ତି । ■

## 'ନାଲି ଶାଢ଼ି'ର ଭିଡିଓ ରିଲିଜ୍

ଏଥର ରଜ ଅବସରରେ ଜୁନ୍ ୧୨ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ବହୁ ପ୍ରତୀକ୍ଷିତ ସିନେମା 'ପାବାର' । ପାରିବାରିକ କାହାଣୀ ଉପରେ ଆଧାରିତ ଏହି ସିନେମାର ନିର୍ଦ୍ଦେଶନାରେ ଅଶୋକ ପତି ଅଛନ୍ତି ଏବଂ ପ୍ରଯୋଜନା ଭାର ସମ୍ଭାଳିଛନ୍ତି ତୃପ୍ତି ଶତପଥୀ । ଉକ୍ତ ସିନେମାର ମୁଖ୍ୟ ଭୂମିକାରେ ଓଲିଉଡ୍‌ର ସୁପରଷ୍ଟାର୍ ବାବୁଶାନ ମହାନ୍ତିଙ୍କୁ ଦେଖିବାକୁ ମିଳିବ । ସିନେମାର ଆଇଟମ୍ ଗୀତ 'ଲାଲ ଟହଟହ'କୁ ଲୋକେ ପସନ୍ଦ କରିଥିବା ବେଳେ 'ନାଲି ଶାଢ଼ି' ଗୀତଟିକୁ ମଧ୍ୟ ଦର୍ଶକଙ୍କ ଭଲପାଇବା ମିଳିଛି । ଅବଶ୍ୟ ପୂର୍ବରୁ ଏହାର ଅଡିଓ ରିଲିଜ୍ ହୋଇଥିଲା । କିନ୍ତୁ ଏବେ ଏହାର ଭିଡିଓ ରିଲିଜ୍ ହୋଇଛି । ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ସେହିପରି ନାଲି ଶାଢ଼ି ଗୀତଟି ବାବୁଶାନ ଏବଂ ଏଲିନାଙ୍କ ଉପରେ ଦୃଶ୍ୟାୟିତ ହୋଇଛି । ଏହି ଗୀତରେ କଣ୍ଠଦାନ କରିଛନ୍ତି ନିଜେ ବାବୁଶାନ । ସିନେମାର ସଙ୍ଗୀତ ନିର୍ଦ୍ଦେଶନାରେ ଅଛନ୍ତି ଗୌରବ ଆନନ୍ଦ । କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପରେ ଅଛନ୍ତି ଅମିତ କୁମାର ଦାସ ଏବଂ ପ୍ରଣବ ପ୍ରସନ୍ନ ରଥ । ■



## ନୂଆ ଧାରାବାହିକ

## 'ତୁ ରାଜା ମୁଁ ରାଣୀ' ଓ 'ତୁମ ବିନା'

ଜୁନ୍ ୧୦ ତାରିଖରୁ ଦୁଇଟି ନୂଆ ମେଗା ଧାରାବାହିକ ଆରମ୍ଭ ହେବ । ତରଙ୍ଗ ଚ୍ୟାନେଲରେ 'ତୁ ରାଜା ମୁଁ ରାଣୀ' ସନ୍ଧ୍ୟା ୭ଟାରେ ପ୍ରସାରିତ ହେବ । ଏହାର ମୁଖ୍ୟ ଚରିତ୍ରରେ ଅଭିଜିତ୍ ପାତ୍ର ଏବଂ ନୀହାରିକା ଦାସ ନଜର ଆସିବେ । ଭିନ୍ନ ଏକ ପ୍ରେମକୁ ନେଇ ଏହାର କାହାଣୀ ଗତିଶୀଳ । ସୋମବାରରୁ ଶନିବାର ଏହାକୁ ଦର୍ଶକେ ଦେଖିପାରିବେ । ଅନ୍ୟପଟେ ଜି-ସାର୍ଥକ ମଧ୍ୟ ପ୍ରେମ କାହାଣୀକୁ ନେଇ ନୂଆ ଧାରାବାହିକ 'ତୁମ ବିନା'କୁ ପରିଚିତ କରାଇବ । ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଆକାଶ ଏବଂ ପୁଣ୍ୟଶ୍ରୋତା । ଏଥିରେ ଆକାଶ 'ଅକ୍ଷୟ' ଚରିତ୍ର ଏବଂ ପୁଣ୍ୟଶ୍ରୋତା 'ଲକ୍ଷ୍ମୀ' ଚରିତ୍ରରେ ନଜର ଆସିବେ । ଦୁହିଁଙ୍କ ଯୋଡ଼ିକୁ ଦର୍ଶକେ ପୂର୍ବରୁ ମଧ୍ୟ ପସନ୍ଦ କରିଛନ୍ତି । ଉକ୍ତ ଧାରାବାହିକଟି ପ୍ରତ୍ୟେକ ସୋମବାରରୁ ଶନିବାର ରାତି ୮ ଟାରେ ପ୍ରସାରିତ ହେବ । ଅନ୍ୟପଟେ ଦର୍ଶକେ ଏହି ଦୁଇଟି ନୂଆ ଧାରାବାହିକକୁ ପସନ୍ଦ କରିବେ ବୋଲି ଆଶା କରାଯାଉଛି । ■



● ଇଣ୍ଡୋନେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ

# ସିନ୍ଧୁଙ୍କୁ ପ୍ରଥମ ରାଉଣ୍ଡ ଝଟ୍‌କା




**ଜାକର୍ତ୍ତା, ୫ ।୬(ଏଜେନ୍ସି):** ଏଠାରେ ଚାଲିଥିବା ଇଣ୍ଡୋନେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଅଭିଜ୍ଞ ଭାରତୀୟ ମହିଳା ଖେଳାଳି ପିଭି ସିନ୍ଧୁ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ଫଳରେ ତାଙ୍କର ପ୍ୟାରିସ ଅଲିମ୍ପିକ୍ସ ପ୍ରସ୍ତୁତିକୁ ଜବରଦସ୍ତ ଝଟ୍‌କା ଲାଗିଛି । ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ସିନ୍ଧୁ ବୁଧବାର ଅନୁଷ୍ଠିତ ମହିଳା ଏକକ ପ୍ରଥମ ରାଉଣ୍ଡ ମୁକାବିଲାରେ ଚାଇନିଜ ତାଇପେଇର ସୁ ୱେନ୍-ଚିଙ୍ଗଠାରୁ ୧୫-୨୧, ୨୧-୧୫, ୧୪-୨୧ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ସିନ୍ଧୁ ମାତ୍ର ୧ ଘଣ୍ଟା ୧୦ ମିନିଟ୍‌ରେ ପରାସ୍ତ ହୋଇଥିଲେ । ମହିଳା ଏକକରେ ଭାରତର ଆକର୍ଷୀ କାଶ୍ୟପ ୧୮-୨୧, ୬-୨୧ ସିଧାସଳଖ ଗେମ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି ।

## ପୁଣି ହାରିଲେ ଶ୍ୱେତପର୍ଣ୍ଣା-ରତ୍ନପର୍ଣ୍ଣା

ଭାରତ ପାଇଁ ଏହି ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଦୁଇ ଭଉଣୀ ତଥା ତାରକା ଖେଳାଳି ଶ୍ୱେତପର୍ଣ୍ଣା ପଣ୍ଡା ଓ ରତ୍ନପର୍ଣ୍ଣା ମହିଳା ଯୁଗଳ ପ୍ରତିଯୋଗିତାରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ପୁଣି ଥରେ ଏହି ଯୋଡି କୌଣସି ପ୍ରତିଯୋଗିତାର ପ୍ରଥମ ରାଉଣ୍ଡ ପାର କରିପାରି ନାହାନ୍ତି । ବୁଧବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମୁକାବିଲାରେ ଏହି ଦୁଇ ଭଉଣୀ ୧୨-୨୧, ୯-୨୧ରେ ପ୍ରତିପକ୍ଷ ଦକ୍ଷିଣ କୋରିଆ ଯୋଡି କିମ୍ ସୋ-ୟେଅଙ୍ଗ ଓ କଙ୍ଗ ହି ୟଙ୍ଗଙ୍କଠାରୁ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଛନ୍ତି । ଶ୍ୱେତପର୍ଣ୍ଣା ଓ ରତ୍ନପର୍ଣ୍ଣାଙ୍କୁ ଏହି ମ୍ୟାଚ୍‌ରେ ବେଶ୍ ସଂଘର୍ଷ କରିବାକୁ ପଡିଥିଲା । କିନ୍ତୁ ତନୀଷା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପାଙ୍କୁ ନେଇ ଗଠିତ ଭାରତୀୟ ମହିଳା ଯୋଡି ୨୧-୫, ୨୧-୧୫ରେ କାନାଡ଼ା ଯୋଡି ଜ୍ୟାକି ଡେଣ୍ଟ ଓ କ୍ରିଷ୍ଟାଲ ଲାଇଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି । ଦ୍ୱିତୀୟ ରାଉଣ୍ଡରେ ଏହି ଯୋଡି ଦକ୍ଷିଣ କୋରିଆର ବାଏକ ହା-ନା ଓ ଲି ସୋ- ହିଙ୍କୁ ଭେଟିବେ ।

ଫିଫା ବିଶ୍ୱକପ୍ କ୍ୱାଲିଫାୟର

# କୋଲକାତାରେ ଛେତ୍ରୀଙ୍କ ବିଦାୟୀ ମ୍ୟାଚ୍ ଆଜି

**କୋଲକାତା, ୫ ।୬(ଏଜେନ୍ସି)**

ଭାରତୀୟ ଫୁଟବଲର ଅନ୍ୟତମ ଶ୍ରେଷ୍ଠ ଷ୍ଟ୍ରାଇକର ତଥା ଅଧିନାୟକ ସୁନୀଲ ଛେତ୍ରୀ କ୍ୟାରିୟରର ଅନ୍ତିମ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି । ସ୍ଥାନୀୟ ସଲ୍ଟ ଲେକ୍ ଷ୍ଟାଡିୟମରେ ୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଗୁରୁବାର ଭାରତ ଓ ମଧ୍ୟପ୍ରାଚ୍ୟ ଦେଶ କୁଏତ ପରସ୍ପରକୁ ଭେଟିବେ । ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳି ସେ ଅନ୍ତର୍ଜାତୀୟ ଫୁଟବଲକୁ ଅଲ୍‌ବିଦା କରିବେ । ଫଳରେ ଭାରତୀୟ ଫୁଟବଲ ପ୍ରଶଂସକ ନଜରରେ ଏବେ ଏହି ମ୍ୟାଚ୍ ରହିଛି । ପେସାଦାର ଫୁଟବଲରେ ଦୀର୍ଘ ୨୨ ବର୍ଷଧରି ଓ ଭାରତୀୟ ଦଳ ସହ ଦୀର୍ଘ ୧୯ ବର୍ଷ ଧରି ଜଡିତ ରହିବା ପରେ ବିଦାୟ ନେବାକୁ ଯାଉଥିବାରୁ ଏହି ମ୍ୟାଚ୍‌ରେ ଛେତ୍ରୀ ଓ ତାଙ୍କ ପ୍ରଶଂସକଙ୍କ ଭାବପ୍ରବଣତା ଜଡିତ ରହିଛି । ଘରୋଇ ଦର୍ଶକଙ୍କ ଉପସ୍ଥିତିରେ ବିଜୟ ଭେଟି ସହ ଛେତ୍ରୀଙ୍କୁ ବିଦାୟ ଦେବାକୁ ଭାରତୀୟ ଦଳ ପ୍ରୟାସ କରିବ ଓ ଏଥିପାଇଁ ପ୍ରସ୍ତୁତି ମଧ୍ୟ ଜୋରଦାର ହୋଇଛି ।



### କର ବା ମର ସ୍ଥିତିରେ ଭାରତ

ଏହି ମ୍ୟାଚ୍ ଭାରତ ପାଇଁ କର ବା ମର ସ୍ଥିତି ସୃଷ୍ଟି କରିଛି । ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଭାରତ ୧୮ଟି ଦଳକୁ ନେଇ ଚାଲିଥିବା କ୍ୱାଲିଫାୟରର ଅନ୍ତିମ ଚରଣ ଲାଗି ଯୋଗ୍ୟତା ଅର୍ଜନ କରିବା ପାଇଁ ତା'ର ସ୍ଥିତି ମଜବୁତ କରିବ । ଯଦି ହାରେ ତେବେ ଭାରତ ତାହାଲେ ଯୋଗ୍ୟତା ହାସଲ କରିବା ଦୌଡ଼ରୁ ବାଦ୍ ପଡିବ । ଭାରତ ତା'ର ଅନ୍ତିମ ମୁକାବିଲାରେ ମଙ୍ଗଳବାର ଟେବଲ ଟପ୍ପର କତାରକୁ ଓ କୁଏତ୍ ଆଫଗାନିସ୍ତାକୁ ଭେଟିବ । ଗ୍ରୁପ୍ ଏ'ରେ ଶ୍ରେଷ୍ଠ ଦୁଇଟି ଦଳ ତୃତୀୟ ପର୍ଯ୍ୟାୟକୁ ଉନ୍ନୀତ ହେବ । ଭାରତ ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ଗୋଟିଏ ଡ୍ର ଓ ଦୁଇଟି ପରାଜୟ ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି । ସେହିପରି କତାର ୪ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟୀ ହୋଇ ୧୨ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି । ଆଫଗାନିସ୍ତାନ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୪ ଓ କୁଏତ୍ ୩ ପଏଣ୍ଟ ପାଇଛି । ଦ୍ୱିତୀୟ ସ୍ଥାନ ବଜାୟ ରଖିବାକୁ ହେଲେ ଭାରତକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇ ପଡିଛି । ବରିଷ୍ଠ ରକ୍ଷଣଭାଗ ଖେଳାଳି ସନ୍ଦେଶ ଝିଙ୍ଗାନ ଆଘାତ ସମସ୍ୟା ପାଇଁ ଏହି ମ୍ୟାଚ୍‌ରେ ଖେଳିପାରିବେ ନାହିଁ । ତାଙ୍କୁ ଅନୁପସ୍ଥିତିରେ ରାହୁଲ ଭେକେ, ଅନୱର ଅଲି, ସୁବାଶିଷ ବୋଷ ରକ୍ଷଣଭାଗରେ ଦାୟିତ୍ୱ ନିର୍ବାହ କରିବେ । ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ୍)ରେ ମୁମ୍ବାଇ ସିଟି ଏଫ୍‌ସି ତରଫରୁ ୧୦ ଗୋଲ ଦେବା ସହ ୬ଟି ଆସିଷ୍ଟ କରିଥିବା ଲାଲିଆନଜୁଆଲା ଚାଙ୍ଗଟେଙ୍କ ଉପରେ ସମସ୍ତଙ୍କ ନଜର ରହିଛି । ଘରୋଇ ପରିବେଶରୁ ଫାଇଦା ଉଠାଇ ଭାରତ ବିଜୟୀ ହେବ ବୋଲି ଆଶା କରାଯାଉଛି ।

### ଭାରତ-କୁଏତ୍ ମୁକାବିଲା ଉପରେ ନଜର

୧୯ ବର୍ଷ ଭାରତୀୟ ସିନିଅର ଦଳ ସହ ଜଡିତ ରହିବା ପରେ ଛେତ୍ରୀ ବିଦାୟ ମ୍ୟାଚ୍ ଖେଳିବେ । ଏପର୍ଯ୍ୟନ୍ତ ସେ ଭାରତ ତରଫରୁ ପ୍ରତିନିଧିତ୍ୱ କରି ୧୫୦ଟି ମ୍ୟାଚ୍ ଖେଳି ୯୪ଟି ଗୋଲ ସ୍କୋର କରିଛନ୍ତି । ଖେଳା ଜାରି ରଖିଥିଲେ ମଧ୍ୟ ତାଙ୍କୁ ଅଘୋଷିତ ଭାବେ କିମ୍ବଦନ୍ତୀ ଆଖ୍ୟା ପ୍ରଦାନ କରାଯାଇଛି । ୨୦୦୦ରେ ପ୍ରଥମଥର ପାଇଁ ସେ ମୋହନ ବାଗାନ ତରଫରୁ ଖେଳିଥିଲେ ଓ ସେବେଠାରୁ ସେ ପଛକୁ ଫେରି ଚାହିଁନାହାନ୍ତି । ଗତମାସ ୧୬ ତାରିଖରେ ସେ କୁଏତ ବିପକ୍ଷ ମ୍ୟାଚ୍ ଖେଳି ଅବସର ନେବେ ବୋଲି ଘୋଷଣା କରିଥିଲେ ।

### ବିଶ୍ୱର ତୃତୀୟ ସର୍ବାଧିକ ଗୋଲ ସ୍କୋରର

ପାଖାପାଖି ଦୁଇ ଦଶକର ଉଜ୍ଜ୍ୱଳମୟ କ୍ୟାରିୟରରେ ୫ ଫୁଟ ୭ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ଅଭିଜ୍ଞ ଅଗ୍ରଭାଗ ଖେଳାଳି ଛେତ୍ରୀ ଭାରତ ପାଇଁ ଏପର୍ଯ୍ୟନ୍ତ ୧୫୦ଟି ମ୍ୟାଚ୍ ଖେଳି ୯୪ଟି ଗୋଲ ସ୍କୋର କରିଛନ୍ତି । ଏହିକ୍ରମରେ ସେ ଖେଳ ଜାରି ରଖିଥିବା ଫୁଟବଲରମାନଙ୍କ ମଧ୍ୟରେ ପର୍ତ୍ତୁଗାଲ ଅଭିଜ୍ଞ ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋ, ଆର୍ଜେଣ୍ଟିନ ସୁପରଷ୍ଟାର ଲିଓନେଲ ମେସିଙ୍କ ପରେ ତୃତୀୟ ସର୍ବାଧିକ ଗୋଲ ସ୍କୋରର ବିବେଚିତ ହେଉଛନ୍ତି । ମୋଟ୍ ଉପରେ ଦେଖିବାକୁ ଗଲେ ସର୍ବାଧିକ ଗୋଲ ସ୍କୋରର ତାଲିକାର ଚତୁର୍ଥ ସ୍ଥାନରେ ରହିଛନ୍ତି ।

### ୩ଥର ନେହରୁକପ୍, ୪ଥର ସାଫ ଚାମ୍ପିଅନସିପ୍ ଜିତିଛନ୍ତି

ଛେତ୍ରୀ ଭାରତୀୟ ଫୁଟବଲ ପାଇଁ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିବା ସହ ସଫଳତାର ଶୀର୍ଷକୁ ଛୁଇଁଛନ୍ତି । ସେ ୨୦୦୭, ୨୦୦୯ ଓ ୨୦୧୨ରେ ନେହରୁ କପ୍ ଟାଇଟଲ ହାସଲ କରିଥିଲେ । ସେହିପରି ସେ ୨୦୧୧, ୨୦୧୫, ୨୦୨୧ ଓ ୨୦୨୩ରେ ଭାରତ ପାଇଁ ସାଫ୍ ଚାମ୍ପିଅନସିପ୍ ଜିତିଥିଲେ । ଭାରତ ପାଇଁ ୪ଟି ହ୍ୟାଟ୍ରିକ ଅର୍ଜନ କରିଛନ୍ତି । ୨୦୦୮ରେ ସେ ଏଏଫ୍‌ସି ଚ୍ୟାଲେଞ୍ଜ କପ୍‌ରେ ଭାରତକୁ ଚାମ୍ପିଅନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏହି ବିଜୟ ଫଳରେ ଭାରତ ୨୭ ବର୍ଷ ପରେ ପ୍ରଥମଥର ଏଏଫ୍‌ସି ଏସିଆ କପ୍ (୨୦୧୧) ଖେଳିବାର ଯୋଗ୍ୟତା ହାସଲ କରିଥିଲା । ଛେତ୍ରୀ ଇଷ୍ଟବେଙ୍ଗଲ, ଡେମ୍ପୋ, ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଟିମ୍ ମୁମ୍ବାଇ ସିଟି ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ତରଫରୁ ଫୁଟବଲ ଖେଳିଛନ୍ତି । ସେ ବେଙ୍ଗାଲୁରୁ ଏଫସି ତରଫରୁ ପ୍ରତିନିଧିତ୍ୱ କରି ଆଇଲିଗ୍, ଆଇଏସ୍‌ଏଲ ଓ ସୁପର କପ୍ ଟାଇଟଲ ହାସଲ କରିଛନ୍ତି ।

**ଭାରତୀୟ ଦଳ**

ଗୁରପ୍ରୀତ ସିଂ ସାନ୍ଧୁ (ଗୋଲରକ୍ଷକ), ନିଖିଲ ପୂଜାରୀ, ସୁବାଶିଷ ବୋଷ, ଅନୱର ଅଲି, ଜୟ ଗୁପ୍ତା, ଜିକସନ ସିଂ, ଅନିରୁଦ୍ଧ ଥାପ୍ପା, ନାଓରେମ ମହେଶ ସିଂ, ବ୍ରାଣ୍ଡନ ଫର୍ଣ୍ଣାଣ୍ଡିଜ, ଲାଲିଆନଜୁଆଲା ଚାଙ୍ଗଟେ ଓ ସୁନୀଲ ଛେତ୍ରୀ ।

**ମ୍ୟାଚ୍ ଆରମ୍ଭ:** ସନ୍ଧ୍ୟା ୭ଟା

**ସ୍ଥାନ:** ସଲ୍ଟଲେକ୍ ଷ୍ଟାଡିୟମ, କୋଲକାତା

**ସିଧାପ୍ରସାରଣ:** ସ୍ପୋର୍ଟ୍ସ ୧୮ ନେଟ୍‌ୱର୍କ, ଜିଓ ସିନେମା

## ଓଡ଼ିଶା ଏଫ୍‌ସି ସହ ଚୁକ୍ତି ବଢ଼ାଇଲେ କାର୍ଲୋସ

**ଭୁବନେଶ୍ୱର, ୫ ।୬ (ସମିସ):** ସ୍ପାନିଶ ଖେଳାଳି କାର୍ଲୋସ ଡେଲ୍‌ଗାଡୋ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଦଳ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ସହ ତାଙ୍କର ଚୁକ୍ତି ବୃଦ୍ଧି କରିଛନ୍ତି । ଆଗାମୀ ଦୁଇଟି ସଂସ୍କରଣ ଅର୍ଥାତ୍ ୨୦୨୬ ପର୍ଯ୍ୟନ୍ତ ସେ ଓଡ଼ିଶା ଏଫ୍‌ସି ଦଳ ପକ୍ଷରୁ ଖେଳିବେ । ଭୁବନେଶ୍ୱରଭିତ୍ତିକ ଫ୍ରାଞ୍ଚାଇଜ ଓଡ଼ିଶା ଏଫ୍‌ସି ପକ୍ଷରୁ ଏକ ବିବୃତ୍ତିରେ ବୁଧବାର ଏହି ସୂଚନା ଦିଆଯାଇଛି । ଆଇଏସ୍‌ଏଲ୍‌ର ଗତ ୨୦୨୩-୨୪ ସଂସ୍କରଣରେ ସେ ୨ଟି ଗୋଲ୍ ଦେବା ସହ ଦଳକୁ ସେମିଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । 'ପରିବାର ସହ ଯୋଡ଼ି ହୋଇ ରହିବା ସହ ଆଗକୁ ଖେଳ ଜାରି ରଖିବାକୁ ଯାଉଥିବାରୁ ବହୁତ ଖୁସି ରହିଛି । ଏହା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା' ବୋଲି କାର୍ଲୋସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ୩୪ ବର୍ଷୀୟ ଡେଲଗାଡୋ କ୍ୟାରିୟର ପ୍ରାରମ୍ଭରୁ ସ୍ପେନର ଶ୍ରେଷ୍ଠ କ୍ଲବ ଭାଲେନସିଆ, ଲେଗାନେସ ପକ୍ଷରୁ ଖେଳିଥିଲେ । ଏହାପରେ ୨୦୨୨ରେ ସେ ଓଡ଼ିଶା ଏଫ୍‌ସି ସହ ଯୋଗଦେଇଥିଲେ ।

ଏମ୍‌ସିଏଲ୍ ସିଜନ-୨

## ସୁପର୍ କିଙ୍ଗ୍‌ସ ଦଳରେ ଷ୍ଟୋଇନିସ

**ନୂଆଦିଲ୍ଲୀ, ୫ ।୬ (ଏଜେନ୍ସି):** ଟି-୨୦ ଭିତ୍ତିକ ଆମେରିକୀୟ ଲିଗ୍ ମେଜର କ୍ରିକେଟ୍ ଲିଗ୍ (ଏମ୍‌ସିଏଲ)ର ଦ୍ୱିତୀୟ ସଂସ୍କରଣ ଲାଗି ଅଷ୍ଟ୍ରେଲିଆର ଅଲ୍‌ରାଉଣ୍ଡର ମାର୍କସ ଷ୍ଟୋଇନିସ ଟେକ୍ସାସ୍ ସୁପର୍ କିଙ୍ଗ୍‌ସ ଦଳ ସହ ଚୁକ୍ତି କରିଛନ୍ତି । ଗତ ଆଇପିଏଲ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ପକ୍ଷରୁ ଖେଳୁଥିବାବେଳେ ଷ୍ଟୋଇନିସ ଚେନ୍ନାଇ ସୁପର୍ କିଙ୍ଗ୍‌ସ ବିପକ୍ଷରେ ୧୨୪ ରନର ବିସ୍ଫୋରକ ଶତକୀୟ ପାଳି ଖେଳି ଦଳକୁ ଜିତାଇଥିଲେ । ଏବେ ସେହି ସୁପର୍ କିଙ୍ଗ୍‌ସ ଫ୍ରାଞ୍ଚାଇଜ ପକ୍ଷରୁ ସେ ଆମେରିକାରେ ଏମ୍‌ସିଏଲ୍-୨ରେ ଖେଳିବେ । ପୂର୍ବରୁ ଏମ୍‌ସିଏଲ୍ ଦ୍ୱିତୀୟ ସଂସ୍କରଣ ଲାଗି ଟେକ୍ସାସ ସୁପର୍ କିଙ୍ଗ୍‌ସ ଦଳରେ ଅଷ୍ଟ୍ରେଲିଆ ଆରୋନ ହାର୍ଡି, ନ୍ୟୁଜିଲାଣ୍ଡର ଡାରିଲ ମିଚେଲ, ଦକ୍ଷିଣ ଆଫ୍ରିକା ଟି-୨୦ ଅଧିନାୟକ ଆଇଡେନ ମାର୍କରାମ ଓ ଆଫଗାନିସ୍ତାନର ନବୀନ ଉଲ୍-ହକ୍ ପ୍ରମୁଖ ଖେଳିବାକୁ ଚୁକ୍ତି କରିଛନ୍ତି । ୩୫ ବର୍ଷୀୟ ଷ୍ଟୋଇନିସ ଚଳିତ ବିଶ୍ୱକପ୍ ଲାଗି ଅଷ୍ଟ୍ରେଲିଆ ଦଳରେ ରହିଛନ୍ତି । ଗତ ଆଇପିଏଲ୍‌ରେ ସେ ୧୨ ପାଳିରେ ୩୮୮ ରନ କରିଥିଲେ ।




ଆରମ୍ଭ ହେଲା କଳାହାଣ୍ଡି କପ୍ ସୁପରଲିଗ୍

## ତରଣୀଙ୍କ ଘାତକ ବୋଲିଂ; ଅବଶିଷ୍ଟ ଓଡ଼ିଶା-ଏ ବିଜୟୀ

**କଟକ, ୫।୬(ସମିସ):**

ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ସୁପରଲିଗ୍ ପର୍ଯ୍ୟାୟ ବୁଧବାରଠାରୁ ଆରମ୍ଭ ହୋଇଛି । ଦ୍ୱିଦିବସୀୟ ଫର୍ମାଟରେ ଆୟୋଜିତ ସୁପରଲିଗ୍ ପର୍ଯ୍ୟାୟକୁ ମୋଟ୍ ୧୦ଟି ଦଳ ଉନ୍ନୀତ ହୋଇଛି । ଲିଗ୍ ପର୍ଯ୍ୟାୟରୁ ୬ଟି ଦଳ ପ୍ରବେଶ କରିଥିବା ବେଳେ ଅବଶିଷ୍ଟ ୪ଟି ଦଳ ଓସିଏ ପକ୍ଷରୁ ଗଠନ କରାଯାଇଛି । ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ନୟାଗଡ଼କୁ ଅବଶିଷ୍ଟ ଓଡ଼ିଶା-ଏ' ଦଳ ପରାସ୍ତ କରିଛି । ମିଡିୟମ ପେସ୍‌ର ତରଣୀ ଶ' ଘାତକ ବୋଲିଂ କରି ଦଳକୁ ପ୍ରଥମ ବିଜୟ ପ୍ରଦାନ କରିଛନ୍ତି । ଅବଶିଷ୍ଟ ଓଡ଼ିଶା-ଏ ଟସ୍ ଜିତି ନୟାଗଡକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା । ଦଳ ମାତ୍ର ୫୮ ରନ୍‌ରେ ଅଲଆଉଟ ହୋଇଥିଲା । ତରଣୀ ୯.୫ ଓଭର ବୋଲିଂ କରି ୪ ଓଭର ମେଡେନ୍ ସହ ୭ ୱିକେଟର ସଫଳତା ପାଇଥିଲେ । ବିମଳ କୁମାରଙ୍କୁ ୨ଟି ୱିକେଟ ମିଳିଥିଲା । ଅବଶିଷ୍ଟ ଓଡ଼ିଶା-ଏ ସମସ୍ତ ୱିକେଟ ହରାଇ ୧୨୫ରନ୍ କରିବା ସହ ବିଜୟୀ ଘୋଷିତ ହୋଇଛି ।

ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ କଟକ-ଏ ଏବଂ ପୂର୍ବତଟ ରେଳବାଇ ମଧ୍ୟରେ ମ୍ୟାଚ୍ ଖେଳାଯାଉଛି । ଟସ୍ ହାରି ବ୍ୟାଟିଂ କରିଥିବା କଟକ-ଏ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୭ ୱିକେଟ ବିନିମୟରେ ୩୨୭ରନ ସଂଗ୍ରହ କରିଛି । ମାନଭ ଭଟ୍ଟାଚାର୍ଯ୍ୟ ୧୧୮ ରନର ଶତକୀୟ ପାଳି ଖେଳିଥିଲେ । ରାଜେଶ ଧୂପର ୮୧ରନର ଦ୍ରୁତ ଇନିଂସ ଖେଳିଥିଲେ । ରେଳବାଇ ପକ୍ଷରୁ ସୂର୍ଯ୍ୟକାନ୍ତ ପ୍ରଧାନ ୩ଟି ଏବଂ ଜୟନ୍ତ ବେହେରା ୨ଟି ୱିକେଟ ଅକ୍ତିଆର କରିଛନ୍ତି । ସେହିପରି ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ଏ ବାଲେଶ୍ୱର ସମ୍ମୁଖରେ ୩୭୧ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । କାର୍ତ୍ତିକ ବିଶ୍ୱାଳଙ୍କ ୧୪୬ରନ ଏବଂ ସଂରଶ କୁମାରଙ୍କ ୬୧ରନ ସହାୟତାରେ ଭୁବନେଶ୍ୱର-ଏ ସମସ୍ତ ୱିକେଟ ହରାଇ ୩୭୦ରନ କରିଥିଲା । ବାଲେଶ୍ୱରର ଉଦୟନାଥ ପାତ୍ର ୪ଟି ଏବଂ ସର୍ବେଶ୍ୱର ମହାନ୍ତି ୨ଟି ୱିକେଟ ଦଖଲ କରିଥିଲେ ।



ସନସାଇନ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଅବଶିଷ୍ଟ ଓଡ଼ିଶା-ବି ଦଳ ଭଦ୍ରକ ବିପକ୍ଷରେ ୧୨୧ରନର ଅଗ୍ରଣୀ ହାସଲ କରିଛି । ଟସ୍ ଜିତି ଭଦ୍ରକ ପ୍ରଥମେ ବ୍ୟାଟିଂ କରିଥିଲା । ୨୯.୫ ଓଭରରେ ଦଳ ସମସ୍ତ ୱିକେଟ ହରାଇ ୧୨୩ରନ କରିଥିଲା । କ୍ଷମାସାଗର ବଳ ୫୨ରନର ଅପରାଜିତ ଇନିଂସ ଖେଳିଥିଲେ । ସତ୍ୟକାମ ଭରଦ୍ୱାଜ ୧୯ରନ କରିଥିଲେ । ଅବଶିଷ୍ଟ ଓଡ଼ିଶା-ବି ଦଳର ଆଶିଷ ରାଏ ଏବଂ ଐଶକାନ୍ତ ସାହୁ ଯଥାକ୍ରମେ ୪ଟି ଏବଂ ୩ଟି ୱିକେଟ ହାସଲ କରିଥିଲେ । ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଅବଶିଷ୍ଟ ଓଡ଼ିଶା-ବି ୨ ୱିକେଟ ବିନିମୟରେ ୨୪୪ରନ ସଂଗ୍ରହ କରିଛି । ଓମ୍‌ଟି ମୁଣ୍ଡେ ୧୦୯ରନରେ ଅପରାଜିତ ରହିଛନ୍ତି । ଭଦ୍ରକର ଅଂଶୁମାନ ମହାନ୍ତି ଏବଂ ସତ୍ୟକାମ ଭରଦ୍ୱାଜଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି ।

# ୪ ଭାରତୀୟଙ୍କ ଲାଗି ପ୍ରଥମ ଟି-୨୦ ବିଶ୍ୱକପ୍

**ନୂଆଦିଲ୍ଲୀ, ୫ ।୬ (ଏଜେନ୍ସି)**

ଆରମ୍ଭ ହୋଇଯାଇଛି ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ । ପ୍ରଥମଥର ଲାଗି ଏହି ମେଗା ଇଭେଣ୍ଟକୁ ଦୁଇଟି ଦେଶ ଆମେରିକା ଓ ୱେଷ୍ଟଇଣ୍ଡିଜ ମିଳିତ ଦେଶ ଆୟୋଜନ କରିବାର ସୁଯୋଗ ପାଇଛନ୍ତି । ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ରୋହିତ୍ ଶର୍ମାଙ୍କ ନେତୃତ୍ୱାଧୀନ ଭାରତ ବୁଧବାର ଆୟର୍ଲାଣ୍ଡ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିଛି । ଭାରତୀୟ ଦଳ ଏଥର ଯୁବ ଓ ବରିଷ୍ଠ ଖେଳାଳିଙ୍କୁ ନେଇ ଗଠିତ ହୋଇଛି । ବିଶେଷ କରି ଗତ ଆଇପିଏଲ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳି ବିଶ୍ୱକପ୍ ଦଳରେ ସ୍ଥାନ ପାଇଛନ୍ତି ।

ଅଧିନାୟକ ରୋହିତ୍‌ଙ୍କ ଏହା ୯ମ ବିଶ୍ୱକପ୍ ହେବ । ବାଂଲାଦେଶର ଶାକିବ ଅଲ୍ ହାସନଙ୍କ ସହ ରୋହିତ୍ ଟି-୨୦ ବିଶ୍ୱକପ୍‌ର ସମସ୍ତ ୯ଟି ଯାକ ସଂସ୍କରଣ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି । ତେବେ ଚଳିତ ଭାରତୀୟ ୧୫ ଜଣିଆ ଦଳରେ ଏମିତି କିଛି ଖେଳାଳି ସ୍ଥାନ ପାଇଛନ୍ତି, ଯେଉଁମାନଙ୍କ ଲାଗି ଏହା ପ୍ରଥମ ଟି-୨୦ ବିଶ୍ୱକପ୍ ହେବ । ସେମାନେ ହେଲେ ବାମହାତୀ ଓପନର୍ ଯଶସ୍ୱୀ ଜୟସ୍ୱାଲ, ଅଲ୍‌ରାଉଣ୍ଡର ଶିବମ ଦୁବେ, ୱିକେଟ୍‌ରକ୍ଷକ ସଞ୍ଜୁ ସାମସନ ଓ ସ୍ପିନର କୁଲଦୀପ ଯାଦବ । ଏହି ଖେଳାଳିଙ୍କ ଉପରେ ସଂକ୍ଷେପରେ ନଜର ପକାଇବା ।

### ୧- ଯଶସ୍ୱୀ ଜୟସ୍ୱାଲ

ଏହା ନିଃସନ୍ଦେହ ଯେ ଅଧିନାୟକ ରୋହିତ୍‌ଙ୍କ ସହ ବାମହାତୀ ବ୍ୟାଟର୍ ଜୟସ୍ୱାଲ ପ୍ରଥମ ପସନ୍ଦର ଓପନର୍ ଭାବେ ପାଳି ଆରମ୍ଭ କରିବେ । ଅନ୍ୟତମ ଓପନର୍ ଶୁବମାନ ଗିଲ୍‌ଙ୍କୁ ପଛରେ ଜୟସ୍ୱାଲ ୧୫ ଜଣିଆ ଦଳରେ ସ୍ଥାନ ପାଇଛନ୍ତି । ତେବେ ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ମୁକାବିଲାରେ ଟିମ୍ ମ୍ୟାନେଜମେଣ୍ଟ ଜୟସ୍ୱାଲଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ଦେଇନି । ଜୟସ୍ୱାଲ୍‌ଙ୍କ ଏହା ପ୍ରଥମ ଆଇସିସି ଇଭେଣ୍ଟ ଓ ଟି-୨୦ ବିଶ୍ୱକପ୍ ହେବ । ଗତ ଆଇପିଏଲ୍‌ରେ ସେ ୧୫ ମ୍ୟାଚ୍ ଖେଳି ୩୧ରୁ ଊର୍ଦ୍ଧ୍ୱ ଆଭରେଜରେ ୪୩୬ ରନ କରିଛନ୍ତି । ଏହା ମଧ୍ୟରେ ସେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ମାରିଛନ୍ତି ।



### ୨- ଶିବମ ଦୁବେ

ମଧ୍ୟକ୍ରମ ଲାଗି ଭାରତୀୟ ଦଳର ଚୟନ କମିଟି ଦୁଇ ବାମହାତୀ ବ୍ୟାଟର୍ ରିଙ୍କୁ ସିଂ ଓ ଶିବମ ଦୁବେ କାହାକୁ ୧୫ ଜଣିଆ ଦଳରେ ନେବେ ଦ୍ୱନ୍ଦ୍ୱରେ ଥିଲେ । ଉଭୟ ରିଙ୍କୁ ଓ ଶିବମ ଗତ ଆଇପିଏଲ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ । କିନ୍ତୁ ଶେଷରେ ମଧ୍ୟଗତିର ବୋଲିଂ କରିବାର ଦକ୍ଷତା ରଖୁଥିବା ଶିବମଙ୍କୁ ଦଳରେ ସ୍ଥାନ ମିଳିଥିଲା । ଦୁବେ ମଧ୍ୟ ନିକଟରେ ଖେଳାଯାଇଥିବା ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜରେ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ରହିଥିଲେ । ସେହିଭଳି ଚେନ୍ନାଇ ସୁପର୍ କିଙ୍ଗ୍‌ସ ପାଇଁ ଖେଳୁଥିବା ଦୁବେ ୧୭୨ ଷ୍ଟ୍ରାଇକ ରେଟ୍‌ରେ ୩୫୦ ରନ କରିଥିଲେ । ଦୁବେଙ୍କ ଏହା ପ୍ରଥମ ଟି-୨୦ ବିଶ୍ୱକପ୍ ହେବ ।



### ୩- ସଞ୍ଜୁ ସାମସନ

ସେହିଭଳି ଭାରତୀୟ ଦଳରେ ଋଷଭ ପନ୍ତଙ୍କ ପରେ ଦ୍ୱିତୀୟ ୱିକେଟ୍ ରକ୍ଷକ ଭାବେ ସଞ୍ଜୁ ସାମସନଙ୍କୁ ଚୟନକର୍ତ୍ତାମାନେ ନେଇଛନ୍ତି । ରାଜସ୍ଥାନ ରୟାଲ୍ସର ନେତୃତ୍ୱ ନେଉଥିବା ସଞ୍ଜୁ ଗତ ଆଇପିଏଲ୍‌ରେ ୧୫ ମ୍ୟାଚ୍ ଖେଳି ୪୮ରୁ ଊର୍ଦ୍ଧ୍ୱ ହାରରେ ୫୩୧ ରନ କରି ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିରେ ସେ ୫ଟି ଅର୍ଦ୍ଧଶତକ ମାରିଥିଲେ । ୩୦ ବର୍ଷୀୟ ସଞ୍ଜୁଙ୍କ ଏହା ମଧ୍ୟ ପ୍ରଥମ ଟି-୨୦ ବିଶ୍ୱକପ୍ ।

### ୪- କୁଲଦୀପ୍ ଯାଦବ

ଚଳିତ ଟି-୨୦ ବିଶ୍ୱକପ୍ ଲାଗି ବାମହାତୀ ରିଷ୍ଟ ସ୍ପିନର କୁଲଦୀପ୍ ଯାଦବ ପ୍ରଥମ ପସନ୍ଦର ସ୍ପିନର ଥିଲେ । ସେ ଯେକୌଣସି ଫର୍ମାଟ୍ ହେଉ କୁଲଦୀପ୍ ଗତ କିଛି ବର୍ଷ ହେବ ପ୍ରଦର୍ଶନରେ ବେଶ୍ ସ୍ଥିରତା ଦେଇଆସିଛନ୍ତି । ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳୁଥିବା କୁଲଦୀପ୍ ଚଳିତଥର ୧୧ ମ୍ୟାଚରେ ୧୬ଟି ୱିକେଟ୍ ନେଇଥିଲେ । ୨୦୨୩ ଏକଦିବସୀୟ ବିଶ୍ୱକପ୍‌ରେ ସମସ୍ତ ମ୍ୟାଚ୍ ଖେଳିଥିବା କୁଲଦୀପ୍‌ଙ୍କୁ ପ୍ରଥମଥର ଟି-୨୦ ବିଶ୍ୱକପ୍ ଦଳରେ ସୁଯୋଗ ମିଳିଛି । ତେବେ ଜୟସ୍ୱାଲଙ୍କ ସମେତ ସାମସନ ଓ କୁଲଦୀପ୍ ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ମ୍ୟାଚରେ ସ୍ଥାନ ପାଇନାହାନ୍ତି ।




ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍

## ବୋଲିଂ ତାଲିକାରେ ନୋର୍ଜେଙ୍କ ଲମ୍ବ ଡିଆଁ

**ଦୁବାଇ, ୫ ।୬ (ଏଜେନ୍ସି):** ଚଳିତ ବିଶ୍ୱକପ୍‌ରେ ଶ୍ରୀଲଙ୍କା ବିପକ୍ଷରେ ଚମତ୍କାର ବୋଲିଂ ପ୍ରଦର୍ଶନ କରି ଦକ୍ଷିଣ ଆଫ୍ରିକାକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦ୍ରୁତ ବୋଲର ଏନ୍‌ରିଚ୍ ନୋର୍ଜେ ବିଶ୍ୱ ଟି-୨୦ ମାନ୍ୟତାରେ ଲମ୍ବ ଡିଆଁ ମାରିଛନ୍ତି । କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଟି-୨୦ ମାନ୍ୟତାର ବୋଲିଂ ତାଲିକାରେ ନୋର୍ଜେ ୯ଟି ପାହାଚ ଉପରକୁ ଉଠି ୮ମ ସ୍ଥାନରେ ପହଞ୍ଚିଛନ୍ତି । ସେହିଭଳି ଆଫଗାନିସ୍ତାନ ବାମହାତୀ ଦ୍ରୁତ ବୋଲର ଫଜଲ ଫାରୁକି ମଧ୍ୟ ଟପ୍-୧୦ରେ ପ୍ରବେଶ କରିଛନ୍ତି । ସେ ୩ଟି ସ୍ଥାନ ଉପରକୁ ଉଠି ୧୦ମ ସ୍ଥାନ ଲାଭ କରିଛନ୍ତି । ଶ୍ରୀଲଙ୍କା ବିପକ୍ଷରେ ନୋର୍ଜେ ୭ ରନ ବ୍ୟୟ କରି ୪ଟି ୱିକେଟ୍ ନେଇଥିଲେ । ଫଳରେ ଦକ୍ଷିଣ ଆଫ୍ରିକା ସହଜରେ ୬ ୱିକେଟ୍‌ରେ ଶ୍ରୀଲଙ୍କାକୁ ମାତ୍ ଦେଇଥିଲା । ସେହିଭଳି ମଙ୍ଗଳବାର ଉଗାଣ୍ଡା ବିପକ୍ଷରେ ଅନୁଷ୍ଠିତ ମ୍ୟାଚରେ ଫାରୁକି ୪ ଓଭର ବୋଲିଂ କରି ୯ ରନ ଦେଇ ୫ ୱିକେଟ୍ ସଫଳତା ପାଇଥିଲେ । ତାଙ୍କର ଏହି ବୋଲିଂ ସଫଳତା ବଳରେ ଆଫଗାନିସ୍ତାନ ୧୨୫ ରନର ବଡ଼ ବ୍ୟବଧାନରେ ଉଗାଣ୍ଡାକୁ ହରାଇଥିଲା । ଉଲ୍ଲେଖଯୋଗ୍ୟ, ଆଇସିସି ଟି-୨୦ ବୋଲିଂ ମାନ୍ୟତାର ପ୍ରଥମ ୪ଟି ସ୍ଥାନରେ ଯଥାକ୍ରମେ ଆଦିଲ ରଶିଦ, ୱାନିନ୍ଦୁ ହାସରଙ୍ଗା, ଅକ୍ଷର ପଟେଲ ଓ ରବି ବିଷ୍ଣୋଇ ସ୍ଥାନ ବଜାୟ ରଖିଛନ୍ତି ।



## ଟ୍ରେଣ୍ଡରେ ସନ୍‌ସେଟ୍ ବ୍ଲଶ୍

**ନ୍ୟୁଡ୍, ପିଚ୍ ଓ ପିଙ୍କ୍ ମେକ୍ଅପ୍ ଭଳି ଟ୍ରେଣ୍ଡରେ ରହିଛି ସନସେଟ୍ ବ୍ଲଶ୍ । ଏହି ବ୍ଲଶ୍ ଟ୍ରେଣ୍ଡ ବର୍ତ୍ତମାନ ସମୟରେ ମହିଳାମାନଙ୍କ ମଧ୍ୟରେ ଖୁବ୍ ଚର୍ଚ୍ଚାରେ ରହିଛି । ଏହା ଗୋଲାପି, କମଳା ଓ ସୁନେଲି ରଙ୍ଗର ଏକ ମିଶ୍ରଣ । ଯେଉଁଥିରୁ ଏକ ଷ୍ଟନିଂ ତଥା ଆକର୍ଷଣୀୟ ଲୁକ୍ ମିଳିଥାଏ । ଏହି ମେକ୍ଅପ୍ ସମସ୍ତ ଭାରତୀୟ ତ୍ୱଚାକୁ ସୁଟ୍ କରିଥାଏ । ତେବେ ଏହି ଟ୍ରେଣ୍ଡ କ'ଣ ? ଏହି ମେକ୍ଅପ୍ କିପରି କରାଯାଏ ଜାଣିବା ସେ ବିଷୟରେ....**





ଏହି ଟ୍ରେଣ୍ଡ ଆମେରିକା ବିୟୁଟି ଏକ୍ସପର୍ଟ ଓ ପ୍ରଯୋଜିକା ଏଲିସା ଜେନ୍ ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ସେୟାର କରିଥିଲେ । ଯାହା ଖୁବ୍ ଭାଇରାଲ ହୋଇଥିଲା ।

### ଖରାପାଇଁ ବେଶ୍ ଉପକାରୀ

ଏହି ନୂଆ ମେକ୍ଅପ୍ ଟ୍ରେଣ୍ଡ ଖରାଦିନ ପାଇଁ ବେଶ୍ ଲାଭଦାୟକ । ଏହା ଏକ କୁଲ୍ ତଥା ସର୍ଟଲ ଲୁକ୍ ଦେଇଥାଏ । କାଜୁଆଲ ଏବଂ ସିମ୍ପଲ ଲୁକ୍ ଚାହୁଁଥିଲେ, ଏହି ମେକ୍ଅପ୍ ପୂରା ପରଫେକ୍ଟ । ଏଥିରୁ ଏକ ସ୍ମାର୍ଟ ଲୁକ୍ ମିଳିଥାଏ ।

### କିପରି କରିବେ ସନ୍‌ସେଟ୍ ବ୍ଲକ ଲୁକ୍

ସନ୍‌ସେଟ୍ ବ୍ଲଶ୍ ଲୁକ୍ କରିବା ଖୁବ୍ ସହଜ । ଏଥିପାଇଁ ତିନୋଟି ଅଣ୍ଡରଟୋନ୍ ସେଡ୍ସ ବ୍ୟବହାର କରିବାକୁ ପଡ଼ିଥାଏ । ବ୍ରାଇଟ୍ ଅରେଞ୍ଜ, କୁଲ୍ ପିଚ୍ ସେଡ୍ ଓ ହର୍ଟ ପିଙ୍କ୍ ସେଡର ବ୍ୟବହାର କରିବାକୁ ପଡ଼ିଥାଏ । ଏ ତିନୋଟିକୁ ଲିକ୍ୱିଡ୍ ଟେକ୍ସଚର ନିଅନ୍ତୁ । ଯାହା ଦ୍ୱାରା ସହଜରେ ଏହା ବ୍ଲେଣ୍ଡ ହୋଇପାରିବ । ଏହାପରେ ଏକ ଫାଉଣ୍ଡେସନର ବେସ୍ ବନାନ୍ତୁ । ଯାହା ଦ୍ୱାରା ଦୀର୍ଘ ସମୟ ଧରି ମେକ୍ଅପ୍ ରହିଥାଏ । ଏହାପରେ ମିଶ୍ରଣ କରି ଏହାକୁ ମୁହଁରେ ଲଗାନ୍ତୁ । ମେକ୍ଅପ୍ ସେଟ୍ ହୋଇଯିବା ପରେ ଗୋଲ୍‌ଡେନ୍ ହାଇଲାଇଟର୍ ଲଗାଇ ଏକ ଆକର୍ଷଣୀୟ ଲୁକ୍ ଦିଅନ୍ତୁ ।

### ଲାଇନର୍ ଓ ଲିପ୍‌ଷ୍ଟିକ୍ ଜରୁରୀ

ସନ୍‌ସେଟ୍ ବ୍ଲଶ୍ ଟୋନ୍ ମେକ୍ଅପ୍ କରୁଥିଲେ ଆଖି ମେକ୍ଅପ୍ ଏବଂ ଲିପ୍‌ଷ୍ଟିକ୍ ରଙ୍ଗ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ଆଖିପତାରେ ଅଧିକ ମସ୍କାରା ଲଗାନ୍ତୁ ନାହିଁ । ଆଖିରେ ପତଳା ୱିଙ୍ଗ୍ ଆଇଲାଇନର ଲଗାନ୍ତୁ । ସେହିପରି ଓଠରେ ନାଲି, ଗୋଲାପି ଓ ଗ୍ଲସି ସେଡ୍ ଲିପ୍‌ଷ୍ଟିକ୍ ମିଶ୍ରଣ କରି ଲଗାନ୍ତୁ । ପରଫେକ୍ଟ ଲୁକ୍ ଚାହୁଁଥିଲେ ବିଶେଷ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ । ଏହା ସମର ମେକ୍ଅପ୍ ଟ୍ରେଣ୍ଡ ହୋଇଥିବାରୁ ମେକ୍ଅପ୍‌କୁ ଡ୍ରାଏ କିମ୍ବା ମ୍ୟାଟ୍ ନ ରଖି ସବୁବେଳେ ହାଇଡ୍ରେଟ୍ ରଖନ୍ତୁ ।

## ଡୋକ୍ରା କଳାକୃତିରୁ ସ୍ୱାବଲମ୍ବୀ

**ବୟସ ବୃଦ୍ଧି ପାଇଛି ସତ, କିନ୍ତୁ ଭାଙ୍ଗିନି ମନୋବଳ । ପରିଣତ ବୟସରେ ମଧ୍ୟ କାର୍ଯ୍ୟ କରି ନିଜ ପେଟ ପୋଷୁଛନ୍ତି ସେ । ପେଟ ପାଇଁ ଏତେ ନାଟ । ଆଜି ନୁହେଁ କି କାଲି ନୁହେଁ, କାହିଁ କେଉଁ କାଳୁ ଜାରି ରହିଛି ଏହି ଡୋକ୍ରା କଳାକୃତି । ବାପା-ଅଜା ଅମଳରୁ ଏହି କଳାକୃତି କାର୍ଯ୍ୟ ଦେଖିଆସିଛନ୍ତି ସେ । ନାଲି ମାଟିରେ ହାତୀ, ମୟୂର, ନର୍ତ୍ତକୀ, ଦୀପଦାନି ସମେତ ଡୋକ୍ରା ଅଳଙ୍କାର ଆଦି ପ୍ରସ୍ତୁତ କରି ଜୀବିକା ନିର୍ବାହ କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି ଢେଙ୍କାନାଳ ଜିଲ୍ଲା ସଦେଇବେରେଣୀ ଗାଁର ୭୦ ବର୍ଷୀୟା କାଳିନ୍ଦୀ ପ୍ରଧାନ ।**



### କୌଳିକ ବୃତ୍ତି

ହେତୁ ପାଇବା ଦିନୁ ଏହି କାର୍ଯ୍ୟ ଦେଖିଆସୁଛନ୍ତି ବୋଲି କୁହନ୍ତି କାଳିନ୍ଦୀ । କେବଳ ସେ ନୁହଁନ୍ତି, ଗାଁ ର ପ୍ରାୟ ଅଧିକାଂଶ ଲୋକେ ଏହି ଡୋକ୍ରା କଳାକୃତି କାର୍ଯ୍ୟ ଉପରେ ନିର୍ଭର କରନ୍ତି । ପିଢ଼ି ପରେ ପିଢ଼ି ଏହି କଳାକୃତିକୁ ଅନୁକରଣ କରି ଚାଲିଛନ୍ତି । ପିଲାଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଏହି କାର୍ଯ୍ୟ କରିଥାନ୍ତି । ଯଦିଓ ପୂର୍ବରୁ କାଳିନ୍ଦୀ ଅଳ୍ପ ବହୁତେ ଡୋକ୍ରା କାର୍ଯ୍ୟ ଜାଣିଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ହସ୍ତଶିଳ୍ପ ଦ୍ୱାରା ଡିଜାଇନ୍ ଏବଂ ଟେକ୍ନୋଲୋଜି ଡେଭେଲପ୍‌ମେଣ୍ଟ କର୍ମଶାଳାରେ ପ୍ରଶିକ୍ଷଣ ନେଇ ବିଭିନ୍ନ କଳାକୃତି ଡିଜାଇନ୍ ଶିଖିଥିଲେ ।





### ମାଟିରୁ ନିର୍ମିତ ବିଭିନ୍ନ ସାମଗ୍ରୀ

ପାରମ୍ପରିକ କାର୍ଯ୍ୟ ଭାବେ ପ୍ରଥମେ ଏଠାରେ ମାଣ ସାଜସଜ୍ଜା ଯଥା, ମାଣପେଡ଼ି, ଦୀପ, ରୁଖା ଆଦି ଜିନିଷ ତିଆରି କରାଯାଉଥିଲା । ସମୟକ୍ରମେ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ପ୍ରକାର ଡୋକ୍ରା କଳାକୃତି ତିଆରି କରାଯାଇଥିଲା । କଞ୍ଚାମାଲ ହିସାବରେ ନାଲିମାଟି, କୋଇଲା, ଝୁଣା ଓ ମହମ ଆଦି ଉପଯୋଗ କରି ନଡ଼ିଆବାକ୍ସ, ହାତୀ, କଳସ,ଓ ମାଣ ଆଦି ପ୍ରସ୍ତୁତ କରିଥାନ୍ତି । ଅବଶ୍ୟ ଏହାକୁ ତିଆରି କରିବା ପାଇଁ ଅଧିକ ସମୟ ଲାଗିଥାଏ । ଦୈନିକ ୬ରୁ ୭ ଘଣ୍ଟା ସମୟ ଦେବାକୁ ପଡ଼ିଥାଏ । ବୟସ ବୃଦ୍ଧି ପାଉଥିବାରୁ ଏତେ ସମୟ ବସି କାର୍ଯ୍ୟ କରି ହେଉନଥିଲେ, ମଧ୍ୟ ତଥାପି ଦିନକୁ ତିନି ଘଣ୍ଟା ସମୟ ଦେଉଛନ୍ତି । ଏହି ଡୋକ୍ରା ଜିନିଷ ଏକ ନିର୍ଦ୍ଦିଷ୍ଟ ଅନୁପାତରେ ତିଆରି କରାଯାଇଥାଏ । ସେହିପରି ମାଟି ଜିନିଷ ବ୍ୟତୀତ ପିତ୍ତଳରେ ହାତୀ, ମୟୂର ତିଆରି କରି ନିଜର ନିତିଦିନିଆ ତେଲଲୁଣ ସଂସାର ଚଳାଇଥାନ୍ତି କାଳିନ୍ଦୀ ।

### ଅର୍ଥ ଉପାର୍ଜନର ମାଧ୍ୟମ ସାଜିଛି

ଅନେକ ସମୟରେ ଗାଁ କୁ ବହୁ କଳାକୃତି ପ୍ରେମୀ ଲୋକମାନେ ଆସିଥାନ୍ତି । ସେମାନେ ବିଭିନ୍ନ ପ୍ରକାର ଜିନିଷ କିଣି ନିଅନ୍ତି । ଏଥି ସହିତ ପ୍ରତିବର୍ଷ ସଦେଇବେରେଣୀ ହାଟରେ ଡୋକ୍ରା ପ୍ରଦର୍ଶନୀ ମେଳା ଆୟୋଜିତ ହୋଇଥାଏ । ଯେଉଁଠି କାରୀଗରମାନେ ବିଭିନ୍ନ ପ୍ରକାର ଡୋକ୍ରା କଳାକୃତି ସମେତ ବିଭିନ୍ନ ଅଳଙ୍କାର ସାମଗ୍ରୀ ଆଦି ବିକ୍ରି କରିଥାନ୍ତି । ତେବେ ଏହି କଳାକୃତି କେବଳ ଓଡ଼ିଶା ନୁହେଁ, ଓଡ଼ିଶା ବାହାରେ ମଧ୍ୟ ଲୋକେ ଏହାକୁ ପସନ୍ଦ କରନ୍ତି ।

## ଟ୍ରେଣ୍ଡରେ କୁନ୍ଦନ ଜ୍ୱେଲାରୀ

**ଫ୍ୟାସେନେବୁଲ ତଥା ଆକର୍ଷଣୀୟ ଲୁକ୍ ପାଇଁ ମହିଳାମାନେ ବିଭିନ୍ନ ପ୍ରକାର ଅଳଙ୍କାରର ସାହାରା ନେଇଥାନ୍ତି । ଜ୍ୱେଲାରୀ ମଧ୍ୟରେ ବର୍ତ୍ତମାନ କୁନ୍ଦନ ଷ୍ଟୋନ୍ ଜ୍ୱେଲାରୀ ଟ୍ରେଣ୍ଡରେ ରହିଛି । ଯେଉଁଥିରେ ପାରମ୍ପରିକ ସାଙ୍ଗକୁ ଆଧୁନିକ ଟଚ୍ ମଧ୍ୟ ରହିଛି । ଯେଉଁଥିରୁ ଏକ ଆକର୍ଷଣୀୟ ତଥା କ୍ଲାସି ଲୁକ୍ ମିଳିଥାଏ ।**





- ବିଶେଷ କରି ଫ୍ଲାୱାର ତଥା ହୁପ୍ ଷ୍ଟାଇଲର କୁନ୍ଦନ ଷ୍ଟୋନ୍ ଜ୍ୱେଲାରୀ ଟ୍ରେଣ୍ଡରେ ରହିଛି । ଏହା ଏକ ବଜେଟ୍ ଫ୍ରେଣ୍ଡଲି ଅଳଙ୍କାର ହୋଇଥିବାବେଳେ, ବଜାରରେ ଏହା ମାତ୍ର ୧୦୦ ଟଙ୍କାରୁ ଆରମ୍ଭ ହୋଇଥାଏ । ଅବଶ୍ୟ ଏପ୍ରକାର ଜ୍ୱେଲରୀ ଡିଜାଇନ୍ ଅନୁଯାୟୀ ମୂଲ୍ୟ ରହିଥାଏ ।
- ସେହିପରି ଭାରି କାମଯୁକ୍ତ ଅଳଙ୍କାର ଉଭୟ ପାରମ୍ପରିକ ତଥା ଆଧୁନିକ ପୋଷାକକୁ ଭଲ ମାନିଥାଏ । କାଜୁଆଲ୍ ଆଉଟ୍‌ଫିଟ୍‌ରେ ମଧ୍ୟ ଏହା ପିନ୍ଧିଲେ ଏକ ବୋଲ୍‌ଡ ଲୁକ୍ ମିଳିଥାଏ । ବିଶେଷ କରି ସିମ୍ପଲ ତଥା ହାଲୁକା ରଙ୍ଗର ପୋଷାକକୁ ଏହା ଖୁବ୍ ସୁନ୍ଦର ମାନିଥାଏ ।
- ସ୍କୋୟାର, ରାଉଣ୍ଡ ଏବଂ ଟ୍ରାଙ୍ଗେଲ୍ ସେପ କୁନ୍ଦନ ଅଳଙ୍କାର ମହିଳାଙ୍କର ବେଶୀ ପସନ୍ଦ । ସେହିପରି କର୍ମଜୀବୀ ମହିଳାମାନେ ନିଜକୁ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, ରିଙ୍ଗ ବ୍ରେସଲେଟ୍ ପିନ୍ଧିପାରିବେ ।

## ପିସ୍ତା ଖୋଳପାରେ ସଜାନ୍ତୁ ଘର

**ସାଧାରଣତଃ ଡ୍ରାଏଫ୍ରୁଟ୍ସ ଭାବେ ଲୋକେ ପିସ୍ତା ଖାଇବାକୁ ପସନ୍ଦ କରିଥାନ୍ତି । ଏହା ଯେତିକି ସ୍ୱାଦିଷ୍ଟ, ସ୍ୱାସ୍ଥ୍ୟ ପାଇଁ ସେତିକି ଗୁଣକାରୀ । ଅନେକ ସମୟରେ ଲୋକମାନେ ପିସ୍ତା ଖାଇବା ପରେ ଏହାର ଖୋଳପାକୁ ଫୋପାଡ଼ି ଦିଅନ୍ତି । କିନ୍ତୁ, ଚାହିଁଲେ ଏହି ଖୋଳପାକୁ ବ୍ୟବହାର କରି ଘରକୁ ଏକ ନୂଆ ରୂପରେ ସଜାଇପାରିବେ । ତେବେ ଖୋଳପାରେ ଘରକୁ କିଭଳି ସଜାଇବେ ଜାଣିବା ସେ ବିଷୟରେ ...**



### ଫଟୋ ଫ୍ରେମ୍

କୌଣସି ପୁରୁଣା ଫଟୋକୁ ଏକ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, ପିସ୍ତା ଖୋଳପାକୁ ବ୍ୟବହାର କରି ଫଟୋ ଫ୍ରେମକୁ ଡିଜାଇନ୍ କରିପାରିବେ । ଫଟୋଫ୍ରେମ୍ ଚତୁପାର୍ଶ୍ୱରେ ଅଠା ସାହାଯ୍ୟରେ ପିସ୍ତା ଖୋଳକୁ ଧାଡ଼ିରେ ସଜାଇ ଲଗାଇପାରିବେ । ଯାହା ଆଖିକୁ ସୁନ୍ଦର ଦେଖାଯିବା ସହ ଘରର ସୁନ୍ଦରତା ବୃଦ୍ଧି କରିଥାଏ ।

### ଜ୍ୱେଲାରୀ ହୋଲଡର୍

ଅଳଙ୍କାର ରଖିବା ପାଇଁ ପିସ୍ତା ଖୋଳପାକୁ ବ୍ୟବହାର କରି ଜ୍ୱେଲାରୀ ହୋଲଡର ପ୍ରସ୍ତୁତ କରାପାରିବେ । କାଠ ବକ୍ସରେ ଅଠା ସାହାଯ୍ୟରେ ପିସ୍ତା ଖୋଳକୁ ଏକ କ୍ରମରେ ସଜାନ୍ତୁ । ପିସ୍ତାଖୋଳ ଗୁଡ଼ିକ ଭଲଭାବେ ଶୁଖିଯିବା ପରେ ସେଥିରେ ରଙ୍ଗ ଦେଇ ମଝିରେ ମଝିରେ ମାଳି ଲଗାଇ ଦିଅନ୍ତୁ । ଏହାପରେ କାନ୍ଥରେ ଲୁହାକଣ୍ଟା ଲଗାଇ ଏହାକୁ ସେଟ୍ କରି ଦିଅନ୍ତୁ ।

## ଆକର୍ଷଣୀୟ ଲୁକ୍ ପାଇଁ ଟୋଟ୍ ବ୍ୟାଗ୍



**ବିଶେଷ କରି ଖରାଦିନେ ମହିଳାମାନେ ହାଲୁକା ବ୍ୟାଗ୍ ବ୍ୟବହାର କରିବାକୁ ଭଲ ପାଆନ୍ତି । ଯାହା ଷ୍ଟାଇଲିଶ୍ ଲୁକ୍ ଦେବା ସହିତ ଛୋଟ ମୋଟ ଜିନିଷକୁ ସାଇତି ରଖିବାରେ ବ୍ୟବହାର କରାଯାଇଥାଏ । ତେବେ ଜାଣିବା କେତୋଟି ଟୋଟ ବ୍ୟାଗ୍ ବିଷୟରେ, ଯାହା କପଡ଼ା ଏବଂ ଝୋଟରୁ ପ୍ରସ୍ତୁତ କରାଯାଇଛି ।**

### ବାଦାମୀ ଟୋଟ୍ ବ୍ୟାଗ୍

ଫ୍ଲୋରାଲ୍ ଡିଜାଇନର ଏହି ଟୋଟ ବ୍ୟାଗ୍ ସୁନ୍ଦର ଦେଖାଯାଏ । ଏହାକୁ ଯେ କୌଣସି ପୋଷାକ ସହ କ୍ୟାରି କରାଯାଇପାରେ । ବିଶେଷ କରି ବାଦାମୀ ରଙ୍ଗର ଟୋଟ ବ୍ୟାଗ୍ ବର୍ଡର ଲାଇନ୍‌ରେ ଲାଲ୍ ରଙ୍ଗର ପ୍ରିଣ୍ଟ ଥିବାରୁ ଏହା ଅଧିକ ଆକର୍ଷଣୀୟ ଦେଖାଯାଏ ।

### ଝୋଟ ଟୋଟ୍ ବ୍ୟାଗ୍

ତେବେ ବୁଣାଯାଇଥିବା ଝୋଟ ଟୋଟ ବ୍ୟାଗ୍ ବଡ଼ ବଡ଼ ଫୁଲ ଡିଜାଇନ୍‌ରେ ଖୁବ୍ ସୁନ୍ଦର ଦେଖାଯାଏ ।

### ଇକତ୍ ଟୋଟ୍ ବ୍ୟାଗ୍

ହଳଦିଆ ରଙ୍ଗର ଏହି ଟୋଟୋ ବ୍ୟାଗ୍ ଇକତ୍ ପ୍ରିଣ୍ଟରେ ଏକ କୁଲ ଲୁକ୍ ଦେଇଥାଏ । ଏହା ଜିନ୍ସକୁ ଖୁବ୍ ସୁନ୍ଦର ମାନିଥାଏ ।

### ପେଷ୍ଟଲ କଲର ଟୋଟ୍ ବ୍ୟାଗ୍

ସାଧାରଣତଃ ପେଷ୍ଟଲ ରଙ୍ଗର ଏହି ଟୋଟ ବ୍ୟାଗ୍ ଭିନ୍ନ ରଙ୍ଗ ପାଇଁ ଖୁବ୍ ସୁନ୍ଦର ତଥା ସ୍ୱତନ୍ତ୍ର ଦେଖାଯାଏ ।

## କେଉଁ ଜିନିଷ କେତେ ଦିନ ବ୍ୟବହାର

**ସାଧାରଣତଃ ଘରେ ନିତିଦିନିଆ ବ୍ୟବହାର କରାଯାଉଥିବା ଜିନିଷର ସମୟସୀମା ପ୍ରତି କେହି ଧ୍ୟାନ ନ ଦେଇ ଏହାକୁ ଦୀର୍ଘଦିନ ଧରି ବ୍ୟବହାର କରି ଚାଲିଥାନ୍ତି । ଯାହା ପରବର୍ତ୍ତୀ ସମୟରେ ବହୁ ରୋଗ ସୃଷ୍ଟି କରିଥାଏ । ତେଣୁ ପ୍ରତ୍ୟେକ ଜିନିଷର ବ୍ୟବହାର ସମୟସୀମା ଦେଖି ଏହାକୁ ପରିବର୍ତ୍ତନ କରିବା ଆବଶ୍ୟକ ।**



### ତକିଆ

ତକିଆ ଏପରି ଏକ ଜିନିଷ, ଯାହାକୁ ଦୈନନ୍ଦିନ ଜୀବନରେ ନିୟମିତ ଭାବେ ବ୍ୟବହାର କରାଯାଏ । କିନ୍ତୁ ଅଧିକାଂଶ ଲୋକ କେବଳ ତକିଆ ଖୋଳକୁ ହିଁ ସଫା କରଥାନ୍ତି । ଦୀର୍ଘ ଦିନ ଧରି ତକିଆ ବ୍ୟବହାର କରି ଆସୁଥିଲେ ସମ୍ପୂର୍ଣ୍ଣ ତକିଆ ଧୁଅନ୍ତି ନାହିଁ । ଫଳରେ ସେଥିରେ ଧୂଳିମାଟି ସହ ଜୀବାଣୁ ଜମି ରହିଥାଏ । ଯାହା ପରବର୍ତ୍ତୀ ସମୟରେ କେଶ ଝଡ଼ିବା, ବ୍ରଣ, ଦାଗ ସମସ୍ୟା ଆଦି ସୃଷ୍ଟି କରିଥାଏ ।



### ଟୁଥ୍‌ବ୍ରଶ୍

ଅଧିକାଂଶ ଲୋକ ଟୁଥବ୍ରଶ୍ ମାସ ମାସ ଧରି ବ୍ୟବହାର କରି ଚାଲିଥାନ୍ତି । କିନ୍ତୁ ପ୍ରତି ତିନି ମାସରେ ଥରେ ଏହି ଟୁଥବ୍ରଶକୁ ବଦଳାଇବା ଆବଶ୍ୟକ ।



### ବାସନ ମଜା ସ୍ପଞ୍ଜ

ସାଧାରଣତଃ ବାସନ ମଜା ସ୍ପଞ୍ଜ ଓ ସ୍କ୍ରବକୁ ଲୋକମାନେ ଖରାପ ନ ହେବା ଯାଏ ବ୍ୟବହାର କରିଥାନ୍ତି । ସ୍କ୍ରବରରେ ଅଧିକ ସଂଖ୍ୟାରେ ବ୍ୟାକ୍ଟେରିଆ ଜମି ରହିଥାଏ, ଯାହା ବାସନ ମାଧ୍ୟମରେ ଶରୀରକୁ ପ୍ରବେଶ କରିଥାଏ । ଯେଉଁଥିରୁ ବହୁ ରୋଗ ସୃଷ୍ଟି ହୋଇଥାଏ ।

## କେଶ ପାଇଁ ରୋଜ୍ ଅଏଲ୍

**ଅଧିକାଂଶ ମହିଳାମାନେ କେଶର ଦେଖାଶୁଣା କରିବାପାଇଁ ବିଭିନ୍ନ ଦାମୀ ପ୍ରସାଧାନ ସାମଗ୍ରୀ ବ୍ୟବହାର କରିଥାନ୍ତି । କିନ୍ତୁ ସବୁଠୁ ସାଧାରଣ କଥା ତେଲ ଲଗାଇବା ପାଇଁ ସମସ୍ତେ ଭୁଲି ଯାଆନ୍ତି । କେଶରେ ତେଲ ଲଗାଇବା ଦ୍ୱାରା କେଶ ଅଧିକ ମଜଭୁତ ଓ ସିଲ୍‌କ ରହିଥାଏ ।**



**ନଡ଼ିଆ ତେଲ ଭଳି ରୋଜ ଅଏଲ୍ ବ୍ୟବହାର କରି କେଶରେ ଚମକ ଆଣିପାରିବେ । ଏହା କେଶର ସୁଗନ୍ଧ ବୃଦ୍ଧି କରିବା ସହ କେଶ ମୂଳକୁ ଦୃଢ଼ କରିଥାଏ । ତେବେ ଚାଲନ୍ତୁ ଜାଣିବା ରୋଜ୍ ଅଏଲ୍ ଲଗାଇ କିପରି କେଶର ଯତ୍ନ ନେଇପାରିବେ ।**

### ଦୂର କରେ କେଶ ରୁକ୍ଷତା

ରୋସ ଅଏଲରେ ବହୁ ପ୍ରାକୃତିକ ଗୁଣ ରହିଛି । ଯାହା କେଶକୁ ନରମ ରଖିବାରେ ବେଶ ସହାୟକ ହୋଇଥାଏ । ଏହା କେଶର ଶୁଖିଲା ପଣ, ଶୁଷ୍କତା ତଥା ରୁକ୍ଷପଣକୁ ଦୂର କରିଥାଏ । ତେଣୁ କେଶ ଦୁର୍ବଳ ତଥା ରୁକ୍ଷ ହୋଇଥିଲେ ଦୈନିକ ହେୟାରକେୟାରରେ ଏହି ତେଲ ବ୍ୟବହାର କରି ପାରିବେ ।



### କେଶ ବୃଦ୍ଧି

ପ୍ରାକୃତିକ ଉପାୟରେ କେଶ ବୃଦ୍ଧି ପାଇଁ ରୋଜ ଅଏଲ ଖୁବ ଉପକାରୀ ହୋଇଥାଏ । ଏହି ରୋଜ ଅଏଲରେ ଭିଟାମିନ, ଖଣିଜ ପଦାର୍ଥ ଓ ଆଣ୍ଟି ଅକ୍ସିଡେଣ୍ଟ ରହିଥାଏ । ଯାହା କେଶକୁ ପୋଷଣ ଦେବାସହ କେଶ ବୃଦ୍ଧିରେ ସହାୟକ ହୋଇଥାଏ । କେବଳ ସେତିକି ନୁହେଁ ଗୋଲାପ ଜଳ କେଶରେ ମସାଜ କରିବା ଦ୍ୱାରା ରକ୍ତ ସଂଚାଳନ ପ୍ରକ୍ରିୟା ଭଲ ହୋଇଥାଏ ।

ମୋ ହାଣ୍ଡିଶାଳରୁ...

## ସେଉ ତରକାରି




**ଆବଶ୍ୟକ ସାମଗ୍ରୀ -** ଛଣା ସେଉ - ଏକ କପ୍, କୋରା ନଡ଼ିଆ - ଅଧା କପ୍, ଗୋଲମରିଚ- ୩/୪ ଗୋଟି, ତେଜପତ୍ର - ଦୁଇଟି, ଡାଲଚିନି - ଛୋଟ ଖଣ୍ଡେ, ଶୁଖିଲା ଲଙ୍କା - ଦୁଇଟି, ଗୋଟା ଧଣିଆ - ଏକ ଚାମଚ, ରସୁଣ – ୩/୪ କୋଲା, ଭୃସୁଙ୍ଗପତ୍ର - ଅଳ୍ପ, ଗୋଟା ଜିରା - ଅଧା ଚାମଚ, ଜୁଆଣୀ- ଅଳ୍ପ, ଲୁଣ- ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ –** ଏକ ଗ୍ରାଇଣ୍ଡିଂ ଜାର ନେଇ ସେଥିରେ ଗୋଟା ଗରମମସଲା, କୋରା ନଡ଼ିଆ, ଶୁଖିଲା ଲଙ୍କା, ଜୀରା, ତେଜପତ୍ର, ରସୁଣ ଓ ଭୃସୁଙ୍ଗପତ୍ର ମିଶାଇ ପାଣି ଦେଇ ଗ୍ରାଇଣ୍ଡିଂ କରି ଏକ ପେଷ୍ଟ ପ୍ରସ୍ତୁତ କରି ରଖନ୍ତୁ । ଏହା ପରେ ଗ୍ୟାସ୍ ଲଗାଇ କଡ଼େଇ ବସାନ୍ତୁ । କଡ଼େଇ ଗରମ ହୋଇଯିବା ପରେ ସେଥିରେ ଏକ ଚାମଚ ତେଲ ଦେଇ ଜୀରା ପକାନ୍ତୁ । ଜୀରା ଫୁଟି ଗଲାପରେ ସେଥିରେ ଗ୍ରାଇଣ୍ଡିଂ କରି ରଖିଥିବା ପେଷ୍ଟକୁ ପକାଇ କିଛି ସମୟ କଷନ୍ତୁ । ମସଲା ଭଲରେ କଷି ହୋଇଯିବା ପରେ, ସେଥିରେ ଆଗରୁ ରଖିଥିବା ମଧ୍ୟମ ଧରଣର ଛଣା ସେଉକୁ ପକାଇ ପିଠାଖଡ଼ିକା ସାହାଯ୍ୟରେ ଏପଟସେପଟ କରନ୍ତୁ । ଏହାକୁ ଜୁକୁଜୁକିଆ ରଖି ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଏକ ପ୍ଲେଟ୍‌କୁ କାଢ଼ି ଧନିଆ ପତ୍ରରେ ସଜେଇ ପରଷନ୍ତୁ ଗରମ୍ ଗରମ୍ ‘ ସେଉ ତରକାରି’ ।

## ଫାଷ୍ଟ ବୋଲରଙ୍କ କମାଲ, ରୋହିତ ଶର୍ମାଙ୍କ ଅର୍ଦ୍ଧଶତକ

# ବିଜୟରୁ ଭାରତର ବିଶ୍ୱକପ୍ ଅଭିଯାନ





**ନ୍ୟୁୟର୍କ, ୫।୬(ଏଜେନ୍ସି):**

ଆୟର୍ଲାଣ୍ଡକୁ ୮ ୱିକେଟରେ ପରାସ୍ତ କରି ଭାରତ ବିଜୟରୁ ଟି-୨୦ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ର ଡ୍ରପ୍ ଇନ୍ ପିଚ୍‌ରେ ବୁଧବାର ଭାରତ ଓ ଆୟର୍ଲାଣ୍ଡ ମଧ୍ୟରେ ଏହି ମ୍ୟାଚ୍‌ଟି ଖେଳାଯାଇଥିଲା। ଏଥିରେ ଭାରତୀୟ ଫାଷ୍ଟ ବୋଲରମାନେ ୮ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି କରି ଆୟର୍ଲାଣ୍ଡ ୧୬ ଓଭରରେ ମାତ୍ର ୯୬ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଅଧିନାୟକ ରୋହିତ ଶର୍ମାଙ୍କ ଦ୍ରୁତ ଅର୍ଦ୍ଧଶତକ ୱିକେଟରକ୍ଷକ ଋଷଭ ପନ୍ତ୍‌ଙ୍କ ଦାୟିତ୍ୱପୂର୍ଣ୍ଣ ଅପରାଜିତ ୩୬ (୨୬ବଲ୍, ୩ ଚୌକା, ୨ଛକା) ରନ୍ ବଳରେ ଭାରତ ଏହି ବିଜୟ ଲକ୍ଷ୍ୟକୁ ୧୨.୨ ଓଭର ଓ ୨ ୱିକେଟ ହରାଇ ହାସଲ କରିନେଇଥିଲା। ରୋହିତ ମାତ୍ର ୩୭ ବଲ୍‌ରେ ୪ ଚୌକା ଓ ୩ଛକା ସହ ୫୨ ରନ୍ କରି ରିଟାୟର୍ଡ ହର୍ଟ ହୋଇଥିଲେ। ଏହି ସ୍କୋର ବଳରେ ସେ ଟି-୨୦ କ୍ରିକେଟରେ ୪,୦୦୦ ରନ୍ ପୂରଣ କରିବାରେ ସମର୍ଥ ହୋଇଥିଲେ। ଖେଳର ତୃତୀୟ ଓଭରରେ ବିରାଟ କୋହଲି ୧, ସୂର୍ଯ୍ୟକୁମାର ଯାଦବ ୨ ରନ୍‌ରେ ଆଉଟ ହୋଇଥିଲେ। ଖେଳ ଶେଷ ବେଳକୁ ପନ୍ତ୍‌ଙ୍କ ସହ ଶିବମ ଦୁବେ କୌଣସି ରନ୍ କରି ଅପରାଜିତ ରହିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ମାର୍କ ଆଡେୟାର ଓ ବେଞ୍ଜାମିନ୍ ହ୍ୱାଇଟଙ୍କୁ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ। ବୁମ୍‌ରାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

### ଫାଷ୍ଟ ବୋଲରଙ୍କୁ ୮ ୱିକେଟ

ଚଳିତ ବିଶ୍ୱକପ୍‌ରେ ପ୍ରଥମ ମ୍ୟାଚ୍ ଖେଳୁଥିବା ଭାରତ ଏଠାରେ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ ଲାଗି ଆୟର୍ଲାଣ୍ଡକୁ ସୁଯୋଗ ଦେଇଥିଲେ। ଦଳର ଦୁଇ ଓପନର ପ୍ରଥମ ୨ ଓଭର ଖେଳିଦେଇଥିଲେ। କିନ୍ତୁ ତୃତୀୟ ଓଭର ବୋଲିଂ କରିଥିବା ଅର୍ଶଦୀପ ସିଂ ପ୍ରତିପକ୍ଷ ଦଳର ଦୁଇ ଓପନରଙ୍କୁ ଆଉଟ କରି ଭାରତକୁ ସଫଳତା ଦେଇଥିଲେ। ଏହି ସମୟରେ ହାର୍ଦ୍ଦିକ ପାଣ୍ଡ୍ୟା ୩ଟି, ଯଶପ୍ରୀତ ବୁମ୍‌ରା, ମହମ୍ମଦ୍ ସିରାଜ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏଁ ୱିକେଟ ନେବା ଫଳରେ ଆୟର୍ଲାଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଯାହାଫଳରେ ଏହି ୟୁରୋପୀୟ ଦଳ ୫୦ ରନ୍‌ରେ ୮ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଗାରେଥ ଡେଲାନୀଙ୍କ ସହ ଫାଷ୍ଟ ବୋଲର ଜୋଶୁଆ ଲିଟଲ ଯୋଗଦେବା ପରେ କିଛି ହାତଖୋଲା ସଟ୍ ଦେଖିବାକୁ ମିଳିଥିଲା। ଏହି ଯୋଡି ୨୭ ରନ୍ ଉଠାଇବା ପରେ ବୁମ୍‌ରା ବୋଲିଂ କରିବାକୁ ଆସି ଏହି ଯୋଡିକୁ ଭାଙ୍ଗିଦେଇଥିଲେ। ଲିଟଲ ୧୩ ବଲ୍‌ରେ ୨ ଚୌକା ସହ ୧୪ ରନ୍ କରି ବୁମରାଙ୍କ ଶିକାର ବନିଥିଲେ। କିନ୍ତୁ ଡେଲାନୀ ୧୦ମ ତଥା ଶେଷ ୱିକେଟରେ ବେଞ୍ଜାମିନ୍ ହ୍ୱାଇଟ୍‌ଙ୍କ ସହ ୧୯ ରନ୍ ଉଠାଇ ଦଳକୁ ଏକ ବଡ଼ ସ୍କୋର ଦେଇ ନ ଥିଲେ ମଧ୍ୟ ଏଭଳି ପିଚ୍‌ରେ ସମ୍ମାନ ରକ୍ଷା କରିଥିଲେ। ଡେଲାନୀ ଶେଷ ଖେଳାଳି ଭାବେ ଆଉଟ ହୋଇଥିଲେ। ସେ ୧୪ ବଲ୍ ଖେଳି ୨ ଚୌକା ଓ ୨ ଛକା ସହ ସର୍ବାଧିକ ୨୬ ରନ୍ କରିଥିଲେ। ଦଳ ପକ୍ଷରୁ ୪ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋର୍କାନ ଟକର ୧୦ ଓ କର୍ଟିସ କାମ୍ଫର ୧୨ ରନ୍ କରିଥିଲେ।

ଭାରତ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ସର୍ବାଧିକ ୩ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ଅର୍ଶଦୀପ ସିଂ ଓ ଯଶପ୍ରୀତ ବୁମ୍‌ରା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ବୁମ୍‌ରା ତାଙ୍କ ୩ ଓଭର ବୋଲିଂରେ ଗୋଟିଏ ମେଡେନ ସହ ମାତ୍ର ୬ ରନ୍ ଦେଇ ୨ଟି ୱିକେଟ ପାଇଥିଲେ। ସିରାଜ ଓ ଅକ୍ଷରଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

## ଦ୍ରାବିଡ ପଦ ଛାଡ଼ିବା କଷ୍ଟଦାୟକ: ରୋହିତ



**ନ୍ୟୁୟର୍କ, ୫।୬(ଏଜେନ୍ସି):** ଆମେରିକାରେ ଆମେ ଖେଳିବାକୁ ଯାଉଥିବା ପିଚ୍ ବ୍ୟାଟିଂ ଲାଗି ଉପଯୋଗୀ ନୁହେଁ। ଆମେ ଭାରତରେ ଆଇପିଏଲ୍ ମ୍ୟାଚରେ ଯେପରି ରନ୍ ସଂଗ୍ରହ କରୁଥିଲୁ, ତାହା ଏଠାରେ ସମ୍ଭବ ହେଉନାହିଁ। ଏଣୁ ଆମକୁ ପିଚ୍ ସହ ଖାପ୍ ଖୁଆଇବାକୁ ପଡ଼ିବ ବୋଲି ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା କହିଛନ୍ତି। ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ପଦରୁ ରାହୁଲ ଦ୍ରାବିଡ ଅବ୍ୟାହତି ନେବା ଦୁଃଖଦାୟକ। ଏଥିଲାଗି ମୁଁ ରାହୁଲ ଭାଇଙ୍କୁ ଅନେକ ବୁଝାଇଛି, ଅନେକ ଅନୁରୋଧ କରିଛି। କିନ୍ତୁ ତାଙ୍କ ଲାଗି ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ କାମ ବାକି ରହିଛି। ଯାହା ପାଇଁ ସେ ମୁଖ୍ୟ ପ୍ରଶିକ୍ଷକ ପଦ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ତାଙ୍କୁ ହରାଇବା ଆଦୌ ଭଲ ନୁହେଁ ବୋଲି ରୋହିତ ମତ ଦିଅନ୍ତି। ତାଙ୍କ ସହିତ ମୋର ଓ ଆମ ଖେଳାଳିଙ୍କ ସମ୍ପର୍କ ଅତି ନିବିଡ଼। ମୁଁ ତାଙ୍କ ଅଧିନରେ ମୋର ଅନ୍ତର୍ଜାତୀୟ ଖେଳ ଆରମ୍ଭ କରିଥିଲି। ଏହି କ୍ରମରେ ମୁଁ ତାଙ୍କଠାରୁ ଅନେକ କିଛି ଶିଖିଛି। ଏପରିକି ସେ ପ୍ରଶିକ୍ଷକ ହେବା ପରେ ମଧ୍ୟ ତାଙ୍କଠାରୁ ଅନେକ କିଛି ଶିକ୍ଷା ଲାଭ କରିଛି। ସେ ଆମ ଲାଗି ଆଦର୍ଶ ଓ ତାଙ୍କ ଅଧିନରେ ଆମେ ଅନେକ ସଫଳତା ପାଇଛୁ ବୋଲି ରୋହିତ ଶର୍ମା ଏକ ସାକ୍ଷାତକାରରେ କହିଛନ୍ତି। ଦ୍ରାବିଡ ଶେଷଥର ଲାଗି ଭାରତୀୟ ମୁଖ୍ୟ ପ୍ରଶିକ୍ଷକ ଭାବେ ଭାରତୀୟ ଦଳର ଦାୟିତ୍ୱରେ ଅଛନ୍ତି। ଟି-୨୦ ବିଶ୍ୱକପ୍‌ରେ ପରେ ସେ ଏହି ପଦରୁ ଓହରିଯିବେ। ଏହି ପଦ ପୂରଣ କରିବା ଲାଗି ବିସିସିଆଇ ପକ୍ଷରୁ ବିଜ୍ଞାପନ ଦିଆଯାଇଛି। ଏହି ପଦରେ ରହିବାକୁ ହେଲେ ତାଙ୍କୁ ପୁନଃଆବେଦନ କରିବାକୁ କୁହାଯାଇଛି। କିନ୍ତୁ ସେ ଆବେଦନ କରିନାହାନ୍ତି। ଯାହା ଫଳରେ ଭାରତୀୟ ଦଳର ପ୍ରଶିକ୍ଷକ ପଦ ଛାଡିବାକୁ ସେ ନିଷ୍ପତ୍ତି ନେଇଛନ୍ତି।

## ଆଜି ବିଶ୍ୱକପ୍‌ରେ ଖେଳାଯିବ ୪ମ୍ୟାଚ୍

**ବାର୍ବାଡୋସ୍/ଡଲାସ, ୫।୬(ଏଜେନ୍ସି):** ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ରେ ଗୁରୁବାର ୪ଟି ଗ୍ରୁପ୍ ଲିଗ୍ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଭାରତୀୟ ସମୟ ଓ ଆୟୋଜକ ଦେଶର ସମୟ ମଧ୍ୟରେ ତଫାତ୍ ଯୋଗୁ ଏହା ସମ୍ଭବ ହେଉଛି। ବୁଧବାର ରାତିରେ ୱେଷ୍ଟଇଣ୍ଡିଜ୍‌ରେ ଦୁଇଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ଗୁଏନାରେ ରାତି ୭ଟା ୩୦ରେ ଉଗାଣ୍ଡା ଓ ପାପୁଆ ନ୍ୟୁ ଗିନି ମଧ୍ୟରେ ଓ ବାର୍ବାଡୋସ୍‌ରେ ରାତି ୮ଟା ୩୦ ମିନିଟ୍‌ରେ ଅଷ୍ଟ୍ରେଲିଆ ଓ ଓମାନ ମଧ୍ୟରେ ଖେଳାଯିବ। ଭାରତୀୟ ସମୟ ଅନୁସାରେ ଏହି ଦୁଇଟି ମ୍ୟାଚ୍ ଯଥାକ୍ରମେ ଗୁରୁବାର ସକାଳ ୫ଟା ଓ ୬ଟାରୁ ଆରମ୍ଭ ହେବ। ସେହିପରି ଆମେରିକାର ଡଲାସରେ ଦିନ ୧୦ଟା ୩୦ରେ ପାକିସ୍ତାନ ଓ ଆମେରିକା ମଧ୍ୟରେ ଗ୍ରୁପ୍-ଏ’ ଲିଗ୍ ମ୍ୟାଚ୍ ଖେଳାଯିବ। ଏହା ଭାରତୀୟ ସମୟ ଅନୁସାରେ ରାତି ୮ଟାରୁ ଆରମ୍ଭ ହେବ। ଏହି ଦିନ ରାତି ୧୨ଟା ୩୦ ମିନିଟ୍‌ରେ ସ୍କଟଲାଣ୍ଡ ଓ ନାମିବ୍ୟା ମଧ୍ୟରେ ଆଉ ଏକ ମ୍ୟାଚ୍ ବାର୍ବାଡୋସ୍‌ର ବ୍ରିଜ୍‌ଟାଉନ୍‌ରେ ଖେଳାଯିବ। ସ୍ଥାନୀୟ ସମୟ ଅନୁଯାୟୀ ଏହି ମ୍ୟାଚ୍‌ଟି ଦିନ ୩ଟାରୁ ଆରମ୍ଭ ହେବ। ଅଂଶଗ୍ରହଣକାରୀ ଦେଶ ଓ କ୍ରିକେଟ ସମର୍ଥକଙ୍କ ଗୌଗୋଳିକ ସ୍ଥିତିକୁ ଗୁରୁତ୍ୱ ଦିଆଯାଇ ଏହି କାର୍ଯ୍ୟସୂଚୀ ସ୍ଥିର କରାଯାଇଛି। ଏଣୁ ଭାରତୀୟ ସମୟ ଅନୁଯାୟୀ ଗୁରୁବାର ସକାଳ ୫ଟା, ୬ଟା, ରାତି ୯ଟା ଓ ମଧ୍ୟରାତ୍ର ୧୨ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

**ଟି-୨୦ ବିଶ୍ୱକପ୍**
**ଆଜିର ମ୍ୟାଚ୍**

**ପିଏନ୍‌ଜି-ଉଗାଣ୍ଡା**
ସ୍ଥାନ- ଗୁଏନା, ସମୟ- ସକାଳ ୫ଟା

**ଅଷ୍ଟ୍ରେଲିଆ-ଓମାନ**
ସ୍ଥାନ- ବାର୍ବାଡୋସ୍, ସମୟ- ସକାଳ ୬ଟା

**ଆମେରିକା-ପାକିସ୍ତାନ**
ସ୍ଥାନ- ଡଲାସ, ସମୟ- ରାତି ୯ଟା

**ନାମିବ୍ୟା-ସ୍କଟଲାଣ୍ଡ**
ସ୍ଥାନ- ବାର୍ବାଡୋସ, ସମୟ- ରାତି ୧୨ଟା ୩୦

**- ପ୍ରସାରଣ -**
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଡିଜନୀ ସ୍ପୋର୍ଟ୍ସ

## ୪ ହଜାର ରନ କ୍ଲବ୍‌ରେ ରୋହିତ

**ନ୍ୟୁୟର୍କ, ୫।୬(ଏଜେନ୍ସି):** ଦ୍ୱିତୀୟ ଭାରତୀୟ ବ୍ୟାଟର୍ ଭାବେ ଅଧିନାୟକ ରୋହିତ୍ ଶର୍ମା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚରେ ୪ ହଜାର ରନ ପୂରଣ କରିଛନ୍ତି। ଚଳିତ ଟି-୨୦ ବିଶ୍ୱକପ୍‌ରେ ଭାରତ ଓ ଆୟର୍ଲାଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଅବସରରେ ରୋହିତ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଏହି ମ୍ୟାଚରେ ରୋହିତ୍ ଦର୍ଶନୀୟ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ସହଜରେ ଜିତାଇଥିଲେ। ୩୭ ବର୍ଷୀୟ ରୋହିତ୍ ବର୍ତ୍ତମାନ ୧୫୨ ଟି-୨୦ ମ୍ୟାଚରୁ ୧୪୪ତମ ପାଳି ଖେଳି ୩୧.୬୨ ଆଭରେଜରେ ୪୦୧୬ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ସେ ୫ ଶତକ ଓ ୩୦ ଅର୍ଦ୍ଧଶତକ ମାରିଛନ୍ତି। ୧୨୧ ରନ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ରହିଛି। ପୂର୍ବରୁ ପ୍ରଥମ ଭାରତୀୟ ଖେଳାଳି ଭାବେ କୋହଲି ଅନ୍ତର୍ଜାତୀୟ ଟି-୨୦ରେ ୪ ହଜାର ରନ ପୂରଣ କରିଥିଲେ। କୋହଲି ବର୍ତ୍ତମାନ ୧୧୮ ମ୍ୟାଚ୍ ଖେଳି ୫୧ରୁ ଊର୍ଦ୍ଧ୍ୱ ହାରରେ ୪୦୩୮ ରନ କରିଛନ୍ତି।

### ଘରୋଇ ନୈଶ୍ୟଭୋଜି ଦେଇ ପାକ୍ ଦଳ ସମାଲୋଚିତ

## ପ୍ରଶଂସକଙ୍କଠୁ ନିଆଯାଇଛି ୨୫ ଡଲାର

**ନ୍ୟୁୟର୍କ, ୫।୬(ଏଜେନ୍ସି):** ଟି-୨୦ ବିଶ୍ୱକପ୍ ଆରମ୍ଭ ହୋଇଥିବା ବେଳେ ବାବର ଆଜମଙ୍କ ନେତୃତ୍ୱାଧୀନ ପାକିସ୍ତାନ କ୍ରିକେଟ ଦଳ ପୁଣି ଏକ ବିବାଦରେ ଛନ୍ଦି ହୋଇଛି। ଆମେରିକାର ପାକିସ୍ତାନ କ୍ରିକେଟ ଦଳ ଏକ ନୈଶ୍ୟଭୋଜି ଆୟୋଜନ କରିଥିଲା। ବାବର ଆଦାନ ପ୍ରଦାନ କରିବାକୁ ଏହି ଭୋଜୀରେ ଯୋଗ ଦେବାକୁ ଆମନ୍ତ୍ରଣ କରାଯାଇଥିଲା। କିନ୍ତୁ ଏଥିରେ ଯୋଗ ଦେବାକୁ ୨୫ ଡଲାର ଅର୍ଥାତ ପଖାପାଖି ୨୦୮୫ ଟଙ୍କା ପ୍ରଶଂସକଙ୍କୁ ଦେବାକୁ ପଡିଥିଲା। ଏହି ନୈଶ୍ୟଭୋଜି କୌଣସି ସମାଜ ମଙ୍ଗଳ କାର୍ଯ୍ୟକ୍ରମ ବା ଚ୍ୟାରିଟି ପାଇଁ ଉଦ୍ଦିଷ୍ଟ ନଥିଲା। ଫଳରେ ଏ ନେଇ ବିବାଦ ସୃଷ୍ଟି ହୋଇଛି। ପାକିସ୍ତାନ ପୂର୍ବତନ କ୍ରିକେଟର ତଥା ୱିକେଟରକ୍ଷକ ବ୍ୟାଟର ରସିଦ ଲତିଫ ଏହାର ପର୍ଦ୍ଦାଫାଶ କରିଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଓ କ୍ରିକେଟରମାନେ ଏହି ନୈଶ୍ୟଭୋଜି ଆୟୋଜିତ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

ମାତ୍ର କିଛି ଅର୍ଥ ପାଇଁ ଅଣଆନୁଷ୍ଠାନିକ ଭାବେ ଏଭଳି ନୈଶ୍ୟଭୋଜି ଆୟୋଜନ କରିବା ଠିକ୍ ନୁହଁ ବୋଲି ଲତିଫ କହିଛନ୍ତି। ବିଶ୍ୱକପ୍‌ରେ ପାକିସ୍ତାନ ଏପର୍ଯ୍ୟନ୍ତ ତା’ର ପ୍ରଥମ ମ୍ୟାଚ୍ ଖେଳିନାହିଁ। ତେଣୁ ଏଭଳି କାର୍ଯ୍ୟକ୍ରମ ପାକିସ୍ତାନ କ୍ରିକେଟକୁ ବଦ୍‌ନାମ କରୁଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ଖେଳାଳିମାନେ ଏଭଳି ଭୁଲ କରିବାରୁ ନିବୃତ ରହିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି। ଶୁକ୍ରବାର ପାକିସ୍ତାନ ଆୟୋଜକ ଆମେରିକା ବିପକ୍ଷରେ ମ୍ୟାଚ୍ ଖେଳି ତା’ର ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଡଲାସର ଗ୍ରାଣ୍ଡ ପ୍ରେଇରି ଷ୍ଟାଡିୟମରେ ଖେଳାଯିବ।

## ବିଶ୍ୱ ରେକର୍ଡଧାରୀ କିପରୁଟୋ ୬ ବର୍ଷ ବାସନ୍ଦ




**ଲଣ୍ଡନ, ୫।୬ (ଏଜେନ୍ସି):** କେନିଆ ଧାବକ ତଥା ପୁରୁଷ ୧୦ କିମି ରୋଡ୍ ରେସ୍‌ରେ ବିଶ୍ୱରେକର୍ଡର ଅଧିକାରୀ ରହିଥିବା ରୋନେକ୍ସ କିପରୁଟୋ ଡୋପ୍ ମାମଲାରେ ୬ ବର୍ଷ ଲାଗି ବାସନ୍ଦ ହୋଇଛନ୍ତି। ଆଥ୍‌ଲେଟିକ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) କିପରୁଟୋଙ୍କୁ ଏହି ବାସନ୍ଦାଦେଶ କରିଛି। ୧୦ ମେ ୨୦୨୯ରେ ତାଙ୍କ ବାସନ୍ଦାଦେଶ ଉଠିବ।

୨୪ ବର୍ଷୀୟ ଏହି କେନିଆ ଆଥ୍‌ଲେଟ୍ ୨୦୨୦ରେ ୧୦ କିମି ରେସ୍‌କୁ ୨୬ ମିନିଟ୍ ୨୪ ସେକେଣ୍ଡରେ ଫିନିଶ କରି ବିଶ୍ୱରେକର୍ଡ କରିଥିଲେ। ସେହିଭଳି ୨୦୧୯ ବିଶ୍ୱଚାମ୍ପିଅନସିପ୍‌ରେ ମଧ୍ୟ ସେ କାଂସ୍ୟ ପଦକ ଜିତିଥିଲେ। ଗତ ବର୍ଷ ମେ’ରେ ଏହି ଡୋପିଂ ମାମଲାରେ ତାଙ୍କୁ ପ୍ରଥମେ ସାମୟିକ ଭାବେ ବାସନ୍ଦ କରାଯାଇଥିଲା।

## ଭାରୋତ୍ତୋଳିକା ସନ୍ଦୀପ କୌର ୧୦ ବର୍ଷ ବାସନ୍ଦ

**ନୂଆଦିଲ୍ଲୀ, ୫।୬(ଏଜେନ୍ସି)**

ପଞ୍ଜାବ ଭାରୋତ୍ତୋଳିକା ସନ୍ଦୀପ କୌରଙ୍କୁ ଡୋପିଂ କାରଣରୁ ୧୦ ବର୍ଷ ପାଇଁ ବାସନ୍ଦ କରାଯାଇଛି। ଜାତୀୟ ନିଶା ନିବାରଣ ସଂସ୍ଥା (ନାଡା) ୩୧ ବର୍ଷୀୟ ସନ୍ଦୀପଙ୍କୁ ସର୍ବାଧିକ ୧୦ ବର୍ଷର ସମୟ ଅବଧି ପାଇଁ ବାସନ୍ଦ କରି ଡୋପିଂ ବିରୋଧରେ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଛି। ଦ୍ୱିତୀୟଥର ପାଇଁ ଡୋପିଂ ନିୟମ ଉଲ୍ଲଂଘନ କରିଥିବାରୁ ତାଙ୍କ ବିରୋଧରେ ଏହି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି କୁହାଯାଇଛି। ପୂର୍ବରୁ ନିଷିଦ୍ଧ ପଦାର୍ଥ ଷ୍ଟାନୋଜୋଲୋଲ କାରଣରୁ ୨୦୧୯ରେ ତାଙ୍କୁ ପ୍ରଥମଥର ପାଇଁ ବାସନ୍ଦ ହୋଇଥିଲେ। ଏଥର ତାଙ୍କ ନମୁନାରେ ଏକାଧିକ ନିଷିଦ୍ଧ ପଦାର୍ଥ ଚିହ୍ନଟ ହୋଇଛି। ପ୍ରଥମ ଡୋପିଂ ନିୟମ ଉଲ୍ଲଂଘନ କରି ସେ ୪ ବର୍ଷ ବାସନ୍ଦ ହୋଇଥିଲେ ଓ ଗତ ଅଗଷ୍ଟରେ କ୍ରୀଡ଼ାକୁ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ଜାତୀୟ ସିନିଅର ମହିଳା ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ୬୯ କେଜି ବର୍ଗ ପ୍ରତିଯୋଗିତାରେ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ। ଉଲ୍ଲେଖଥାଉ କି, ନାଡା ଇତିମଧ୍ୟରେ ୪୦ ଜଣ ଆଥଲେଟଙ୍କୁ ସାମୟିକ ଭାବେ ବାସନ୍ଦ କରିସାରିଛି। ଏମାନଙ୍କ ମଧ୍ୟରେ ଅଧିକାଂଶ ଦୌଡ଼କୁଦ ଆଥଲେଟ୍ ଓ କୁସ୍ତିଯୋଦ୍ଧା ସାମିଲ ରହିଛନ୍ତି।

**ଫ୍ରେଞ୍ଚ ଓପନ୍ ଟେନିସ୍**


କାର୍ଲୋସ ଆଲକାରାଜ

# ସେମିରେ ଆଲ୍‌କାରାଜ, ରୁଡ୍


ଜାସ୍‌ମିନ ପାଓଲିନି

**ପ୍ୟାରିସ୍, ୫।୬(ଏଜେନ୍ସି)**

ସ୍ଥାନୀୟ ରୋଲାଣ୍ଡ ଗ୍ୟାରସ୍ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ଫ୍ରେଞ୍ଚ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟ ବୁଧବାର ଏକାଦଶ ଦିବସରେ ପହଞ୍ଚିଛି। ଉଭୟ ପୁରୁଷ ଓ ମହିଳା ଏକକରେ ତାରକା ତଥା ସିଡେଡ ଖେଳାଳିମାନେ କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଏକକରେ ସ୍ପେନ ଯୁବ ତାରକା କାର୍ଲୋସ ଆଲକାରାଜ ଓ ନରୱେର କାସ୍ପେର ରୁଡ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତୃତୀୟ ସିଡ୍ ଆଲକାରାଜ ୬-୩, ୭-୬, ୬-୪ ସେଟ୍‌ରେ ୯ମ ସିଡ୍ ଗ୍ରୀସ୍‌ର ଷ୍ଟିଫାନୋସ ସିତସିପାସଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି। ଆଲକାରାଜ ପୂର୍ବରୁ ୨୦୨୩, ୨୦୨୪ରେ ଫ୍ରେଞ୍ଚ୍ ଓପନ୍ ସେମିରେ ପ୍ରବେଶ କରିଥିଲେ ମଧ୍ୟ ପରାସ୍ତ ହୋଇ ଫାଇନାଲ ଟିକଟ ହାସଲ କରିପାରି ନଥିଲେ। ସେହିପରି ଅଭିଜ୍ଞ ସର୍ବିୟ ଖେଳାଳି ଶ୍ରେଷ୍ଠ ନୋଭାକ ଜୋକୋଭିଚ୍ ଆଘାତ ସମସ୍ୟା କାରଣରୁ କ୍ୱାର୍ଟର ଫାଇନାଲରୁ ଓହରିଯିବା ଫଳରେ ରୁଡ୍ ୱାକ୍‌ଓଭର ପାଇଁ ସେମିକୁ ଉଠିଛନ୍ତି। ସେମିରେ ଆଲକାରାଜ ଶୁକ୍ରବାର ଦ୍ୱିତୀୟ ସିଡ୍ ଇଟାଲୀର ଜାନିକ ସିନରଙ୍କୁ ଭେଟିବେ। ସେହିପରି ରୁଡ୍ ଚତୁର୍ଥ କ୍ୱାର୍ଟର ଫାଇନାଲର ବିଜେତା ଚତୁର୍ଥ ସିଡ୍ ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭ କିମ୍ବା ୧୧ତମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ଭେଟିବେ।

### ରିବାକିନା, ସାବାଲେଙ୍କାଙ୍କ ବିପର୍ଯ୍ୟୟ; ସେମିରେ ପାଓଲିନି

ମହିଳା ଏକକରେ ବୁଧବାର ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଦ୍ୱାଦଶ ସିଡ୍ ଖେଳାଳି ଇଟାଲୀର ଜାସ୍‌ମିନ ପାଓଲିନି ଚତୁର୍ଥ ସିଡ୍ ଖେଳାଳି କାଜାଖସ୍ଥାନର ଏଲିନା ରିବାକିନାଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇବା ସହ ସେମିରେ ପ୍ରବେଶ କରିଛନ୍ତି। ୨୮ ବର୍ଷୀୟା ପାଓଲିନି ୬-୨, ୪-୬, ୬-୪ ସେଟ୍‌ରେ ବିଜୟୀ ହୋଇ କ୍ୟାରିୟରରେ ପ୍ରଥମଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ସେମିରେ ପ୍ରବେଶ କରିଛନ୍ତି। ସେମିରେ ସେ ରୁଷିଆର ୧୭ ବୟସ୍କା ଖେଳାଳି ମୀରା ଆଣ୍ଡ୍ରିଭାଙ୍କୁ ଭେଟିବେ। ମୀରା ଅନ୍ୟ ଏକ କ୍ୱାଟର ଫାଇନାଲ୍ ମ୍ୟାଚ୍‌ରେ ଦ୍ୱିତୀୟ ସିଡ୍ ବେଲାଋଷର ଅରିନା ସାବାଲେଙ୍କାଙ୍କୁ ୬-୭, ୬-୪, ୬-୪ ସେଟ୍‌ରେ ହରାଇ ବିପର୍ଯ୍ୟୟ ଘଟାଇବା ସହ ସେମିକୁ ଉଠିଛନ୍ତି।

### ସେମିରେ ବୋପାନ୍ନା

ଅଭିଜ୍ଞ ଭାରତୀୟ ପୁରୁଷ ଖେଳାଳି ରୋହନ ବୋପାନ୍ନା ଯୁଗଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ପୁରୁଷ ଯୁଗଳ କ୍ୱାର୍ଟର ଫାଇନାଲରେ ବୋପାନ୍ନା ଓ ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନ ୭-୬, ୫-୭, ୬-୭ ସେଟ୍‌ରେ ୧୦ମ ସିଡ୍ ବେଲଜିୟମ ଯୋଡି ସାଣ୍ଡର ଗିଲେ ଓ ଜୋରାନ ଭ୍ଲିଏଗେନଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି। ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଏହି ଭାରତ ଓ ଅଷ୍ଟ୍ରେଲିଆ ଯୋଡି ଇଟାଲୀର ୧୧ତମ ସିଡ୍ ଯୋଡି ସାଇମନ ବୋଲେଲି ଓ ଆନ୍ଦ୍ରିଆ ଭାଭାଶୋରୀଙ୍କୁ ଭେଟିବେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ ● ପାଉଣ୍ଡ ୧୦୬.୩୨
- ୟୁରୋ ୯୦.୨୯ ● ୟେନ୍ ୦.୫୩

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୯୬୦ (ନୂଆଦିଲ୍ଲୀ)
- ରୁପା : ୯୪,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୩୮୨.୦୦
- ନିଫ୍ଟି ୨୨,୬୨୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ସାବିତ୍ରୀରେ ଖିମଜୀ ଜୁଏଲର୍ସର ସ୍ୱତନ୍ତ୍ର ରିଆତି






**ସୁନା ଗହଣା-ଗଢ଼ା ମଜୁରୀରେ ୫୦% ପର୍ଯ୍ୟନ୍ତ ଛାଡ**

**ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିଆତି**

ଭୁବନେଶ୍ୱର, ୫।୬ (ସମିସ): ଖିମଜୀ ଜୁଏଲର୍ସ ସାବିତ୍ରୀ ବ୍ରତ ଉପଲକ୍ଷେ ଏହାର ଗ୍ରାହକମାନଙ୍କୁ ଏକ ସ୍ୱତନ୍ତ୍ର ରିଆତି ପ୍ରଦାନ କରୁଛି । ଗ୍ରାହକମାନେ ଓଡ଼ିଶାରେ ଥିବା ଏହାର ସମସ୍ତ ଷ୍ଟୋର୍‌ରେ ଜୁନ୍ ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ସୁନା ଗହଣା ଗଢା ମଜୁରୀ ଉପରେ ୫୦% ପର୍ଯ୍ୟନ୍ତ ରିଆତି ଏବଂ ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିଆତି ପାଇପାରିବେ । ଏହି ସ୍ୱତନ୍ତ୍ର ଅଫର ଖିମଜୀ ଜୁଏଲର୍ସର ଭୁବନେଶ୍ୱର, ବ୍ରହ୍ମପୁର, କଟକ, ପୁରୀ, ଝାରସୁଗୁଡା ଓ ରାଉରକେଲାରେ ଥିବା ଷ୍ଟୋରଗୁଡିକରେ ଉପଲବ୍ଧ । ଏହି ଅଫର୍ ଚଳିତ ସାବିତ୍ରୀ ବ୍ରତକୁ ମହିଳାମାନଙ୍କ ନିମନ୍ତେ ଅଧିକ ସ୍ମରଣୀୟ କରିବା ଲକ୍ଷ୍ୟ ରଖିଛି, ଯେଉଁମାନେ ସେମାନଙ୍କର ବୈବାହିକ ବନ୍ଧନକୁ ଅତ୍ୟନ୍ତ ସୁନ୍ଦର ଏବଂ ଚିରନ୍ତନ ଗହଣାଗୁଡିକ ସହିତ ପାଳନ କରିବାକୁ ଚାହୁଁଛନ୍ତି । ଏ ସମ୍ପର୍କରେ ଖିମଜୀ ଜୁଏଲର୍ସର ଡାଇରେକ୍ଟର ମିତେଶ ଖିମଜୀ କହିଛନ୍ତି ଯେ, ସାବିତ୍ରୀ ବ୍ରତ ଆମ ସଂସ୍କୃତିରେ ବିବାହିତା ମହିଳାମାନଙ୍କ ନିମନ୍ତେ ଏକ ଉଲ୍ଲେଖନୀୟ ଦିବସ । ସୁନା ଓ ହୀରା ଗହଣାଗୁଡିକ ଉପରେ ଆମର ସ୍ୱତନ୍ତ୍ର ରିହାତି ଏହି ପର୍ବ ପାଳନ କରୁଥିବା ପରିବାରଗୁଡିକର ଅଂଶବିଶେଷ ହେବ ଏବଂ ବହୁମୂଲ୍ୟ ଗ୍ରାହକମାନଙ୍କୁ ଏହି ବ୍ରାଣ୍ଡ ପ୍ରତି ସେମାନଙ୍କର ନିରନ୍ତର ପ୍ରତିବଦ୍ଧତା, ବିଶ୍ୱାସ ଏବଂ ଆନୁଗତ୍ୟ ନିମନ୍ତେ ଆମର କୃତଜ୍ଞତା ଜଣାଇବାର ସୁଯୋଗ ପ୍ରଦାନ କରୁଛି । ଆମେ ଆଶା କରୁଛୁ ଏହି ଅଫର୍‌ଗୁଡିକ ସେମାନଙ୍କର ଉତ୍ସବ ପାଳନକୁ ଆନନ୍ଦ ଓ ସୌନ୍ଦର୍ଯ୍ୟରେ ଭରିଦେବ ।

## ଜିନ୍ଦଲ ଷ୍ଟେନ୍‌ଲେସ ପକ୍ଷରୁ ବିଶ୍ୱ ପରିବେଶ ଦିବସ

ଭୁବନେଶ୍ୱର, ୫।୬ (ସମିସ): ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସ୍ ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ପରିବେଶ ରକ୍ଷଣାବେକ୍ଷଣକୁ ପ୍ରୋତ୍ସାହିତ କରିବା ସହ କର୍ମଚାରୀମାନଙ୍କ ପାଇଁ ଏକ ୧୦ ଦିନିଆ 'ଗୋ ଗ୍ରୀନ୍' ଅଭିଯାନର ଶୁଭାରମ୍ଭ କରିଛି । ଓଡ଼ିଶାର ଯାଜପୁର ଏବଂ ହରିୟାନାର ହିସାରରେ ଥିବା ଉତ୍ପାଦନ ପ୍ଲାଣ୍ଟ ଓ କର୍ପୋରେଟ କାର୍ଯ୍ୟାଳୟରେ ବାର୍ଷିକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନର ତୃତୀୟ ସଂସ୍କରଣ ଆୟୋଜିତ ହୋଇଥିଲା । ଏଥିରେ ଶତାଧିକ କର୍ମଚାରୀ ଅଂଶଗ୍ରହଣକରିଥିଲେ । ଏକ ଅଣଲାଭକାରୀ ସଂଗଠନ ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନ୍ ସହଯୋଗରେ ଆୟୋଜିତ ଏହି ଅଭିଯାନ ପରିବେଶ ଦାୟିତ୍ୱ ଏବଂ ସଷ୍ଟେନେବଲ୍ ଅଭ୍ୟାସ ପ୍ରତି ଜିନ୍ଦଲ ଷ୍ଟେନଲେସର ପ୍ରତିବଦ୍ଧତାକୁ ଦୋହରାଇଛି । ଏହି ଅବସରରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମର ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନର ତୃତୀୟ ସଂସ୍କରଣରେ ୩.୧ ଟନ୍ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ ହେବା ସହ ସଂଗୃହୀତ ବର୍ଜ୍ୟବସ୍ତୁର ପରିମାଣ ଗତ ବର୍ଷ ତୁଳନାରେ ୫୫% ରୁ ଅଧିକ ବୃଦ୍ଧି ପାଇଛି । ବିଶ୍ୱ ପରିବେଶ ଦିବସ ଆମ ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ଏକ ବାର୍ତ୍ତା ଦିଏ । ଜିନ୍ଦଲ ଷ୍ଟେନଲେସର ପ୍ରତ୍ୟେକ କାର୍ଯ୍ୟକ୍ରମ ସଷ୍ଟେନେବେଲିଟିକୁ କେନ୍ଦ୍ରରେ ରଖି କରାଯାଏ । ଆମେ ବାସ୍ତବ ପରିବର୍ତ୍ତନ ଆଣିବା ସହ ଭବିଷ୍ୟତ ପିଢ଼ିର କଲ୍ୟାଣ ପାଇଁ ଏକ ସ୍ଥାୟୀ ସକାରାତ୍ମକ ପ୍ରଭାବ ଆଣିବାକୁ ପ୍ରତିଶ୍ରୁତିବଦ୍ଧ ।



**ଟିଭି ଦେଖିବା ହେବ ମହଙ୍ଗା ।**

# ସବ୍‌ସ୍କ୍ରିପ୍‌ସନ୍ ମୂଲ୍ୟ ୮% ବଢ଼ିପାରେ

ନୂଆଦିଲ୍ଲୀ, ୫।୬ (ଏଜେନ୍ସି)



ନିର୍ବାଚନ ଶେଷ ହେବା ସହ ଫଳାଫଳ ପ୍ରକାଶ ପାଇବା କ୍ଷଣି ଗ୍ରାହକଙ୍କୁ ଲାଗିଛି ମହଙ୍ଗା ମାଡ଼ର ଝଟ୍‌କା । ଏବେ ଏହି ମହଙ୍ଗା ମାଡ଼ ଟିଭି ଦର୍ଶକଙ୍କୁ ଲାଗିବାକୁ ଯାଉଛି । କାରଣ ଖୁବ୍ ଶୀଘ୍ର ଟିଭି ଦେଖିବା ପାଇଁ ଆପଣଙ୍କୁ ଅଧିକ ସବସ୍କ୍ରିପସନ୍ (ଟିଭି ଚ୍ୟାନେଲ ସବସ୍କ୍ରିପସନ୍) ବାବଦ ଅର୍ଥ ଖର୍ଚ୍ଚ କରିବାକୁ ପଡିବ । ଯାହା ଫଳରେ ଟିଭି ଦେଖିବା ମହଙ୍ଗା ହେବ । ଅନେକ ଓଟିଟି ପ୍ଲାଟଫର୍ମ ସେମାନଙ୍କର ହାର ବୃଦ୍ଧି କରିବାକୁ ଯାଉଛନ୍ତି । ଏହାଛଡା ଡିଜ୍‌ନୀ ଷ୍ଟାର, ଭାୟାକମ୍ ୧୮, ଜି ଏଣ୍ଟରଟେନମେଣ୍ଟ ଏବଂ ସୋନୀ ପିକ୍‌ଚର୍ସ ନେଟୱାର୍କ ସବସ୍କ୍ରିପସନ୍ ମୂଲ୍ୟ ବଢାଇବାକୁ ଯାଉଛନ୍ତି । ଟିଭି ସବସ୍କ୍ରିପସନ୍ ମୂଲ୍ୟ ବଢ଼ିବା ପରେ ଗ୍ରାହକଙ୍କୁ ଚ୍ୟାନେଲ୍ ରିଚାର୍ଜ କରିବା ପାଇଁ ଅଧିକ ଅର୍ଥ ବ୍ୟୟ କରିବାକୁ ପଡିବ ।

ରିପୋର୍ଟ ଅନୁଯାୟୀ ଟିଭି ସବସ୍କ୍ରିପସନ୍ ମୂଲ୍ୟ ୫ରୁ ୮ ପ୍ରତିଶତ ମହଙ୍ଗା ହେବ । ଯଦି ଆପଣ ବର୍ତ୍ତମାନ ଟିଭି ଦେଖିବା ପାଇଁ ମାସିକ ସବସ୍କ୍ରିପସନ୍ ପାଇଁ ୫୦୦ ଟଙ୍କା ଦେଉଥାନ୍ତି, ତେବେ ଏହି ମୂଲ୍ୟ ଏବେ ପ୍ରାୟ ୪୦ ଟଙ୍କା ବୃଦ୍ଧି ହୋଇପାରେ । ଯଦି ଆପଣ ମାସକୁ ୧୦୦୦ ଟଙ୍କା ରିଚାର୍ଜ କରୁଛନ୍ତି, ତେବେ ଆପଣଙ୍କୁ ଅତିରିକ୍ତ ୮୦ ଟଙ୍କା ଦେବାକୁ ପଡିବ । ଟିଭି ରିଚାର୍ଜ ମୂଲ୍ୟ ବଢାଇବାକୁ ନେଇ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଲୋକସଭା ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କମ୍ପାନୀଗୁଡିକୁ କହିଥିଲା । ବର୍ତ୍ତମାନ ଲୋକସଭା ନିର୍ବାଚନ ଶେଷ ହୋଇଥିବାରୁ ଟିଭି ଚ୍ୟାନେଲ ଦର ବଢ଼ିବା ସୁନିଶ୍ଚିତ ହୋଇଛି । ସମସ୍ତ ପ୍ରସାରଣକାରୀ କମ୍ପାନୀ ନୂଆ ଚୁକ୍ତିନାମା କରିବାକୁ ଡିପିଓକୁ କହିଥିଲେ । ଏହାପରେ ଟେଲିକମ୍ ରେଗୁଲେଟରୀ ଅଥରିଟି ଅଫ୍ ଇଣ୍ଡିଆ ସମସ୍ତ ପ୍ରସାରଣକାରୀଙ୍କୁ କହିଥିଲେ ଯେ ଲୋକସଭା ନିର୍ବାଚନ ପର୍ଯ୍ୟନ୍ତ ସିଗନାଲ୍ ବନ୍ଦ କରନ୍ତୁ ନାହିଁ । ବର୍ତ୍ତମାନ ଟ୍ରାଇ ଏହାକୁ ଯେକୌଣସି ସମୟରେ ମଞ୍ଜୁରୀ ଦେଇପାରେ । ଚଳିତବର୍ଷ ଜାନୁଆରୀରେ ସମସ୍ତ ଚ୍ୟାନେଲ ଦାମ୍ ୧୦ ପ୍ରତିଶତ ବୃଦ୍ଧି କରିଥିଲେ । ଭାୟାକମ୍ ୧୮ ଦାମ୍ ସର୍ବାଧିକ ୨୫ ପ୍ରତିଶତ ବୃଦ୍ଧି କରିଛି । ମ୍ୟାଚ୍ ପ୍ରସାରଣ ଅଧିକାର ଏବଂ ମନୋରଞ୍ଜନ ଚ୍ୟାନେଲଗୁଡିକର ବଜାର ଅଂଶ ବୃଦ୍ଧି ହେତୁ ଏହି ବୃଦ୍ଧି କରାଯାଇଥିଲା । ଫେବୃଆରୀରୁ ଏହି ନୂଆ ରିଚାର୍ଜ ମୂଲ୍ୟ କାର୍ଯ୍ୟକାରୀ ହୋଇଥିଲା ।

# ନିର୍ବାଚନ ଫଳାଫଳ ପରେ ଅସ୍ଥିର ଶେୟାର ବଜାର

ମୁମ୍ବଇ, ୫।୬ (ଏଜେନ୍ସି)

ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରଠାରୁ ଅସ୍ଥିର ହୋଇଯାଇଛି ଘରୋଇ ଶେୟାର ବଜାର । ବୁଧବାରର ବୃହତ୍ ୬୦୦୦ ପଏଣ୍ଟ ହ୍ରାସ ପରେ ଶେୟାର ବଜାର ଆଜି ପୁନର୍ବାର ଏହା ପୂର୍ବ ଟ୍ରାକ୍‌କୁ ଫେରିଛି । ଏଥିଯୋଗୁ ସେନ୍‌ସେକ୍ସରେ ୨୩୦୦ ପଏଣ୍ଟରୁ ଅଧିକ ବୃଦ୍ଧି ଘଟିଥିବାବେଳେ ନିଫ୍ଟିରେ ମଧ୍ୟ ୭୩୬ ପଏଣ୍ଟ ବୃଦ୍ଧି ପରିଲକ୍ଷିତ ହୋଇଛି । ଏନ୍‌ଡିଏର ଆସନ ସଂଖ୍ୟା ୩୦୦ ତଳକୁ ଖସିଆସିବାର ସିଧାସଳଖ ପ୍ରଭାବ ମଙ୍ଗଳବାର ଶେୟାର ବଜାର ଉପରେ ପଡ଼ିଥିଲା । ସାଧାରଣ ନିର୍ବାଚନର ଅପ୍ରତ୍ୟାଶିତ ଫଳାଫଳ ଘରୋଇ ପୁଞ୍ଜିବଜାରରେ ନିବେଶକଙ୍କ ମଧ୍ୟରେ ଏକ ଆଶଙ୍କାର ବାତାବରଣ ସୃଷ୍ଟି କରିଛି । ଏହି ସ୍ଥିତି ଆଜି ମଧ୍ୟ ବଜାର କାରବାରରେ ଜାରି ରହିଥିଲା । ରାଜନୈତିକ ଅସ୍ଥିରତା ମଧ୍ୟରେ ଏନ୍‌ଡିଏକୁ ସହଯୋଗୀ ଦଳ ସରକାର ଗଠନ ନେଇ ଦେଇଥିବା ସମର୍ଥନ ପ୍ରତିଶ୍ରୁତି ବଜାର କାରବାରରେ ନିବେଶକଙ୍କ ଆସ୍ଥା ଜିଣିଥିଲା । ଏହାଫଳରେ ସେନ୍‌ସେକ୍ସରେ ୨୩୦୦ ପଏଣ୍ଟରୁ ଅଧିକ ବୃଦ୍ଧି ଘଟିଛି ।

ବୁଧବାର ୩୦ ସେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୨୩୦୩ ପଏଣ୍ଟ ବା ୩.୨ ପ୍ରତିଶତ ବୃଦ୍ଧି ଘଟି ୭୪,୩୮୨ ପଏଣ୍ଟ ସ୍ତର ପଏଣ୍ଟରେ କାରବାର ଶେଷ ହୋଇଥିଲା । ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୭୩୬ ପଏଣ୍ଟ ବା ୩.୩୬ ପ୍ରତିଶତ ହ୍ରାସ ଘଟି ୨୨,୬୨୦ ପଏଣ୍ଟରେ କାରବାର ବନ୍ଦ ହୋଇଥିଲା । ବୁଧବାର କାରବାର ଆରମ୍ଭରୁ ସେନ୍‌ସେକ୍ସ ଏବଂ ନିଫ୍ଟିରେ କ୍ରମାଗତ ହ୍ରାସ ଏବଂ ବୃଦ୍ଧି ଦେଖିବାକୁ ମିଳିଥିଲା । ବଜାର କାରବାର ଆରମ୍ଭ ହେବା ପରେ ମାତ୍ର ୫ ମିନିଟ୍‌ରେ ସେନ୍‌ସେକ୍ସ ୬୦୦ ଅଙ୍କ ବୃଦ୍ଧି ପାଇଥିଲା, କିନ୍ତୁ କିଛି ସମୟ ପରେ ଦୁଇ ଇଣ୍ଡେକ୍ସ ନିମ୍ନଗାମୀ ହୋଇଯାଇଥିଲା । ୧୫ ମିନିଟ୍ ମଧ୍ୟରେ ଦୁଇଥର ଏପରି ଦେଖିବାକୁ ମିଳିଥିଲା । ସୂଚନା ଥାଉକି, ମଙ୍ଗଳବାର ସେୟାର ବଜାର ଗୋଟିଏ ଦିନରେ ୬ ହଜାର ପଏଣ୍ଟ ଖସିଯିବାରୁ ନିବେଶକଙ୍କ କୋଟି କୋଟି ଟଙ୍କା ବୁଡିଯାଇଥିଲା ।



**ବୃହତ୍ ହ୍ରାସ ପରେ ପୁଣି ଉଠିଲା ପୁଞ୍ଜିବଜାର**

**ସେନ୍‌ସେକ୍ସରେ ୨୩୦୩ ପଏଣ୍ଟ ବୃଦ୍ଧି**

## ନିଫ୍ଟି ରଚିଲା ବିଶ୍ୱ ରେକର୍ଡ

**ଦିନକରେ ସର୍ବାଧିକ ୧୯ ୭୧ କୋଟିର ଅର୍ଡର**

ମୁମ୍ବାଇ, ୫।୬ (ଏଜେନ୍ସି): ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ବୁଧବାର ବିଶ୍ୱ ରେକର୍ଡ କରିଛି । ସକାଳ ୯ଟା ୧୫ରୁ ଆରମ୍ଭ ହୋଇଥିବା ଏହି କାରବାରରେ ଅପରାହ୍ନ ସାଢ଼େ ୩ଟା ସୁଦ୍ଧା ମୋଟ ୧୯ ୭୧ କୋଟିର ଅର୍ଡର ମିଳିଥିଲା । ଏହାସହ ଏନଏସଇ ଗୋଟିଏ ଦିନରେ ସର୍ବାଧିକ ଅର୍ଡର କରିବାର ମାଇଲଖୁଣ୍ଟ ହାସଲ କରିଛି । ଏନଏସଇ ସିଇଓ ଆଶିଷ ଚୌହାନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସୂଚନାରେ କହିଛନ୍ତି ଯେ ଜୁନ୍ ୫ରେ କାରବାରର ଗୋଟିଏ ଦିନରେ ଆମେ ୧୯ ୭୧ କୋଟି ଅର୍ଡର ପରିଚାଳନା କରିଥିଲୁ ।

## 'ଆକାଶ'ର ୩୫ ଛାତ୍ରଛାତ୍ରୀ ନିଟ୍ ୟୁଜି ପରୀକ୍ଷାରେ କୃତକାର୍ଯ୍ୟ



ଭୁବନେଶ୍ୱର, ୫।୬ (ସମିସ)

ନିଟ୍ ୟୁଜି ପରୀକ୍ଷାରେ ଆକାଶ ଏଜୁକେସନାଲ ସର୍ଭିସେସ୍ ଲିମିଟେଡ (ଏଇଏସ୍‌ଏଲ୍) ର ୩୫ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଓଡ଼ିଶାରେ ପ୍ରତିଦ୍ୱନ୍ଦିତାମୂଳକ ପରୀକ୍ଷା ପାଇଁ ଉତ୍ତମ କୋଚିଂ ପ୍ରଦାନ କରୁଥିବା ଏହି ଶିକ୍ଷାନୁଷ୍ଠାନର ଗୌତମ ସିଆଲ ୭୧୫ ସ୍କୋର କରିବା ସହ ସର୍ବଭାରତୀୟ ସ୍ତରରେ ୧୯୦ତମ ସ୍ଥାନରେ ରହିଛି । ତାଙ୍କସହ ସେହି ସମାନ ସ୍କୋର ରଖି ଓମ୍ ଅମ୍ରିତ ମହାନ୍ତି ୨୧୫, ମହମ୍ମଦ ଜାୟଦ ଖାନ ୨୧୭, ଉତ୍ତମ କୁମାର ପଣ୍ଡା ୨୩୪, ପ୍ରିତମ ପାତ୍ର ୨୬୫, ଅଭିକ ଦ୍ୱିଜେଶ ଦାସ ୨୯୧, ଆୟୁଷ ଆୟୁଷ୍ମାନ ୨୯୪ ରାଙ୍କ ହାସଲ କରିଛନ୍ତି । ସେହିପରି ଆର୍ଯ୍ୟାନ ଦାସ ୭୧୦ ସ୍କୋର ସହିତ ୫୯୩ ତମ ସ୍ଥାନରେ ରହିଛନ୍ତି । କୃତୀ ଛାତ୍ରଛାତ୍ରୀମାନେ ପ୍ରତିକ୍ରିୟା ରଖି କହିଛନ୍ତି, ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଏଇଏସ୍‌ଏଲ୍ର କ୍ଲାସରୁମ୍ ପ୍ରୋଗ୍ରାମ ସେମାନଙ୍କୁ ସହାୟକ ହୋଇଛି । ସେହିପରି ସମସ୍ତ ବିଷୟକୁ ପ୍ରାଞ୍ଜଳ ଭାବେ ବୁଝିବା ସହ ଶୃଙ୍ଖଳିତ ଅଧ୍ୟୟନ ସୂଚୀକୁ କଡ଼ାକଡ଼ି ପାଳନ କରିବାରୁ ସଫଳତା ପାଇଥିବା ସେମାନେ ପ୍ରକାଶ କରିଛନ୍ତି । ଏଇଏସ୍‌ଏଲ୍ ରିଜିଓନାଲ ଡାଇରେକ୍ଟର ଅଜୟ ବାହାଦୁର ସିଂ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି, ନିଟ୍ ପାଇଁ ଦେଶର ୨୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଉନ୍ନତ ଶିକ୍ଷାଦାନ, କଠିନ ପରିଶ୍ରମ, ଏକାଗ୍ରତା ସହିତ ପିତା ମାତାଙ୍କ ସମର୍ଥନ ବଳରେ ତନ୍ମଧ୍ୟରେ ସ୍ଥାନ ପାଇବା ଛାତ୍ରଛାତ୍ରୀଙ୍କୁ ଆତ୍ମବିଶ୍ୱାସ ପ୍ରଦାନ କରିବ ।

## ଏନ୍‌ଟିପିସି ପକ୍ଷରୁ ବିଶ୍ୱ ପରିବେଶ ଦିବସ




ଭୁବନେଶ୍ୱର, ୫।୬ (ସମିସ): ଏନ୍‌ଟିପିସି ଅରୌୟା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଆଲୋକନଗର ଟାଉନ୍‌ଶିପ୍‌ଠାରେ ଏକ ର୍ୟାଲି ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏନ୍‌ଟିପିସି ଅରୌୟା ଚିଫ୍ ଜେନେରାଲ ମ୍ୟାନେଜର ଜୟଦେବ ପରିଡା, ଜାଗୃତି ମହିଳା ମଣ୍ଡଳର ସଭାପତି ସଂଘମିତ୍ରା ପରିଡା, ସିଆଇଏସ୍‌ଏଫ୍ ଡିସି ପିଆର୍ ରାୟ, ଏଜିଏମ୍ ଓ ଆଣ୍ଡ ଏମ୍ ଏସ୍.କେ. ବଲୟାନ୍, ଏଜିଏମ୍ ଏଚ୍‌ଆର୍ ତନ୍ମୟ ଦତ୍ତା ଏବଂ ସିଏମ୍‌ଓ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଏମ୍‌ଜି ଇଣ୍ଡିଆର ଷ୍ଟର୍ମ ସିରିଜ୍ ନିୟୁ ଗ୍ଲୋଷ୍ଟର୍ ବଜାରରେ

ଗୁରୁଗ୍ରାମ, ୫।୬: ବ୍ରିଟିଶ ଅଟୋମୋବାଇଲ ବ୍ରାଣ୍ଡ ଏମ୍‌ଜି (ମୋରିସ ଗ୍ୟାରେଜେସ୍) ଭାରତରେ ତାହାର ଡେଜର୍ଟଷ୍ଟର୍ମ ଓ ସ୍ନୋଷ୍ଟର୍ମରେ ନୂତନ ଏମ୍‌ଜି ଗ୍ଲୋଷ୍ଟର ପ୍ରଚଳନ କରିଛି । ନୂତନ ଏମ୍‌ଜି ଗ୍ଲୋଷ୍ଟର ଷ୍ଟର୍ମ ସିରିଜ୍ ଅତ୍ୟନ୍ତ ବୁଦ୍ଧିମତ୍ତାର ସହିତ ଡିଜାଇନ କରାଯାଇଛି ଏବଂ ଏହା ଅଧିକ ବିଳାସପୂର୍ଣ୍ଣ ଓ ବୋଲ୍‌ଡ ଲୁକ୍ ପ୍ରଦାନ କରୁଛି । ନୂତନ ଏମ୍‌ଜି ଗ୍ଲୋଷ୍ଟର ଡେଜର୍ଟ ଷ୍ଟର୍ମ ବ୍ଲାକଷ୍ଟର୍ମର ଉପାଦାନଗୁଡିକରୁ ପ୍ରେରଣା ଲାଭ କରି ଏକ ଡିପ୍ ଗୋଲ୍‌ଡେନ ଏକ୍ସଟେରିୟରରେ ଆସୁଛି ଏବଂ ସ୍ନୋଷ୍ଟର୍ମ ପର୍ଲ ହ୍ୱାଇଟ ଓ ବ୍ଲାକ୍ ଏକ୍ସଟେରିଅର୍‌ର ଏକ ଡୁଆଲ-ଟୋନ୍‌ରେ ଆସୁଛି ଯାହା ଯାତ୍ରା କରିବା ସମୟରେ ନିଶ୍ଚିତ ଭାବରେ ଦୃଷ୍ଟି ଆକର୍ଷଣ କରିବ । ନୂତନ ଗ୍ଲୋଷ୍ଟର ଡେଜର୍ଟଷ୍ଟର୍ମ ଡପ୍ ଗୋଲଡେନ୍ ଏକ୍ସଟେରିୟର ସହିତ ବୋଲ୍‌ଡ ବ୍ଲାକ ହାଇଲାଇଟସ୍ ସମ୍ମିଶ୍ରଣରେ ଏକ ଷ୍ଟ୍ରାଇକିଂ କଣ୍ଟ୍ରାଷ୍ଟରେ ଆସୁଛି ଯାହା କମାଣ୍ଡିଂ ବ୍ଲାକ୍ ଗ୍ରିଲରୁ ନେଇ ରେଡ କାଲିପର୍ସ ଥିବା ବ୍ଲାକ ଆଲୟ ହ୍ୱିଲ୍‌ରେ ଆସୁଛି । ଏମ୍‌ଜି ଗ୍ଲୋଷ୍ଟର ଆକର୍ଷଣୀୟ ମୂଲ୍ୟ ୩୮.୮୦ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ରୁ ଆରମ୍ଭ । ଏହାର ବଜାର ପ୍ରବେଶ ସମ୍ପର୍କରେ ମତଦେଇ ସତୀନ୍ଦର ସିଂହ ବାଜୱା, ଚିଫ୍ କମର୍ସିଆଲ ଅଫିସର ଏମ୍‌ଜି ମୋଟର ଇଣ୍ଡିଆ କହିଛନ୍ତି, ଗ୍ଲୋଷ୍ଟର ଭାରତୀୟ ଏସ୍‌ୟୁଭିପ୍ରେମୀଙ୍କ ମଧ୍ୟରେ ଏହାର ଡିଜାଇନ, ସ୍ଥାନ, ପ୍ରିମିୟମ ବୈଶିଷ୍ଟ୍ୟାବଳୀ ଏବଂ ଅତୁଳନୀୟ ସ୍ୱାଚ୍ଛନ୍ଦ୍ୟ ଓ ଆରାମ ନିମନ୍ତେ ଲୋପ୍ରିୟତା ହାସଲ କରିଛି । ଗତବର୍ଷ ବଜାର ପ୍ରବେଶ କରିଥିବା ଗ୍ଲୋଷ୍ଟର ବ୍ଲାକଷ୍ଟର୍ମ ପାଇଁ ପ୍ରିମିୟମ ଏସ୍‌ୟୁଭି କ୍ରେତାଙ୍କ ନିକଟରୁ ଆମେ ସକାରାତ୍ମକ ପ୍ରତିକ୍ରିୟା ହାସଲ କରିଥିଲୁ ।



**ଫୁଡ୍ କମ୍ପାନୀଙ୍କୁ ଏଫ୍‌ଏସ୍‌ଏସ୍‌ଏଆଇର ନିର୍ଦ୍ଦେଶ**

# ଲେବଲ୍ ଓ ବିଜ୍ଞାପନରୁ 'ଶତ ପ୍ରତିଶତ ଫଳ-ରସ' ଦାବି ହଟାଅ

ନୂଆଦିଲ୍ଲୀ, ୫।୬ (ଏଜେନ୍ସି)




ତୁରନ୍ତ ପ୍ରଭାବ ସହିତ ଫଳ ରସର ଲେବଲ୍ ଏବଂ ବିଜ୍ଞାପନରୁ 'ଶତ ପ୍ରତିଶତ ଫଳରସ' ବାଲି କରାଯାଉଥିବା ଦାବିକୁ ହଟାଇବାକୁ ଏଫ୍‌ଏସ୍‌ଏସ୍‌ଏଆଇ ସମସ୍ତ ଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀକୁ ନିର୍ଦ୍ଦେଶ ଦେଇଛି । ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଏସ୍‌ଏଆଇ) ସୋମବାର (ଜୁନ୍ ୩) ଏକ ବିବୃତ୍ତି ଜାରି କରି କେବଳ ଏହି ସୂଚନା ଦେଇନାହିଁ, ଏଫ୍‌ଏସ୍‌ଏସ୍‌ଏଆଇ ସମସ୍ତ ଖାଦ୍ୟ କମ୍ପାନୀଗୁଡ଼ିକୁ ୨୦୨୪ ସେପ୍ଟେମ୍ବର ପହିଲା ପୂର୍ବରୁ ସେମାନଙ୍କ ପୂର୍ବରୁ ପ୍ରିଣ୍ଟିଂ ପ୍ୟାକେଜିଂ ସାମଗ୍ରୀ ବାହାର କରିବାକୁ କହିଛି ।

ଏଫ୍‌ଏସ୍‌ଏସ୍‌ଏଆଇ କହିଛି ଯେ, ଆମେ ଜାଣିବାକୁ ପାଇଛୁ ଯେ, ଅନେକ ଫୁଡ୍ ବିଜନେସ୍ ଅପରେଟର (ଏଫ୍‌ବିଓ) ବିଭିନ୍ନ ପ୍ରକାରର 'ରିକନ୍‌ଷ୍ଟିଟ୍ୟୁଟ୍' ବା ପୁନଃପ୍ରସ୍ତୁତଯୋଗ୍ୟ ଫଳ ରସକୁ ଭୁଲ ଭାବରେ ମାର୍କେଟିଂ କରୁଛନ୍ତି ଏବଂ ସେଗୁଡିକ' ଶତ ପ୍ରତିଶତ ଫଳ ରସ ବୋଲି ଦାବି କରୁଛନ୍ତି । ଖାଦ୍ୟ ନିରାପତ୍ତା ଏବଂ ମାନକ ନିୟାମକରେ ଶତ ପ୍ରତିଶତ ଦାବି ପାଇଁ କୌଣସି ବ୍ୟବସ୍ଥା ନାହିଁ । ଏଫ୍‌ଏସ୍‌ଏସ୍‌ଏଆଇ ଆହୁରିମଧ୍ୟ କହିଛି, 'ଅନୁସନ୍ଧାନ ପରେ ଖାଦ୍ୟ ନିୟାମକ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ଖାଦ୍ୟ ନିରାପତ୍ତା ଏବଂ ମାନକ (ବିଜ୍ଞାପନ ଏବଂ ଦାବି) ନିୟମାବଳୀ ୨୦୧୮ ଅନୁଯାୟୀ ଶତ ପ୍ରତିଶତ ଦାବି କରିବାର କୌଣସି ବ୍ୟବସ୍ଥା ନାହିଁ । କମ୍ପାନୀଗୁଡିକ ପାଣି ଏବଂ ଫଳର ଏକାଗ୍ରତା କିମ୍ବା ଡାଲି ବ୍ୟବହାର କରି ଫଳ ରସ ପ୍ରସ୍ତୁତ କରୁଛନ୍ତି । ଖାଦ୍ୟ ନିୟାମକ କହିଛନ୍ତି ଯେ ଏଭଳି ଦାବି ବିଭ୍ରାନ୍ତିକର । ଖାଦ୍ୟ କମ୍ପାନୀଗୁଡିକ ରସ ଉପାଦାନ ତାଲିକାରେ 'ରିକନ୍‌ଷ୍ଟିଟ୍ୟୁଟ୍' ଶବ୍ଦ ଉଲ୍ଲେଖ କରିବା ଉଚିତ୍ । ଭାରତର ଖାଦ୍ୟ ଆଇନ ଅନୁଯାୟୀ, ଖାଦ୍ୟ କମ୍ପାନୀଗୁଡିକ ପାଇଁ 'କନ୍‌ଷ୍ଟିଟ୍ୟୁଟ୍'ରୁ 'ରିକନ୍‌ଷ୍ଟିଟ୍ୟୁଟ୍' ହୋଇଥିବା ଜୁସ୍‌ର ନାମ ଆଗରେ ଥିବା ଉପାଦାନ ତାଲିକାରେ 'ରିକନ୍‌ଷ୍ଟିଟ୍ୟୁଟ୍' ଗଶବ୍ଦ ଉଲ୍ଲେଖ କରିବା ବାଧ୍ୟତାମୂଳକ ।

ଅତିରିକ୍ତ ଭାବରେ, ଯଦି ପୁଷ୍ଟିକର ମିଠା ପରିମାଣ ୧୫ଜିଏମ୍/କେଜିରୁ ଅଧିକ, ଏହି ଉତ୍ପାଦକୁ 'ମିଠା ଜୁସ୍' ନାମରେ ନାମିତ କରାଯିବା ଉଚିତ୍ । ଯେପରିକି ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ ଯଥା ଆଇସିଏମ୍‌ଆର୍ କହିଛି ଯେ ପ୍ୟାକେଜ୍ ଖାଦ୍ୟ ଉପରେ ଲେବଲ୍ ଦାବି ବିଭ୍ରାନ୍ତିକର ହୋଇପାରେ । ସ୍ୱାସ୍ଥ୍ୟ ଅନୁସନ୍ଧାନ ସଂସ୍ଥା ଆଇସିଏମ୍‌ଆର ଏହା ମଧ୍ୟ କହିଛି ଯେ ଗ୍ରାହକମାନେ ପ୍ୟାକେଜ୍ ଖାଦ୍ୟ ଉପରେ ଦିଆଯାଇଥିବା ସୂଚନାକୁ ଯତ୍ନର ସହ ପଢ଼ିବା ଉଚିତ୍, ଯାହା ଦ୍ୱାରା ସେମାନେ ସୂଚନା ପାଇବେ ଏବଂ ନିଜ ପାଇଁ ସୁସ୍ଥ ଖାଦ୍ୟ ବାଛି ପାରିବେ ।